RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 44 ♦ISSUE-33 ♦MONDAY ♦27 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୩ ♦ସୋମବାର ♦୨୭ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଈ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

■ ଗ୍ଲାସଗୋ, ୨୬।୭ (ଏଜେନ୍ସି): ମହାନ ଭାରୋତ୍ତୋଳିକା ମୀରାବାଈ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଈ ଏହି ସଫଳତା ପାଇଛନ୍ତି। ଏଥିରେ ମୀରାବାଈ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କ୍ରିଗା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଈଙ୍କ ଏହା ହେଉଛି ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିଂହାମ ସଂସ୍କରଣରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଈ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଈଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଈଙ୍କ ପୂର୍ବରୁ ରବିବାର ଅପରାହ୍ଣରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

■ ପୁରୀ, ୨୬।୭ (ସମିସ): ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

■ ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଅଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ଦେଶରେ ଆକ୍ରୋଶ ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

■ ଭୁବନେଶ୍ୱର, ୨୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

### ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ହେବାର ରହିଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

## ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

■ କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ): ରବିବାର ଅପରାହ୍ନରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି। କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ନରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ▶ପୃଷ୍ଠା-୭




# ସିଜେପି ପରେ ଇଜେପି

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି।

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ସହିତ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ▶ପୃଷ୍ଠା-୭

# ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

■ ଭାପୁର, ୨୬।୭ (ସମିସ): ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ।

### ମା' ଅସୁସ୍ଥ

ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖିଥିବା ବେଳେ କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ୧୦୪୦ ନିୟୁତ ୟୁନିଟ୍ ଉତ୍ପାଦନ ପାଇଁ ୧୦୮୩ ନିୟୁତ ୟୁନିଟ୍ ବିଜୁଳି ଖର୍ଚ୍ଚ

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

■ ଭୁବନେଶ୍ୱର, ୨୬।୭ (ସମିସ): ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବା ବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭






## ଅଖିଳେଶଙ୍କୁ ମେଣ୍ଟ ପାଇଁ ପ୍ରସ୍ତାବ ଦେଲେ ଓୱେସୀ

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ ସମାଜବାଦୀ ପାର୍ଟି (ଏସ୍‌ପି) ସଭାପତି ଅଖିଳେଶ ଯାଦବଙ୍କୁ ମେଣ୍ଟର ପ୍ରସ୍ତାବ ଦେଇଛନ୍ତି। ମୋରାଦାବାଦର ଏକ ସଭାରେ ଭାଷଣ ଦେଇ ସେ କହିଛନ୍ତି, ବିଜେପିକୁ ପୁଣିଥରେ କ୍ଷମତାକୁ ଆସିବାରୁ ରୋକିବା ପାଇଁ



ସେ ସମାଜବାଦୀ ପାର୍ଟି ସହ ମିଶି କାମ କରିବାକୁ ପ୍ରସ୍ତୁତ। ଓୱେସୀ କହିଛନ୍ତି, 'ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁଣି କହୁଛି, ଉତ୍ତରପ୍ରଦେଶରେ ବିଜେପି ପୁଣି ସରକାର ଗଠନ କରୁ ବୋଲି ଆମେ ଚାହୁଁନାହୁଁ। ମୁଁ ହାତ ମିଳାଇବାକୁ ପ୍ରସ୍ତୁତ, ମେଣ୍ଟ କରିବାକୁ ପ୍ରସ୍ତୁତ। ଏବେ ଆଲୋଚନା କରନ୍ତୁ, କିନ୍ତୁ ନିର୍ବାଚନ ସରିବା ପରେ ଯେପରି କାନ୍ଦିବେ ନାହିଁ।' ବିଜେପି ପକ୍ଷରୁ ଲାଗୁଥିବା 'ବି-ଟିମ୍' ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ଏଆଇଏମ୍ଆଇଏମ୍‌ର ସଂଗ୍ରାମ କୌଣସି ଧର୍ମ ବିରୋଧରେ ନୁହେଁ, ବରଂ ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ। ଅଖିଳେଶ ଯାଦବଙ୍କ ସହ ବସି ଅଧିକାର ଓ ନ୍ୟାୟର ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ତେବେ ଏଆଇଏମ୍ଆଇଏମ୍ ସହ ମେଣ୍ଟ କରିବା ନେଇ ସମାଜବାଦୀ ପାର୍ଟି କୌଣସି ପ୍ରତିକ୍ରିୟା ଦେଇନାହିଁ। ଉଭୟ ଦଳ ସମାନ ଭୋଟ୍ ବ୍ୟାଙ୍କକୁ ଲକ୍ଷ୍ୟ କରୁଥିବାରୁ ଏହି ପ୍ରସ୍ତାବ ଉପରେ ଏସ୍‌ପି କିପରି ନିଷ୍ପତ୍ତି ନେବ, ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆଉ ନିର୍ବାଚନ ଲଢ଼ିବେନି ସିଦ୍ଦରମୈୟା

ବେଙ୍ଗାଲୁରୁ,୨୬।୭(ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଦରମୈୟା ୨୦୨୮ ମସିହାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ବୟସାଧିକ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ରାଜନୀତିରେ ବୃଦ୍ଧି ପାଉଥିବା ଦୁର୍ନୀତିକୁ କାରଣ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ୭୯ ବର୍ଷୀୟ ଏହି ନେତା



ଜଣାଇଛନ୍ତି ଯେ, ଆଗାମୀ ନିର୍ବାଚନ ସମୟକୁ ତାଙ୍କୁ ୮୧-୮୨ ବର୍ଷ ହୋଇଥିବ। ଶରୀର ପୂର୍ବ ଭଳି ସହାୟତା ଦେଉନଥିବାରୁ ଏବଂ ଆଜିକାଲିର ନିର୍ବାଚନୀ ରାଜନୀତି ଅତ୍ୟନ୍ତ କଳୁଷିତ ହୋଇଯାଇଥିବାରୁ ସେ କୌଣସି ନିର୍ବାଚନୀ ପଦବୀ ପାଇଁ ଲଢ଼ିବେ ନାହିଁ। ତେବେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରି ଗଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ଜନସାଧାରଣଙ୍କ ସେବା ଓ ସେମାନଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଜାରି ରଖିବେ।

## ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେପି

ଚଣ୍ଡିଗଡ଼,୨୬।୭(ଏଜେନ୍ସି): କେନ୍ଦ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପଞ୍ଜାବରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ରାଜନୀତି ତୀବ୍ର ହୋଇଛି। ବିଜେପି ପଞ୍ଜାବର ଶିକ୍ଷାମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଓ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ପଞ୍ଜାବରେ ପିଏସ୍‌ଇବି ପରୀକ୍ଷା, ପିଏସ୍‌ଟିଇଟି, ନାଏବ ତହସିଲଦାର ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ଘଟିଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱରେ ଇସ୍ତଫା ଦାବି କରିଛନ୍ତି। ଏହାର ଜବାବରେ ଭଗବନ୍ତ ମାନ କହିଛନ୍ତି, ଗତ ସାଢେ ଚାରି ବର୍ଷରେ ପଞ୍ଜାବରେ ଗୋଟିଏ ବି ପେପର ଲିକ୍ ହୋଇନାହିଁ। କେବଳ ଦୁଇଟି ସ୍ଥାନରେ ନକଲ ଉଦ୍ୟମ ଧରାପଡ଼ିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କହିଛନ୍ତି, ପେପର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ଓ ଭୁଲ୍ ପ୍ରଚାର। ଆମ୍ ଆଦମୀ ପାର୍ଟି ମଧ୍ୟ ବିଜେପି ଓ କଂଗ୍ରେସ ଉପରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଥିବା ଅଭିଯୋଗ ଆଣିଛି।

## ନିର୍ବାଚନ ଲଢ଼ିବା ବୟସ ୨୧ କରିବାକୁ ତେଲଙ୍ଗାନାର ପ୍ରସ୍ତାବ

ହାଇଦରାବାଦ,୨୬।୭(ଏଜେନ୍ସି): ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବନିମ୍ନ ବୟସ ସୀମାକୁ ୨୫ ବର୍ଷରୁ ୨୧ ବର୍ଷକୁ ହ୍ରାସ କରିବା ପ୍ରସ୍ତାବ ଆଣିବାକୁ ତେଲଙ୍ଗାନା ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଅଗଷ୍ଟ ପ୍ରଥମ ସପ୍ତାହରେ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହି ପ୍ରସ୍ତାବ ପାରିତ କରାଯିବ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ହାଇଦରାବାଦରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ରାଲିରେ ଯୋଗଦେଇ ରେବନ୍ତ ରେଡ୍ଡୀ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଯୁବବର୍ଗ ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ କମ୍। ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକମାନେ ଆଇଏଏସ୍, ଆଇପିଏସ୍, ମେୟର ଓ ଜିଲ୍ଲା ପରିଷଦ ସଭାପତି ହୋଇପାରୁଥିବାବେଳେ ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ମଧ୍ୟ ପାଇବା ଉଚିତ୍। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ।

# ଇନ୍‌ଷ୍ଟା ବଦଳାଇଲା ଆନ୍ଦୋଳନର ଧାରା



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):

ଦୀର୍ଘଦିନ ଧରି ଦେଶର ଯୁବପିଢ଼ିକୁ ସାମାଜିକ ଗଣମାଧ୍ୟମ ଓ ମୋବାଇଲ୍ ଫୋନ୍‌ରେ ବ୍ୟସ୍ତ ରହୁଥିବା ଏକ ଅସଚେତନ ଗୋଷ୍ଠୀ ଭାବେ ଦେଖାଯାଉଥିଲା। କିନ୍ତୁ ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ହୋଇଥିବା ଆନ୍ଦୋଳନ ।।ସେହି ଦୃଷ୍ଟିକୋଣକୁ ବଦଳାଇଛି। ବିନା ରାଜନୀତି ଏବଂ ବିନା ସଂଗଠନରେ ସମାଜରେ ସଂସ୍କାର ଲାଗି ଇନଷ୍ଟାଗ୍ରାମ ସାମାଜିକ ଗଣମାଧ୍ୟମ କିପରି ଅସ୍ତ୍ର ରୂପେ ବ୍ୟବହାର ହୋଇପାରିବ, ତାହାର ଉଦାହରଣ ସୃଷ୍ଟି କରିଛି ଯନ୍ତର ମନ୍ତର ଆନ୍ଦୋଳନ। ବେକାର ଯୁବଗୋଷ୍ଠୀକୁ ପ୍ରଧାନ ବିଚାରପତି ଅସରପା ସହ ତୁଳନା କରିବା ପରେ ଆମେରିକାରେ ରହୁଥିବା ଭାରତୀୟ ଯୁବକ ଅଭିଜିତ ଦିପକେ ଏହାକୁ ତାଙ୍କର ଇନଷ୍ଟାଗ୍ରାମରେ ବ୍ୟଙ୍ଗାତ୍ମକ ଭାବେ ପୋଷ୍ଟ କରିଥିଲେ। ଦେଶର ବେକାର ଓ ଅଳସୁଆ ଯୁବ ଗୋଷ୍ଠୀକୁ ନେଇ ବ୍ୟଙ୍ଗାତ୍ମକ ଭାବେ କକ୍ରୋଚ ଜନତା ପାର୍ଟି ଗଠନ କଥା କହିଥିଲେ। ତାଙ୍କର ଏହି ବ୍ୟଙ୍ଗ ଭାରତୀୟ ଯୁବପିଢ଼ିକୁ ଏମିତି ଛୁଇଁଲା ଯେ ଇନଷ୍ଟାରେ ଯେମିତି ବିସ୍ଫୋରଣ ହେବାକୁ ଲାଗିଲା। ଚାହୁଁଚାହୁଁ କକ୍ରୋଚ ପାର୍ଟିର ଇନଷ୍ଟା ପେଜରେ ଫଲୋଅର ସଂଖ୍ୟା ୨୨ ନିୟୁତ ଟପିଗଲା। ଦୀର୍ଘ ଦିନ ଧରି ନିଜ ମନ ଭିତରେ ଚାପି ରଖିଥିବା ଅସନ୍ତୋଷକୁ ଯୁବ ଗୋଷ୍ଠୀ ମେମେ, ବ୍ୟଙ୍ଗ ଏବଂ ରିଲ୍ସ ଜରିଆରେ ପ୍ରକାଶ କରିବାକୁ ଲାଗିଲେ। କକ୍ରୋଚ୍ ପାର୍ଟିର ଇନଷ୍ଟା ପେଜ୍ ହଟାଇବା ଲାଗି ଉଦ୍ୟମ ଏହାକୁ ଆହୁରି ଲୋକପ୍ରିୟ କରିଥିଲା। ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଲାଗି ଆନ୍ଦୋଳନ ଉଦ୍ଦେଶ୍ୟରେ ଅଭିଜିତ୍ ଜୁନ୍ ୬ ତାରିଖରେ ଦିଲ୍ଲୀରେ ପଦାର୍ପଣ କରିବା ସମୟରେ ସେ ଭାବିନଥିଲେ ଯେ ତାଙ୍କର ଏହି ଛୋଟ ବ୍ୟଙ୍ଗରୁ ଏତେ ବଡ଼ ଆନ୍ଦୋଳନ ହେବ। ସରକାର ମଧ୍ୟ ବୋଧହୁଏ ଏପରି କଳ୍ପନା କରିନଥିଲେ। ଯନ୍ତର ମନ୍ତରରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବିଶେଷ ଗଣମାଧ୍ୟମରେ ବିଶେଷ ଗୁରୁତ୍ୱ ଦିଆଯାଇନଥିଲା। ତେବେ ଇନଷ୍ଟାଗ୍ରାମ ଜରିଆରେ ଯନ୍ତର ମନ୍ତରରେ ଯୁବଗୋଷ୍ଠୀକୁ ଏକାଠି କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ପାରମ୍ପରିକ ଗଣମାଧ୍ୟମ ବଦଳରେ କକ୍ରୋଚ୍ ପାର୍ଟି ଯୁବଗୋଷ୍ଠୀକୁ ଏକାଠି ଓ ଶୃଙ୍ଖଳିତ କରିବା ଲାଗି ଇନଷ୍ଟାଗ୍ରାମର ସହାୟତା ନେଇଥିଲେ। ଇନଷ୍ଟା ଜରିଆରେ ସ୍ଲୋଗାନ ଓ ପ୍ରତିବାଦର ଯୋଜନା ପ୍ରସ୍ତୁତ କରାଯିବା ସହିତ ଆନ୍ଦୋଳନର ରୂପରେଖ ଏହି ଇନଷ୍ଟା ଜରିଆରେ କରାଯାଇଥିଲା।

**ଜେନ୍-ଜି ଆନ୍ଦୋଳନରୁ ୬ଟି ବଡ଼ ଶିକ୍ଷା**

ଏଥିରୁ ୬ଟି ଶିକ୍ଷା ମିଳିଲା। ପ୍ରଥମଟି ହେଲା ଯେଉଁ ସାମାଜିକ ଗଣମାଧ୍ୟମକୁ ବ୍ୟର୍ଥ ବୋଲି କୁହାଯାଉଥିଲା, ତାହାହିଁ ସଂଗଠିତ ହେବାର ମୁଖ୍ୟ ହାତିଆର ପାଲଟିଲା। ଇନଷ୍ଟାଗ୍ରାମ୍ ଭିଡିଓ, ମିମ୍ ଏବଂ ୟୁଟ୍ୟୁବ୍ ପ୍ରସାରଣ ଜରିଆରେ କୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଦ୍ରୁତ ଗତିରେ ତଥ୍ୟ ପହଞ୍ଚିପାରିଲା। କୌଣସି ବଡ଼ ନେତା ନୁହଁନ୍ତି, ବରଂ ଭବିଷ୍ୟତକୁ ନେଇ ଚିନ୍ତିତ ସାଧାରଣ ଛାତ୍ରମାନେ ଏହାର ନେତୃତ୍ୱ ନେଇଥିଲେ। ଦ୍ୱିତୀୟଟି ହେଲା ।।ଯେ ଶିକ୍ଷା ହିଁ ମୁଖ୍ୟ ପ୍ରସଙ୍ଗ ବୋଲି ଜଣାପଡ଼ିଲା। ତୃତୀୟଟି ହେଲା ଜନମତକୁ ସର୍ବଦା ଅସ୍ୱୀକାର କରି ଶାସନ ଚାଲିପାରିବ ନାହିଁ। ଚତୁର୍ଥଟି ହେଲା ବ୍ୟକ୍ତିକେନ୍ଦ୍ରିକ ନୁହେଁ, ଗୋଷ୍ଠୀଗତ ନେତୃତ୍ୱ ମଧ୍ୟ ସଫଳ ହୋଇପାରେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଆନନ୍ଦୋଳନ ଦ୍ୱାରା ଦେଶର ଶାସକବର୍ଗଙ୍କୁ ଶୁଣିବାକୁ ବାଧ କରାଯାଇପାରିବ, ତାହା ଏହି ସଂଗ୍ରାମ ପ୍ରମାଣିତ କରିଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ଏହି ବିଦ୍ରୋହକୁ ପ୍ରଥମେ ପ୍ରାଧାନ୍ୟ ଦେଇନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମାଧ୍ୟମ ଜରିଆରେ ଏହି ସ୍ୱର ଦେଶବ୍ୟାପୀ ପହଞ୍ଚିପାରିଲା। ଛୋଟ ଛୋଟ ଭିଡିଓ ସନ୍ଦେଶ ଦ୍ୱାରା ମଧ୍ୟ ଦେଶର ରାଜନୈତିକ ଚିନ୍ତାଧାରାକୁ ବଦଳାଯାଇପାରିବ, ତାହା ସ୍ପଷ୍ଟ ହୋଇଯାଇଛି।

# ୭୨ ଘଣ୍ଟାରେ ବଦଳିଗଲା ସମୀକରଣ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ରାଜନୈତିକ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ପରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ ଇସ୍ତଫା ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହାପରେ ଯନ୍ତରମନ୍ତର ସମେତ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ଓ ଅନ୍ୟରାଜ୍ୟରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଜାତୀୟସ୍ତରର କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୨ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ନିଷ୍ପତ୍ତି ନିଆଯାଇଥିଲା। ସେହିଦିନ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦୁଇ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହ ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହୀ ଦତ୍ତାତ୍ରେୟ ହସବୋଲେ, ସହ ସରକାର୍ଯ୍ୟବାହୀ ଅରୁଣ କୁମାର ଓ କୃଷ୍ଣ ଗୋପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଓ ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଭାବରେ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗୋପନ ବୈଠକରେ ପ୍ରଧାନମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରସାରିତ କରିବେ ଓ ଦ୍ୱିତୀୟଟି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତଦନୁସାରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭିଡ଼ିଓ ଅପଲୋଡ଼ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ନଡ୍ଡା ଓ ଜିତେନ୍ଦ୍ର ସିଂହ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରି କନ୍‌ଷ୍ଟିଚ୍ୟୁସନ କ୍ଲବରେ ଦୁଇ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ ବୋଲି କୁହାଯାଉଛି।

ଅନ୍ୟଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କକ୍ରୋଚ୍ ପାର୍ଟି ଆନ୍ଦୋଳନ ଆରମ୍ଭ ହେବାଦିନ ଠାରୁ

**ଦୁଇଥର ପ୍ରତ୍ୟାଖ୍ୟାନ ହୋଇଥିଲା ଧର୍ମେନ୍ଦ୍ରଙ୍କ ଇସ୍ତଫା**

ଧର୍ମେନ୍ଦ୍ର ଇସ୍ତଫା ଦେବାକୁ ଚାହିଁଥିଲେ। ମାତ୍ର ସରକାର ସମସ୍ୟାର ସମାଧାନ ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରାଥମିକତା ଦେଇ ତାଙ୍କୁ ଦାୟିତ୍ୱରେ ରହିବାକୁ କହିଥିଲେ। ତେଣୁ ସରକାର ଶିକ୍ଷା ସଚିବଙ୍କୁ ବିଦା କରିବା ସହିତ ରାତାରାତି ଏନଟିଏର ୪୭ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଏହାର କକ୍ରୋଚ୍ ପାର୍ଟି ନେତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା।



ସେମାନେ ଜଣାଇଦେଇଥିଲେ ଯେ ଧର୍ମେନ୍ଦ୍ର ଇସ୍ତଫା ନଦେଲେ ସେମାନେ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ଦାବି କରିବେ। ଏଥିପାଇଁ ସେମାନେ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେବା ସହିତ ଚେତାବନୀ ଦେଇଥିଲେ ଯେ ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ପୁଣି 'ସଂସଦ ଚଲୋ' ଭଳି ବୃହତ୍ ପ୍ରତିବାଦ ଯାତ୍ରା ବାହାର କରିବେ। ଏହାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଥିଲେ।

ଗୁଇନ୍ଦା ବିଭାଗ ମଧ୍ୟ ରିପୋର୍ଟ ଦେଇଥିଲା ଯେ ଜୁଲାଇ ୨୦ କାର୍ଯ୍ୟାନୁଷ୍ଠାନ ପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯନ୍ତର ମନ୍ତରରେ ଭିଡ଼ ବଢ଼ିବାରେ ଲାଗିଛି। ଏହାସହିତ ଦେଶସାରା ଆନ୍ଦୋଳନ ମଧ୍ୟ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥଳରେ ଆନ୍ଦୋଳନକାରୀ ପୁଣି ସଂସଦ ଆଡ଼କୁ ଆସିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଗୁଇନ୍ଦା ରିପୋର୍ଟ ଏବଂ କକ୍ରୋଚ୍ ପାର୍ଟିର ଜିଦ୍ ଯୋଗୁଁ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ କରିବାକୁ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁପାରିସ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ।

## ଏହା କେବଳ ଆରମ୍ଭ ମାତ୍ର: ଅଭିଜିତ୍



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଏବଂ ସରକାର ଅନ୍ୟ ଦାବିଗୁଡ଼ିକୁ ମାନିନେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଆନ୍ଦୋଳନ ପ୍ରତ୍ୟାହୃତ କରିଛି। ଏହି ସଫଳତା ପରେ ପାର୍ଟିର ସଂସ୍ଥାପକ ତଥା ୩୦ ବର୍ଷୀୟ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ସମର୍ଥକଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ 'କେବଳ ଆରମ୍ଭ' ବୋଲି ଆଖ୍ୟା ଦେଇଛନ୍ତି। ଆନ୍ଦୋଳନର ୩୭ ଦିନ ଅତ୍ୟନ୍ତ କଷ୍ଟକର ଥିଲା ବୋଲି ଦୀପକେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ଆଜି ସକାଳେ କୌଣସି ଚିନ୍ତା ନଥାଇ ଶାନ୍ତିରେ ଶୋଇ ଉଠିଥିବା କଥା ସେ କହିଛନ୍ତି। ଟାଇଫଏଡ୍‌ରେ ପୀଡ଼ିତ ଥିବା ସତ୍ତ୍ୱେ ଦୀପକେ ଯନ୍ତରମନ୍ତରରେ ଏକାଠି ହୋଇଥିବା ସମସ୍ତ ଯୁବପିଢ଼ି ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସମାଲୋଚକଙ୍କୁ ଉତ୍ତର ଦେଇ ସେ କହିଛନ୍ତି ଯେ ସମାଲୋଚନା ହିଁ ସେମାନଙ୍କୁ ଭୁଲ ସୁଧାରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାରେ ସାହାଯ୍ୟ କରିଛି। ଚଳିତ ବର୍ଷ ମେ' ମାସରେ ଏକ ବ୍ୟଙ୍ଗାତ୍ମକ ପ୍ରତିକ୍ରିୟାରୁ ଆରମ୍ଭ ହୋଇଥିବା ଏହି 'କକ୍ରୋଚ୍ ଜନତା ପାର୍ଟି' କମ୍ ସମୟ ମଧ୍ୟରେ ଦେଶର ଲକ୍ଷ ଲକ୍ଷ ଜେନ୍-ଜି (ଯୁବପିଢ଼ି)ଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭ ଶେଷ ହୋଇଛି। ତେବେ ସିଜେପିର ଆଗାମୀ ଯାତ୍ରା ଏତିକିରେ ସରିନାହିଁ ଏବଂ ଆଗକୁ ଏହା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ତଥା ସମସ୍ୟା ଉପରେ କାର୍ଯ୍ୟ କରିବ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି।

## ନିଟ୍ ପ୍ରତିବାଦ ମାମଲାରେ ତେଜ ପ୍ରତାପ ଗିରଫ

ପାଟନା/କୋଲକାତା, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ପ୍ରତିବାଦରେ ସମ୍ପୃକ୍ତି

**ପ୍ରତିଶ୍ରୁତି ସତ୍ତ୍ୱେ ଗିରଫଦାରୀ, କୋଲକାତାରେ ଚଢ଼ଉ**



ଅଭିଯୋଗରେ ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ (ଜେଜେଡି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ଜୁଲାଇ ୨୫ ସନ୍ଧ୍ୟାରେ ପାଟନାର ଏକ ମଲ୍‌ରୁ ତାଙ୍କୁ ଗିରଫ କରାଯାଇଥିଲା, ଯେତେବେଳେ ଏଫ୍‌ଆଇଆର୍ ପରଦିନ ରୁଜୁ ହୋଇଥିଲା। ପୁଲିସ ଅଭିଯୋଗ କରିଛି ଯେ, ତେଜ ପ୍ରତାପଙ୍କ କାର୍ଯ୍ୟକଳାପ ଯୋଗୁଁ ନିଟ୍ ପ୍ରତିବାଦ ଉଗ୍ର ହୋଇ ସରକାରୀ ସମ୍ପତ୍ତିର କ୍ଷତି ଘଟିଥିଲା। ତାଙ୍କୁ ରବିବାର ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି। ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ସମର୍ଥନ କରିଥିବାରୁ ତେଜ ପ୍ରତାପଙ୍କୁ ଗିରଫ କରାଯାଇଛି। ସେପଟେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଶ୍ଚିମବଙ୍ଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଓ ୧୪ ଜଣଙ୍କୁ ଗିରଫ କରିଛି।

## ୧୩ ଦିନ ପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଇରାନ ଉପରେ କ୍ରମାଗତ ୧୩ ଦିନ ଧରି ଚାଲିଥିବା ସାମରିକ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କୂଟନୈତିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପେଣ୍ଟାଗନ୍‌ରେ ମିସାଇଲ୍ ସଂରକ୍ଷଣ ହ୍ରାସ ପାଇବା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଅନୁସାରେ, ସାମରିକ ଆକ୍ରମଣର ସୀମା ପହଞ୍ଚିସାରିଛି ଏବଂ ଏବେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ। ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପାଖରେ 'ପାଟ୍ରିଓଟ୍' ଆକାଶ ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଦେଖାଦେଇଛି। ନିକଟରେ ୧,୨୦୦ରୁ ଅଧିକ ମିସାଇଲ୍ ବ୍ୟବହାର ହୋଇସାରିଥିବାରୁ ଅଧିକ ଆକ୍ରମଣ କଲେ ଯୁଦ୍ଧାସ୍ତ୍ରର ଘୋର ଅଭାବ ହେବ ବୋଲି ପେଣ୍ଟାଗନ୍ ଅଧିକାରୀମାନେ ଚେତାବନୀ ଦେଇଥିଲେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସାମରିକ ନେତାମାନେ ଯୁଦ୍ଧକୁ ବ୍ୟାପକ ନକରିବା ପାଇଁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଓମାନର ଏକ ପ୍ରତିନିଧି ଦଳ ତେହରାନ୍‌ରେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ଯଦିଓ ବର୍ତ୍ତମାନ ପାଇଁ ଆକ୍ରମଣ ସ୍ଥଗିତ ରହିଛି, ତଥାପି ଆମେରିକା ନିଜର ସାମରିକ ବିକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିନାହିଁ। କୂଟନୈତିକ ଆଲୋଚନା ବିଫଳ ହେଲେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

**ସରିଗଲା କ୍ଷେପଣାସ୍ତ୍ର ?**

## ଚୀନରେ ବାତ୍ୟା 'ନୋଉଲ୍' ତାଣ୍ଡବ

ବେଜିଂ,୨୬।୭(ଏଜେନ୍ସି): ଚୀନର ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରବିବାର ଟାଇଫୁନ୍ ତଥା ବାତ୍ୟା 'ନୋଉଲ୍' ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି



**ଆକସ୍ମିକ ବନ୍ୟାରେ ୧୦ ମୃତ, ଶହ ଶହ ବିମାନ, ଟ୍ରେନ୍ ବାତିଲ୍**

ଘଟିଛି। ଗାନସୁ ପ୍ରଦେଶରେ ଆକସ୍ମିକ ବନ୍ୟାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦକ୍ଷିଣ ଚୀନରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ହୁଇଝୋଉ ସହର ନିକଟରେ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗର ପବନ ସହ ଟାଇଫୁନ୍ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହା ପରେ ୪୧୦ରୁ ଅଧିକ ବିମାନ ଓ ୧୫୦ଟି ହାଇସ୍ପିଡ୍ ଟ୍ରେନ୍ ସେବା ବାତିଲ୍ କରାଯାଇଥିଲା। ହଂକଂରେ ୨୮ଟି ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଖୋଲାଯାଇଛି। ଚୀନ ସରକାର ଗୁଆଙ୍ଗଡୋଙ୍ଗରେ ଲେଭେଲ-୪ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବ୍ୟବସ୍ଥା ଲାଗୁ କରିଥିବାବେଳେ ଫୁଜିଆନ୍, ଜିଆଙ୍ଗସି, ହେନାନ୍, ହୁବେଇ, ହୁନାନ୍ ଓ ଗୁଆଙ୍ଗସି ପ୍ରଦେଶରେ ମଧ୍ୟ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି।

## ଶତ୍ରୁ ଷଡ଼ଯନ୍ତ୍ରର ଜବାବ ଦେବାକୁ ଭାରତୀୟ ସେନା ପ୍ରସ୍ତୁତ

ଦ୍ରାସ,୨୬।୭(ଏଜେନ୍ସି):

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଶୌର୍ଯ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ ବିରୋଧରେ ଅନୁପ୍ରବେଶ ଓ ପ୍ରକ୍ସି ଯୁଦ୍ଧର ଷଡ଼ଯନ୍ତ୍ର ଏବେ ବି ଜାରି ରହିଛି, କିନ୍ତୁ ଦେଶର ସଶସ୍ତ୍ର ବାହିନୀ ପ୍ରତ୍ୟେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜନାଥ ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ନବସୃଜନ ମାଧ୍ୟମରେ ଭାରତୀୟ ସେନାକୁ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ କରିବା ଲକ୍ଷ୍ୟ ରହିଛି। ସେ କହିଛନ୍ତି, 'ଭାରତ ନବସୃଜନର ନୂଆ ନୂଆ ପଥ ଖୋଜୁଛି। ଯଦି କୌଣସି ଶତ୍ରୁ ଭାରତର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତାହାର ଉଚିତ୍ ଜବାବ ଦେବା ପାଇଁ ଆମର ସଶସ୍ତ୍ର ବାହିନୀ ସର୍ବଦା ପ୍ରସ୍ତୁତ।' ପ୍ରତିରକ୍ଷାମନ୍ତ୍ରୀ ସେନାରୁ 'ବଡ଼ା ଖାନା' ପରମ୍ପରାର ପ୍ରଶଂସା କରି କହିଛନ୍ତି, ଏହା ଅଧିକାରୀ



ଓ ଯବାନଙ୍କ ମଧ୍ୟରେ ଏକତା ଓ ଦଳଗତ ଭାବନାକୁ ମଜବୁତ କରେ। ସେ ଦ୍ରାସରେ ଯବାନମାନଙ୍କ ସହ ଭୋଜନ ମଧ୍ୟ କରିଥିଲେ।

## ରଡ୍ କାରଖାନାରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ସିଲଚର,୨୬।୭(ଏଜେନ୍ସି): ଆସାମର କାଛାର ଜିଲ୍ଲାର ଏକ ରଡ୍ ନିର୍ମାଣ କାରଖାନାରେ ରବିବାର ଘଟିଥିବା ଭୟଙ୍କର ବିସ୍ଫୋରଣରେ ଅତିକମରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଉଧାରବନ୍ଦ ଥାନା ଅନ୍ତର୍ଗତ ପାଙ୍ଗ୍ରାମ ସ୍ଥିତ କେଡେ ଗ୍ଲୋବାଲ୍ ଇନଫ୍ରାଷ୍ଟ୍ରକଚର୍ ଏଲଏଲପି କାରଖାନାରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟାରେ ଏହି ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣା ପରେ ପୁଲିସ, ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କାରଖାନା ଭିତରେ ଆହୁରି ଶ୍ରମିକ ଥିବା ଆଶଙ୍କା କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି।



## ପ୍ରଶାସନିକ ବିଳମ୍ବର କରୁଣ ପରିଣତି

# ଭତ୍ତା ପାଇବାର ଦିନକ ଆଗରୁ ଆଖି ବୁଜିଲେ ଦିବ୍ୟାଙ୍ଗ ଶିଶୁ

ଥୁଆମୂଳ ରାମପୁର,୨୬ ।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ଏକ ଘଟଣା ଏବେ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଉକ୍ତ ଗ୍ରାମର ଜନ୍ମରୁ ଭିନ୍ନକ୍ଷମ ଥିବା ସୁନୀଲ(୭)ଙ୍କୁ ପ୍ରାୟ ଦୁଇବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁଯାୟୀ ସେ ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଭତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗତ ମେ'୨୫ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୨ ତାରିଖରେ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ସରକାରୀ ସହାୟତା ହାତକୁ ଆସିବା ପୂର୍ବରୁ ୩ ତାରିଖରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ଜୀବନ୍ତ ଅବସ୍ଥାରେ ସରକାରୀ ସହାୟତାର ସୁଫଳ ପାଇପାରିଲେ ନାହିଁ। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଅତି ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦେଖାଶୁଣା କରିବାରେ ଅନେକ କଷ୍ଟ ସହିଥିଲେ। ଯଦି ସମୟରେ ଭତ୍ତା ମିଳିଥାନ୍ତା, ପରିବାରକୁ କିଛି ଆର୍ଥିକ ସହାୟତା ମିଳିପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଘଟଣା ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ହେଉଥିବା ବିଳମ୍ବ ଓ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ଦୁର୍ଗମ ଅଞ୍ଚଳର ଅନେକ ଯୋଗ୍ୟ ଭିନ୍ନକ୍ଷମ, ବୃଦ୍ଧ ଓ ଅସହାୟ ହିତାଧିକାରୀ ବର୍ଷ ବର୍ଷ ଧରି ଭତ୍ତ ପାଇଁ ଅପେକ୍ଷା କରୁଥିବା ବେଳେ, କେତେକ କ୍ଷେତ୍ରରେ ସହାୟତା ମିଳିବା ପୂର୍ବରୁ ସେମାନଙ୍କ ଜୀବନ ଦୀପ ଲିଭିଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶାସନକୁ ଏପରି ଘଟଣାରୁ ଶିକ୍ଷା ନେଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ଯାଞ୍ଚ କରି ସମୟମଧ୍ୟରେ ଭତ୍ତା ପ୍ରଦାନ କରିବା ସହ ଦୁର୍ଗମ ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସକ୍ରିୟ କରିବାକୁ ଦାବି କରିଛନ୍ତି। ସୁନୀଲଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ପ୍ରଶାସନିକ ବିଳମ୍ବର ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି।

# ୭ ଦିନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୬।୭ (ସମିସ): ରାଜ୍ୟକୁ ପୁଣି ଫେରିଛି ପୁସ୍ତକ ତ୍ରୁଟି ପ୍ରସଙ୍ଗ। ଜେନ-ଜି ଆନ୍ଦୋଳନ ଯୋଗୁଁ କିଛି ଦିନ ହେବ ଏହି ଚର୍ଚ୍ଚିତ ପ୍ରସଙ୍ଗ ଥମିଯାଇଥିବା ବେଳେ ପୁଣି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏମିତି କି ୭ ଦିନ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ରାସ୍ତାକୁ ମଧ୍ୟ ଜେନ-ଜୀ ଆନ୍ଦୋଳନ ଆରମ୍ଭ ହେଲେ ଆନ୍ଦୋଳନର ସବୁ ଖର୍ଚ୍ଚ କଂଗ୍ରେସ ବହନ କରିବ । ଜେନ୍-ଜୀ ଆନ୍ଦୋଳନ ପରେ ବିଜେପିର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି ଏବଂ ସରକାରର ପତନ ଏବେ ସୁନିଶ୍ଚିତ। ବିଜେପି ସରକାର ଗରିବଙ୍କ ପାଇଁ ଥିବା ଯୋଜନାକୁ ବନ୍ଦ କରିଦେଇଛି ଏବଂ ଯୁବ ସମାଜକୁ ଅଣଦେଖା କରିଛି। ଯୁବକମାନେ

## ରାସ୍ତାକୁ ଓହ୍ଲାଇବ କଂଗ୍ରେସ, ଜୋରଦାର ହେବ ଆନ୍ଦୋଳନ

ଓହ୍ଲାଇବା ପାଇଁ କଂଗ୍ରେସ ଧମକ ଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ ରାଜରାସ୍ତାରେ ଜୋରଦାର ଲଢ଼େଇ ହେବ ବୋଲି ଦଳ କହିଛି।

ନିଟ୍ ପେପର ଲିକ୍ ଓ ଏହାକୁ ନେଇ ଆନ୍ଦୋଳନ ପରେ ରବିବାର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହାପରେ ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପ୍ରହ୍ଲାଦ ଯୋଶୀ ନେଇଛନ୍ତି । ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ରାଜ୍ୟରେ ଆଜି ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ପିଲାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସାରା ଦେଶରେ ବିଜେପି ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଭକ୍ତ ଦାସ କହିଛନ୍ତି। ସେ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

**ବିଇଡି କଲେଜରେ ନିଯୁକ୍ତି ଦୁର୍ନୀତି**

# ଯୋଗ୍ୟ ହେବାକୁ ୧୬୦ ଅଧ୍ୟାପକଙ୍କ ଆବେଦନ

ଭୁବନେଶ୍ୱର, ୨୬ ।୭ (ସମିସ): ଏମ୍ଇଡି ଯୋଗ୍ୟତା ନ ଥାଇ ବିଇଡି କଲେଜରେ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ବିଭାଗ ପାଖରେ ଇଚ୍ଛାପତ୍ର ଦାଖଲ କରିଛନ୍ତି। ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଏମ୍ଇଡି ପଢ଼ାଇବାକୁ ଯୋଜନା ହୋଇଥିବାବେଳେ ଦିବାକର ପଟ୍ଟନାୟକ ଇନ୍ଷ୍ଟିଚ୍ୟୁଟ୍ ଇନ୍ ଆଡଭାନସଡ୍ ଏଜୁକେସନ୍ କଲେଜର ୪ ଜଣ, କୋରାପୁଟ୍ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୫ ଜଣ ମଧ୍ୟ ଏମ୍ଇଡି କରିବାକୁ ନିଜର ଇଚ୍ଛାପତ୍ର ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍ଇଡି କରିବାକୁ ଇଚ୍ଛାପତ୍ର ଦାଖଲ କରିଥିବାରୁ ଏହି ସମସ୍ତ ଅଧ୍ୟାପକ

- ବଲାଙ୍ଗିରରୁ ସର୍ବାଧିକ ୧୧, ବ୍ରହ୍ମପୁରରେ ୪ ଓ କୋରାପୁଟ୍‌ରେ ୫
- ଚିଠି ପ୍ରଘଟ ଆଶଙ୍କା; ହ୍ୱାଟସ୍ଆପ୍‌ରେ ନିର୍ଦ୍ଦେଶ ଦେଉଛନ୍ତି ଅଧିକାରୀ
- ଇଚ୍ଛାପତ୍ର ମାଗିବା ଉଚ୍ଚଶିକ୍ଷା ବିଭାଗ ପାଇଁ ହୋଇପାରେ ଆତ୍ମଘାତୀ

ରାଜ୍ୟର ଏକାଧିକ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି।


ଉଚ୍ଚଶିକ୍ଷା ବିଭାଗ ଗତ ୨୧ ତାରିଖରେ ଏମ୍ଇଡି କରି ନଥିବା ଅଧ୍ୟାପକଙ୍କ ତାଲିକା ମାଗିବା ସହ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ୧୧ ଜଣ ଅଧ୍ୟାପକଙ୍କ ସମ୍ମତି ପତ୍ର ଦାଖଲ କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ ଅଯୋଗ୍ୟ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଅଧିକାରୀମାନେ ଆଉ ଏକ ସରଳ ଉପାୟ ବାହାର କରିଛନ୍ତି। ଆଉ ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସ୍ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଉଛନ୍ତି। ଶିକ୍ଷକ ଶିକ୍ଷା ବିଭାଗରେ ଥିବା ଜଣେ ଅଧିକାରୀ ଏ ସଂକ୍ରାନ୍ତ ସମସ୍ତ ଚିଠି ଓ ଦସ୍ତର ସ୍ୱଷ୍ଟିକରଣ ହ୍ୱାଟସ୍ଆପ୍ ମାଧ୍ୟମରେ ରଖୁଛନ୍ତି। ଏପରିକି କୌଣସି ତଥ୍ୟ ଓ ନିର୍ଦ୍ଦେଶ ଯେପରି ବାହାରକୁ ନ ଯାଏ, ସେଥିପାଇଁ ତାଗିଦ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏତେ ପରିମାଣର ଅଧ୍ୟାପକ ଏମ୍ଇଡି କରିବାକୁ ଯିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ସଙ୍କଟ ହେବ। ସେହି ଅନୁସାରେ ଏନ୍‌ସିଟିଇ ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଅପରପକ୍ଷରେ ଏମ୍ଇଡି କରିବା ପାଇଁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମାଗିବାକୁ ଉଚ୍ଚଶିକ୍ଷା ବିଭାଗର ଆତ୍ମଘାତୀ ପଦକ୍ଷେପ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏନ୍‌ସିଟିଇ ରିପୋର୍ଟ ମାଗିଥିବାବେଳେ ଏବେ ସରକାର ଆଉ ଲୁଚାଇ ପାରିବେ ନାହିଁ। ବରଂ ଏମ୍ଇଡି କରି ନ ଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ସରକାର ନ ଦେଲେ ଅଧିକ ଅଡୁଆରେ ଛନ୍ଦି ହେବେ। ପୂର୍ବରୁ କିପରି ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଦେଇ ସ୍ୱୀକୃତି ହାତେଇଥିଲେ, ତାକୁ ନେଇ ଏନ୍‌ସିଟିଇ ଅଧିକ କଠୋର ହେବା ସହ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

# ଆଜିଠୁ +୩ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୨୬ ।୭ (ସମିସ): ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟରେ +୩ ପାଠପଢ଼ା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟା ସରି ନ ଥିବାବେଳେ ପ୍ରଥମ ଦୁଇଟି ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ପ୍ରଥମ ଦିନରୁ ନିୟମିତ ଶ୍ରେଣୀରେ ଯୋଗଦେବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନରୁ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୫ଟି କଲେଜରେ ପ୍ରାୟ ୨ ଲକ୍ଷ ୮୭ ହଜାର ସିଟ୍ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ଶହ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ।





**'ଆମ ବସ୍' ସୁରକ୍ଷା ବ୍ୟବସ୍ଥା ଢିଲା**

# ଅଧାରେ ଅଟକିଗଲା ସିଏନ୍‌ବିଟିରୁ ମନିଟରିଂ

**ବାଜିଲାନି 'ବଜର୍', 'କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର୍' ନୋହିଲା**

**ମହିଳା ଯାତ୍ରୀଙ୍କ ପାଇଁ ହେବ ପିଙ୍କ୍ ସିଟ୍**

କଟକ,୨୬।୭(ସମିସ): ଆମ ବସ୍ ସେବା ଅନ୍ତର୍ଗତ ସିଟି କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର୍ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ। ଟୁଇନ୍ ସିଟିରେ ଆମ ବସ୍ ସେବା ଏବେ ଲୋକାଭିମୁଖୀ ହେବା ପରେ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ କର୍ତ୍ତୃପକ୍ଷ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି ସତ କିନ୍ତୁ ଏହାର କାର୍ଯ୍ୟକାରିତାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ମହିଳା ଯାତ୍ରୀଙ୍କ ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। କଟକ ସହରରେ ଚାଲୁଥିବା ମୋ ବସ୍‌ରେ ଅପରାଧମୂଳକ କାର୍ଯ୍ୟକଳାପର ଅଭିଯୋଗ ଫର୍ଦ୍ଦ ବଢିବା ପରେ ଏଥିନିମନ୍ତେ ଏକ ବିଭାଗୀୟ ସମୀକ୍ଷା କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ରୁଟ୍ ନମ୍ବର-୧୭(ଏୟାରପୋର୍ଟରୁ ବାରବାଟୀ ଷ୍ଟାଡିୟମ), ରୁଟ୍ ନମ୍ବର-୧୦(ଏୟାରପୋର୍ଟରୁ ସିଡିଏ ବିଜୁପଟ୍ଟନାୟକ ପାର୍କ), ରୁଟ୍-୧୬(ଭୁବନେଶ୍ୱର ରେଳ ଷ୍ଟେସନ୍ ଠାରୁ ବିଜୁପଟ୍ଟନାୟକ ପାର୍କ), ରୁଟ୍-୧୮(ବରମୁଣ୍ଡାରୁ ଜଗତପୁର), ରୁଟ୍-୧୯(ଓଏମ୍‌ପିରୁ ଏମ୍ସ), ରୁଟ୍-୮୦(ସିଡିଏ ବିଜୁପଟ୍ଟନାୟକ ପାର୍କରୁ ଚାରବାଟିଆ), ରୁଟ୍-୮୧(ବାରବାଟୀ ଷ୍ଟାଡିୟମରୁ ସାଲେପୁର) ଏବଂ ରୁଟ୍-୮୩(ଧବଳେଶ୍ୱରରୁ କନ୍ଦରପୁର-ଭାୟା ୪୨ମୌଜା)ରେ ଅପରାଧମୂଳକ କାର୍ଯ୍ୟକଳାପ ସଂଖ୍ୟା ଅଧିକ ରହିଥିବା ସୂଚନା ମିଳିଥିଲା। ଏହି ୮ଟି ରୁଟ୍‌ରେ ଚାଲୁଥିବା ମୋ ବସ୍‌ରେ ଚୋରି, ଛିନତାଇ ଏବଂ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗକୁ ଦେଖି କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ନେତାଜୀ ବସ୍ ଟର୍ମିନାଲ୍‌ରେ କଟକରୁ ଗଡୁଥିବା ଆମ ବସ୍‌ର ଗତିବିଧି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ମିଳିଥିଲା। ହେଲେ ଦେଢ଼ ବର୍ଷ ବିତିଯାଇଥିବା ବେଳେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ।

ମିଳିଥିବା ସୂଚନା ଆଧାରାରେ, ଖାନନଗରଠାରେ ଥିବା ନେତାଜୀ ବସ୍ ଟର୍ମିନାଲରେ ପ୍ରତିଷ୍ଠା ହେବାରେ ଥିଲା କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର। କଟକରୁ ଯାଉଥିବା ଏବଂ କଟକକୁ ଆସୁଥିବା ମୋ ବସ୍'ଗୁଡ଼ିକର ଗତିବିଧି ଉପରେ ଏହି ସେଣ୍ଟରରେ ରହିଥିବା କର୍ମଚାରୀମାନେ ଉଭୟ ଅଡିଓ ଏବଂ ଭିଡିଓ ଲାଇଭ୍ ମାଧ୍ୟମରେ ଧ୍ୟାନ ଦେବେ। ବସ୍ ମଧ୍ୟରେ କୌଣସି ପ୍ରକାର ସମସ୍ୟା ଦେଖାଦେଲେ, ତୁରନ୍ତ ତାହାକୁ ସମାଧାନ କରାଯିବ। କୌଣସି ଅସାଧୁ ବ୍ୟକ୍ତି ବା ଅପରାଧୀ ବସ୍ ମଧ୍ୟରେ ରହି ଅପରାଧ କଲେ, ସିସିଟିଭି ମାଧ୍ୟମରେ ତାଙ୍କ ଭିଡିଓକୁ ରେକର୍ଡ କରାଯିବା ସହିତ ତୁରନ୍ତ ସ୍ଥାନୀୟ ଥାନାକୁ ଜଣାଇ ଦିଆଯିବ। ଏବେ ବସ୍‌ଗୁଡ଼ିକରେ 'ଏମରଜେନ୍ସି ବଜର୍' କାର୍ଯ୍ୟକ୍ଷମ ହେଉଛି। ବସ୍ ମଧ୍ୟରେ କୌଣସି ଯାତ୍ରୀ ଅପରାଧୀଙ୍କ ଦ୍ୱାରା ଶିକାର ହେଲେ ବା ଯାତ୍ରାରେ ନରାପଦ ନମଣିଲେ, ତୁରନ୍ତ ସେମାନେ ଏହି ବଜର୍ ଦବାଉଛନ୍ତି। ଯାହାଫଳରେ ବସ୍'ଟି ଅଟକି ଯାଉଛି। କଟକରେ ନୂଆ କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ କୌଣସି ଯାତ୍ରୀ ବଜର୍ ବ୍ୟବହାର କଲେ, ତାହା ଆଲାରାମ ଦ୍ୱାରା ଉପସ୍ଥିତ କର୍ମଚାରୀଙ୍କୁ ସୂଚାଇ ଦେବ। କଣ୍ଟ୍ରୋଲ୍ ସେଣ୍ଟରରୁ ସ୍ଥାନୀୟ ଥାନା ପୁଲିସ ସହିତ ଯୋଗାଯୋଗ କରାଯିବ। ଯାହାଦ୍ୱାରା ବସ୍ ମଧ୍ୟରେ ଅପରାଧ ନିୟନ୍ତ୍ରଣ କରାଯାଇ ପାରିବ। ନେତାଜୀ ଟର୍ମିନାଲ୍‌ରେ ସମ୍ପୂର୍ଣ୍ଣ ଭାବେ ମୋ ବସ୍‌ର ସୁରକ୍ଷା ବ୍ୟବସ୍ଥାକୁ ଭୋର-୬ରୁ ରାତି ୧୦.୩୦ ପର୍ଯ୍ୟନ୍ତ ଯାଞ୍ଚ କରାଯିବ। ଏଭଳି ଯୋଜନା କେବଳ କାଗଜପତ୍ରରେ ଅଟକି ଯାଇଛି।

ଅନ୍ୟପକ୍ଷରେ କଟକ ସହର ମଧ୍ୟରେ ହୋଇଥିବା ବିଭିନ୍ନ ରୁଟ୍‌ରେ ୭୦ଟି ମୋ ବସ୍ ଚଳାଚଳ କରୁଛି। ଅଭିଯୋଗ ଅନୁସାରେ, ଏଥିରେ ମହିଳା ଯାତ୍ରୀମାନେ ସିଟ୍ ପାଉ ନାହାନ୍ତି। ବିଭିନ୍ନ ସମୟରେ ସେମାନେ ଛିଡା ହୋଇଯାଉଥିବା ଦେଖିବାକୁ ମିଳୁଛି। ଏ ବାବଦରେ କ୍ରୁଟ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାରୁ ଜଣାପଡ଼ିଛି ଯେ ଲୋକମାନେ ସଚେତନ ହେବା ଜରୁରୀ। ମହିଳାଙ୍କ ସିଟ୍‌ରେ ଯେଉଁ ପୁରୁଷମାନେ ବସୁଛନ୍ତି, ସେମାନେ ଆଦୌ ବସିବା କଥା ନୁହେଁ। ଏହାର ସ୍ଥାୟୀ ସମାଧାନ ନିମନ୍ତେ, କଟକରେ ନୂଆ ଇଲେକ୍ଟ୍ରିକ୍ ମୋ ବସ୍ ଚଳାଚଳ କରିବାର ବ୍ୟବସ୍ଥା କରାଯାଉଛି। ଯେଉଁ ବସ୍‌ଗୁଡ଼ିକରେ ମହିଳାଙ୍କ ସିଟ୍‌ଗୁଡ଼ିକୁ ପିଙ୍କ୍ କଲର୍ କରାଯିବ। ଏସବୁ ବିଷୟକୁ କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟରରେ ମନିଟରିଂ କରାଯିବାର ଥିଲା। ଏବେ ଏହି ଯୋଜନା ଫଳପ୍ରଦ ହୋଇ ପାରିନାହିଁ।

**ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ**

## ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ପୁରୀ,୨୬।୭(ସମିସ): ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ।



ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢାଇଥାନ୍ତି। ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପର ପାଶ୍ୱର୍ରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାରଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥାନ୍ତି।

## ଓଡ଼ିଶା ଉଚ୍ଚନ୍ୟାୟାଳୟର ୭୯ତମ ପ୍ରତିଷ୍ଠା ଦିବସ



କଟକ,୨୬।୭(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟ ପରିସରରେ ଏହାର ୭୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀରକିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ହାଇକୋର୍ଟର ପ୍ରତିଷ୍ଠା ଦିବସ ସହ ଜଷ୍ଟିସ ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ଏଥିରେ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କ ସହ ଅନ୍ୟ ବିଚାରପତିବୃନ୍ଦ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଆଇନଜୀବୀ ପରିଷଦର ସଦସ୍ୟମାନେ ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟର ଏହି ସର୍ବୋଚ୍ଚ ନ୍ୟାୟିକ ଅନୁଷ୍ଠାନ ଗଠନରେ ତାଙ୍କର ଯୋଗଦାନର ସ୍ମୃତି ଚାରଣ କରିଥିଲେ। ପ୍ରକାଶଥାଉକି ପ୍ରଥମ ଆଡଭୋକେଟ ଜେନେରାଲ ଭାବେ କାର୍ଯ୍ୟ କରିଥିବା ଜଷ୍ଟିସ ବୀରକିଶୋର ରାୟ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଠିକ୍ ୧୦ ବର୍ଷ ପରେ, ୧୯୫୮ ମସିହା ଜୁଲାଇ ୨୬ରେ ତାଙ୍କର ପରଲୋକ ଘଟିଥିଲା।

## ୭ ସ୍ୱୋକ୍ସ ଭର୍ତ୍ତ୍ୟୁର ଫାଉଣ୍ଡେସନ୍‌ର ସେବା

ପୁରୀ,୨୬।୭(ସମିସ): ରଥଯାତ୍ରା ଅବସରରେ ୭ ସ୍ୱୋକ୍ସ ଭର୍ତ୍ତ୍ୟୁର ଫାଉଣ୍ଡେଶନ ପୁରୀ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ହଜାର ହଜାର ଭକ୍ତ, କର୍ତ୍ତବ୍ୟରତ ପୁଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ଯାତ୍ରା ଦିନ ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ଦଶ ହଜାର ଭକ୍ତଙ୍କୁ ଖେଚୁଡ଼ି, ଡାଲେମା, ରୁଟି ସହ ମିନେରାଲ୍ ପାନୀୟ ଜଳ ବଣ୍ଟନ କରିଥିଲେ। ଏହାସହ ରଥଯାତ୍ରାରେ ନିରନ୍ତର ସେବାରେ ନିୟୋଜି ଓଡ଼ିଶା ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫାଉଣ୍ଡେଶନ ପରିସରରେ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ସେମାନଙ୍କୁ ଧାଡ଼ିରେ ଠିଆ ହେବାକୁ ପଡ଼ି ନ ଥିଲା। ୧୦ ଜଣ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀ ବିଭାଗରେ ୧୬ ଓ ୨୪ ତାରିଖ ଦିନ ନିୟୋଜିତ କରାଯାଇଥିଲା। ୧୭ ତାରିଖରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟା ଦର୍ଶନ ଅବସରରେ ବ୍ୟାରିକେଡ ଭକ୍ତଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ବାହୁଡ଼ା ଯାତ୍ରା ସକାଳୁ ମସଲା ଉପମା, ମଟର ତରକାରୀ ଓ ପାନୀୟ ଜଳ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶେଖର ପାତ୍ର କହିଛନ୍ତି ଯେ, "ଭକ୍ତଙ୍କ ସେବା ହିଁ ମହାପ୍ରଭୁ ଜଗନ୍ନାଥଙ୍କ ସେବା। ଏହି କଠିନ ଯାତ୍ରାରେ ଯାହା କିଛି ସମ୍ଭବ ହୋଇଛି, ତାହା କେବଳ ମହାପ୍ରଭୁଙ୍କ ଅସୀମ କୃପା, ପ୍ରଶାସନର ସହଯୋଗ, ଆମ ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କ ପ୍ରୟାସ ପାଇଁ ସମ୍ଭବ ହୋଇଛି।

## ଚଳଚ୍ଚିତ୍ର 'ଶ୍ରୀଅଙ୍ଗ ଖଣ୍ଡୁଆ' କାହାଣୀ ମହାପ୍ରଭୁଙ୍କୁ ସମର୍ପିତ

ପୁରୀ,୨୬।୭(ସମିସ): ଖଣ୍ଡୁଆ...! ଏହି ନାମଟି କେବଳ ଏକ ବସ୍ତ୍ରର ପରିଚୟ ନୁହେଁ। ଏହା ହେଉଛି ଭକ୍ତିର ସୂତାରେ ବୁଣା ଏକ ଅନନ୍ତ ସମ୍ପର୍କର ଗାଥା। ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ତନ୍ତଶାଳରେ ଜନ୍ମ ନେଉଥିବା ଏହି ପବିତ୍ର ପାଟ, ଆଜି ବି ନେଇ ଚାଲିଛି ଆସ୍ଥା, ପରମ୍ପରା ଏବଂ ଅପାର ଭକ୍ତିର ସନ୍ଦେଶ। ବୁଣାକାରର କର୍ମଠ ହାତରେ ଯେତେବେଳେ ସୂତା ପରେ ସୂତା ଯୋଡ଼ି ହୁଏ, ସେତେବେଳେ ସେ କେବଳ ଏକ ବସ୍ତ୍ର ବୁଣୁ ନ ଥାଏ... ସେ ବୁଣୁଥାଏ ନିଜର ବିଶ୍ୱାସ, ନିଜର ଭକ୍ତି ଏବଂ ନିଜର ଆତ୍ମାର ଅର୍ପଣ। ତନ୍ତର ପ୍ରତ୍ୟେକ ଝଙ୍କାରରେ ଗୁଞ୍ଜରିତ ହୁଏ ଜୟ ଜଗନ୍ନାଥର ଧ୍ୱନି। ପ୍ରତ୍ୟେକ ସୂତାରେ ଥାଏ ମହାପ୍ରଭୁଙ୍କ ପ୍ରତି ଅଗାଧ ଶ୍ରଦ୍ଧା। ବୁଣାକାର ଘରୁ ବାହାରି ଏହି ଖଣ୍ଡୁଆ ଯେତେବେଳେ ନୀଳାଚଳ ଅଭିମୁଖେ ଯାତ୍ରା କରେ, ସେତେବେଳେ ଏହା ଆଉ ଏକ ସାଧାରଣ ପାଟ ହୋଇ ରହେନାହିଁ। ଏହା ହୋଇଯାଏ ଭକ୍ତିର ଦୂତ।

ଶ୍ରୀମନ୍ଦିରର ଗର୍ଭଗୃହରେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଶ୍ରୀଅଙ୍ଗରେ ଲାଗିବା ମାତ୍ରେ ଏହି ଖଣ୍ଡୁଆ ପାଏ ତାହାର ପରମ ସାର୍ଥକତା। ଏମିତି ଏକ ଦିବ୍ୟ କାହାଣୀକୁ ନେଇ ଆସୁଛି ସାମାଜିକ-ଆଧ୍ୟାତ୍ମିକ ଓଡ଼ିଆ ସିନେମା "ଶ୍ରୀଅଙ୍ଗ ଖଣ୍ଡୁଆ'। ରବିବାର ପବିତ୍ର ଅଧରପଣା ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ରଥ ଉପରେ ମହାପ୍ରଭୁଙ୍କୁ କାହାଣୀଟିକୁ ଛୁଆଁଇ ସମର୍ପିତ କରାଯାଇଛି। ଷ୍ଟୁଡିଓ ଥ୍ରୀ ସିକ୍ସଟି ୫ ଫିଲ୍ମସ ବ୍ୟାନରରେ ଡ. କେ. ତମନ୍ନା ପ୍ରଯୋଜିତ, ଶ୍ୟାମା ପ୍ରସାଦ ମିଶ୍ରଙ୍କ କାହାଣୀ, ଚିତ୍ରନାଟ୍ୟ, ସଂଳାପ ଏବଂ ନିର୍ଦ୍ଦେଶନାରେ ଖୁବ୍‌ଶୀଘ୍ର ଏହି ସିନେମାର ଶୁଟିଂ ଆରମ୍ଭ ହେବ। କାହାଣୀ ସମର୍ପଣ ଦିବସରେ ସେବାୟତ ଅଭିନେତା ଶମ୍ଭୁ ଖୁଣ୍ଟିଆ, ସିନେମାର ଉପଦେଷ୍ଟା ଓ ଗୀତିକାର ଡ. ବଦ୍ରି ମିଶ୍ର, ସୁସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତିଙ୍କ ସହିତ ଅନେକ ସେବାୟତ ଉପସ୍ଥିତ ରହିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ, ସାମ୍ବାଦିକତାର ମହାନ ବ୍ୟକ୍ତିତ୍ୱ ଥିଲେ ନୀଳମଣି ବିଦ୍ୟାରତ୍ନ



ଭୁବନେଶ୍ୱର, ୨୬।୭ (ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତାର ମହାନ ବ୍ୟକ୍ତିତ୍ୱ ନୀଳମଣି ବିଦ୍ୟାରତ୍ନଙ୍କ ୧୦୨ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ସଂସ୍କୃତି ବିଭାଗ, ବିଜେଡି ସାଂସ୍କୃତିକ ସାମୁଖ୍ୟର ମିଳିତ ସହଯୋଗରେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ବିଜେଡି ସାଂସ୍କୃତିକ ସାମୁଖ୍ୟ ସଂଯୋଜକ, କବି ପ୍ରବୀର ମହାନ୍ତିଙ୍କ ଉପସ୍ଥିତରେ ପୁଷ୍ପମାଲ୍ୟ ଅର୍ପଣସହ ସ୍ମୃତି.ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତାର ମୁଖ୍ୟ ପୁରୋଧା ସହିତ ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ଶ୍ରୀଯୁକ୍ତ ଶତପଥୀ ମତବ୍ୟକ୍ତ କରିଥିଲେ। ଉତ୍କଳ ଦୀପିକା, ପ୍ରଜାବନ୍ଧୁ ପ୍ରମୁଖ ପତ୍ରିକାର ସମ୍ପାଦନ କରିବା ସହିତ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ। ଜଣେ ପ୍ରକୃତ ଦେଶପ୍ରେମୀ, ସାହିତ୍ୟିକ, ସମ୍ପାଦକ ପ୍ରମୁଖ ଥିଲେ ବୋଲି ପ୍ରବୀର ମହାନ୍ତି ମତରଖିଥିଲେ। ଏହି ଅବସରରେ ବରିଷ୍ଠ କବି, ଭାଷାପ୍ରାଣ କାମଦେବ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ରମେଶ ପାତାଳସିଂ, ଗିରିଜା ଶଙ୍କର ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସହ ସ୍ମୃତିଚାରଣ କରିଥିଲେ। ଅମିତ ପାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କାର୍ଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୬।୭(ସମିସ): ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ୨୭ତମ କାର୍ଗିଲ ବିଜୟ ଦିବସ ବୁଦ୍ଧମନ୍ଦିର ସମ୍ମୁଖରେ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଭାଷାପ୍ରାଣ, ସମାଜସେବୀ ଶିବ ନାରାୟଣ ମିଶ୍ର,ମୁଗୁପୁର ସମାଚାର ସମ୍ପାଦକ ମଦନ ମୋହନ ପାଢ଼ୀ,ସମାଜସେବୀ ନାରାୟଣ ଖୁଣ୍ଟିଆ, ସମାଜସେବୀ ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦେଶ ମାତୃକା, ମାତୃଭାଷା ଓ ବରପୁତ୍ର ଶହୀଦ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତବ୍ୟକ୍ତ କରିଥିଲେ। ଏହାସହ ସହିତ ଶହୀଦ ପ୍ରତି ସମ୍ମାନ ପୂର୍ବକ ସ୍ଲୋଗାନଜ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ପ୍ରିୟବ୍ରତ ବାରିକ, ଡ. ପ୍ରମୋଦ କିଶୋର ପରିଡା,ସମାଜସେବୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ସିଂହାସନ ମାଜଣା ଆଜି**

## ବନ୍ଧାଯିବ କନକମୁଣ୍ଡି ଚାନ୍ଦୁଆ

ପୁରୀ,୨୬।୭(ସମିସ): ମଠ ସଂସ୍କୃତି ଓ ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ବେଶ୍ ସମୃଦ୍ଧ। ଶ୍ରୀମନ୍ଦିରରେ ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶରେ ଲୋପ ପାଇଯାଇଥିଲେ ହେଁ କେତେକ ରୀତିନୀତି, ବେଶ, ପର୍ବପର୍ବାଣି ସହ ନିର୍ଦ୍ଦିଷ୍ଟ ମଠମାନଙ୍କ ସମ୍ପର୍କ ଏବେ ବି ଅକ୍ଷୁଣ୍ଣ ରହିଛି। ଏଥିମଧ୍ୟରୁ ବଡ଼ଓଡ଼ିଆ ମଠ ଅନ୍ୟତମ। ସୋମବାର ନୀଳାଦ୍ରିବିଜେ। ରତ୍ନସିଂହାସନକୁ ଫେରିଯିବେ ଚତୁର୍ଦ୍ଧାବିଗ୍ରହ। ଏହି ଅବସରରେ ବଡ଼ଓଡିଆ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିସହ ମଠ ମହନ୍ତ ସିଂହାସନ ମାଜଣା କରିବେ। ନୀଳଚକ୍ରରେ ମଠ ପକ୍ଷରୁ ଧ୍ୱଜା ବନ୍ଧାଯିବା ପରେ ରଥାରୁଢ ଠାକୁର ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରିବା ପରମ୍ପରା ରହିଛି। ଏ ସମ୍ପର୍କରେ ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କୁହନ୍ତି, ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ମଠ ରତ୍ନସିଂହାସନର ରକ୍ଷଣାବେକ୍ଷଣ ଏବଂ ମାଜଣା କରିଆସୁଛି। ପରମ୍ପରା ମୁତାବକ, ନୀଳାଦ୍ରିବିଜେ ଦିନ ସକାଳେ ରତ୍ନସିଂହାସନ ଉପରେ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିପାଇଁ ପାଟ ଏବଂ ସୂତା କପଡ଼ାରେ ଚାନ୍ଦୁଆ ତିଆରି ସରିଛି। ସେହିପରି ମଠ ପକ୍ଷରୁ ନୀଳଚକ୍ରରେ ୧୪ ହାତର ପତାକା (ଧ୍ୱଜା) ବିନା ଦେୟରେ ବନ୍ଧାଯିବ। ସନ୍ଧ୍ୟା ଧୂପ ପରେ ସିଂହାସନ ମାଜଣା ହେବ ବୋଲି ମଠ ମହନ୍ତ କହିଛନ୍ତି।

**ସିଂହାସନ ମାଜଣା:** ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ବଡ଼ଓଡ଼ିଆ ମଠ ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ନୀଳାଦ୍ରିବିଜେ ଦିନ ମାଜଣା କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ସୂଚନା ପାଇବା ପରେ ମଠ ମହନ୍ତ ଶ୍ରୀମନ୍ଦିର ଅଭିମୁଖେ ବାହାରିଥାନ୍ତି। ଗର୍ଭଗୃହ ଭିତରକୁ ଯାଇ ସିଂହାସନ ମାଜଣା କରିଥାନ୍ତି। ପୂର୍ବରୁ ମଠରେ ଘୋରା ଯାଇଥିବା ଚନ୍ଦନ, କର୍ପୂର, କେଶର, କସ୍ତୁରୀ ଏବଂ ଚୁଆରେ ମହନ୍ତ ମାଜଣା କରନ୍ତି। ପ୍ରାୟ ଦୁଇଘଣ୍ଟା ଧରି ଏହା ଚାଲେ।

**ପୁରୀରୁ କମିନି ରଥଯାତ୍ରା ଭିଡ଼**

# ଛୁଟିଦିନ ପାଇଁ ଲାଗିରହିଛି ଭକ୍ତଙ୍କ ଗହଳି

ପୁରୀ,୨୬।୭(ସମିସ)

ପ୍ରତିବର୍ଷ ରଥଯାତ୍ରାରେ ଭିଡ଼ ହୋଇଥାଏ। କିନ୍ତୁ କିଛିବର୍ଷ ହେବ ଗହଳି ଏମିତି ହେଉଛି ଯେ, ନିୟନ୍ତ୍ରଣ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହେଉଛି। ଚଳିତବର୍ଷ ରଥଯାତ୍ରା, ନବମୀ ସନ୍ଧ୍ୟା ଦର୍ଶନ ଓ ବାହୁଡ଼ାରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ସାଧାରଣତଃ ରଥଯାତ୍ରାଠାରୁ ହେଉଥିବା ଗହଳି ସୁନାବେଶ ପର୍ଯ୍ୟନ୍ତ ରହିଥାଏ। ସୁନାବେଶ ପରଦିନ ଯଦିଓ ଲୋକ ଥାଆନ୍ତି କିନ୍ତୁ ଭିଡ଼ କମିଯାଏ। କିନ୍ତୁ ଏଥର ସପ୍ତାହନ୍ତ ଛୁଟିଦିନ ଯୋଗୁ ଏବେ ବି ପୁରୀରେ ଗହଳି ରହିଛି। କାରଣ ମାସ ଶେଷ ଶନିବାର ଏବଂ ରବିବାର ଯୋଗୁ ଏହି ପରିସ୍ଥିତି ଉପୁଜିଛି। ରବିବାର ଅଧରପଣା ନୀତି ଥିବାବେଳେ ବଡ଼ଦାଣ୍ଡରେ ବାହୁଡ଼ା ଯାତ୍ରା ଭଳି ଲୋକଙ୍କ ଗହଳି ଜଣାପଡୁଥିଲା। ଫଳରେ ରଥଯାତ୍ରା ପୂର୍ବଦିନଠାରୁ ଟ୍ରାଫିକ କଟକଣା ଯୋଗୁ ହନ୍ତସନ୍ତ ହେଉଥିବା ପୁରୀବାସୀ ରବିବାର ବି ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

**କଟକଣା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ପୁରୀବାସୀ**

ପୁରୀର ବୁଦ୍ଧିଜୀବୀଙ୍କ ମତରେ, ରଥଯାତ୍ରା ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡ୍, ରାସ୍ତା ବନ୍ଦ ଓ ଯାତାୟାତ ନିୟନ୍ତ୍ରଣ ଯୋଗୁଁ ସ୍ଥାନୀୟ ଲୋକଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେଉଛି। ଘରୁ ବାହାରିବା, କାର୍ଯ୍ୟସ୍ଥଳକୁ ଯିବା, ପିଲାମାନଙ୍କୁ ସ୍କୁଲ କିମ୍ବା କୋଚିଂକୁ ପଠାଇବା, ଏପରି କି ଜରୁରୀ କାମରେ ହସ୍ପିଟାଲ କିମ୍ବା ଔଷଧ ଦୋକାନକୁ ଯିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ବୃଦ୍ଧ, ରୋଗୀ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଜରୁରୀ ଚିକିତ୍ସା ସେବା ପହଞ୍ଚିବାରେ ବିଳମ୍ବ, ଆମ୍ବୁଲାନ୍ସ ଚଳାଚଳରେ ବାଧା ଉପୁଜିଥାଏ। ଏହି ସମୟରେ ବଜାରରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା, କ୍ଷୀର, ଔଷଧ, ଗ୍ୟାସ୍ ଇତ୍ୟାଦି ସଂଗ୍ରହ କରିବାରେ ଅସୁବିଧା ହୁଏ। ଘରୋଇ ସହାୟକ, ବିତରଣ କର୍ମଚାରୀ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀମାନେ ମଧ୍ୟ ଅନେକ ସମୟରେ ଘରେ ପହଞ୍ଚି ପାରନ୍ତି ନାହିଁ। ଅତ୍ୟଧିକ ଭିଡ଼, ଧୂଳି, ଶବ୍ଦ ପ୍ରଦୂଷଣ, ଅସହ୍ୟ ଗରମ ଓ ଅବିରତ ଘୋଷଣା ଯୋଗୁଁ ସ୍ଥାନୀୟ ଲୋକଙ୍କ ଶାରୀରିକ ଓ ମାନସିକ ଚାପ ବଢ଼ିଥାଏ। ଅନେକ ପରିବାର ଦିନ ଦିନ ଧରି ଘର ଭିତରେ ରହିବାକୁ ବାଧ୍ୟ ହୁଅନ୍ତି। ପୁରୀବାସୀ ଭଗବାନ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ଓ ଶ୍ରଦ୍ଧା ରଖି ଏହି ସମସ୍ତ କଷ୍ଟକୁ ସେବାର ଅଂଶ ବୋଲି ସହି ନେଇଥାନ୍ତି। ତଥାପି ସେମାନଙ୍କ ଦୈନନ୍ଦିନ ଜୀବନ, ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ଅଧିକ ଧ୍ୟାନ ଦେବା ସମୟର ଆବଶ୍ୟକତା ବୋଲି ସାମାଜିକ ଗଣମାଧ୍ୟମରେ ମତ ରଖିଛନ୍ତି।



# କଟକ ସିଟି



## ନିଶା ବେପାରୀଙ୍କ କବ୍‌ଜାରେ ରୌପ୍ୟନଗରୀ

# ଛକ-ଗଳିରେ ଆନ୍ତଃରାଜ୍ୟ ମାଫିଆଙ୍କ ଏଜେଣ୍ଟ

କଟକ,୨୬।୭(ସମିସ)

ନିଶା କାରବାରକୁ ରୋକିବା ନିମନ୍ତେ ଅବକାରୀ ଗୁଇନ୍ଦା ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଓ କମିସନରେଟ୍ ପୁଲିସ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ତଥାପି ସହରରେ ବଢ଼ି ଚାଲିଛି ବ୍ରାଉନସୁଗର କାରବାର। ନିଶା ମାଫିଆମାନେ ଖୁବ୍ ଚତୁରତାର ସହ ଏହି କାରବାର ଚଳାଇଛନ୍ତି। ସେମାନେ ଏଜେଣ୍ଟଙ୍କ ଜରିଆରେ ନିଶା ସାମଗ୍ରୀ ଚାଲଣର ନେଟ୍‌ୱର୍କ ବଢାଇବାରେ ଲାଗିଛନ୍ତି। କଟକ ସହରରୁ ଗ୍ରାମାଞ୍ଚଳକୁ ଖୁବ୍ ସହଜରେ ବ୍ରାଉନ୍‌ସୁଗର ଚାଲାଣ କରାଯାଉଛି। ଚଳିତବର୍ଷ କଟକ ସହରରୁ ବିପୁଳ ପରିମାଣର ବ୍ରାଉନ୍‌ସୁଗର(ଧଳାଜହର) ଜବତ ହୋଇଛି। ଯାହା ଅନ୍ୟବର୍ଷ ତୁଳନାରେ ବହୁ ଅଧିକ ରହିଛି। ଗତ ୨୦୨୨ ଅକ୍ଟୋବର ମାସରୁ ୨୦୨୩ ମସିହା ଜୁଲାଇ ମାସ (୧୦ ମାସ) ମଧ୍ୟରେ କଟକ କମିସନରେଟ୍ ଅଞ୍ଚଳରୁ ମୋଟ ୬କିଲୋ ୩୦୦ ଗ୍ରାମ ଧଳାଜହର ଜବତ ହୋଇଥିବା ବେଳେ କଟକ ଗ୍ରାମାଞ୍ଚଳରୁ ୪କିଲୋ ୨୮୦ଗ୍ରାମରୁ ଅଧିକ ବ୍ରାଉନ୍‌ସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ୫କୋଟି ୧୦ଲକ୍ଷ ଟଙ୍କା ହେବ। ଏହି ନିଶା କାରବାର କରିବା ଅଭିଯୋଗରେ ପ୍ରାୟ ୪୦ଜଣଙ୍କୁ ପୁଲିସ ଗିରଫ କରିଛି। ବିଶେଷକରି ଜବତ ହେଉଥିବା ବ୍ରାଉନ୍‌ସୁଗର ଉପକୂଳବର୍ତ୍ତୀ ଜିଲ୍ଲାରେ ବିକ୍ରି ହେବାକୁ ଆସୁଥିବା ବେଳେ ଏପର୍ଯ୍ୟନ୍ତ ଜଣେ ବି ଏହି କାରବାରର ମୁଖ୍ୟ କାର୍ପଟଦାର ଧରାପଡି



ନାହାଁନ୍ତି। ତାକୁ ଧରିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗିରଫ ହୋଇ ପାରିନାହିଁ। ଏ ବାବଦରେ କମିସନର କହିଛନ୍ତି, କଟକ ଜିଲ୍ଲା ଏବଂ ସହରରେ ବ୍ରାଉନସୁଗର କାରବାରକୁ ରୋକିବା ନିମନ୍ତେ କଡ଼ାକଡ଼ି ପଦକ୍ଷେପ ନିଆଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଆନ୍ତଃରାଜ୍ୟ ନିଶାଚାଲାଣକାରୀ ଏଜେଣ୍ଟମାନେ କଟକ ସହର ମଧ୍ୟକୁ ବିପୁଳ ପରିମାଣର ବ୍ରାଉନସୁଗର ଚାଲାଣ କରୁଥିବା ଜଣାପଡ଼ିବା ପରେ ଏହାଉପରେ ନଜର ରଖାଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଗଡ଼ଗଡ଼ିଆ ଘାଟ, ଜଗତପୁର, ମଙ୍ଗୁଳି, ବିଡ଼ାନାସୀ ନଦୀକୂଳ ଅଞ୍ଚଳ, ବାଦାମବାଡ଼ି, ସିଡିଏ, ମହାନଦୀବିହାର, ତେଲେଙ୍ଗାପେଣ୍ଠ, ଚୌଦ୍ୱାର ଏବଂ କଲେଜଛକ ଅଞ୍ଚଳରୁ ଚଢଉ କରାଯାଇ ବିପୁଳ ପରିମାଣର ବ୍ରାଉନସୁଗର ଜବତ କରାଯାଇଛି। ଏହି ଅଞ୍ଚଳରେ ଜିଲ୍ଲା ଅବକାରୀ ବିଭାଗ ଏବେ ଗୁପ୍ତଭାବେ କର୍ମଚାରୀ ନିଯୁକ୍ତ କରିଛି। ସାଧାରଣତଃ ବ୍ରାଉନସୁଗର କଟକ ସହରରେ ପହଞ୍ଚିବା ପରେ ବିଭିନ୍ନ ଅଞ୍ଚଳରେ ଏଜେଣ୍ଟଙ୍କ ଜରିଆରେ ଛୋଟ ପୁଡିଆରେ ତାହାକୁ ପ୍ୟାକ୍ କରାଯାଉଛି। ଏପରିକି ସିଗାରେଟ୍ ଭିତରେ ଏହାକୁ ଭର୍ତ୍ତି କରାଯାଇ ବିକ୍ରି ହେଉଛି। ହାତ ପାଆନ୍ତାରେ ସହରର ପାନ ଦୋକାନଗୁଡ଼ିକରେ ବ୍ରାଉନ୍‌ସୁଗର ଭର୍ତ୍ତି ସିଗାରେଟ୍ ଉପଲବ୍ଧ ହେଉଛି। ନରାଜ ଅଞ୍ଚଳ ଓ କଲେଜ ଛକ ଅଞ୍ଚଳରେ ବ୍ରାଉନସୁଗର୍ ମିଶା ସିଗାରେଟ୍ ଅଧିକମାତ୍ରାରେ ବିକ୍ରୟ ହେଉଥିବା ଅଭିଯୋଗ ଉଠିଛି।

ଅନ୍ୟପଟେ ଲାଲବାଗ ଥାନାଞ୍ଚଳରେ କିଛିଦିନ ହେବ ବ୍ରାଉନ୍‌ସୁଗର କାରବାର ଚାଲିଥିବା ସ୍ପେସାଲ ସ୍କ୍ୱାଡ ଜାଣିଥିଲା। ଆରଏନ୍‌ଟି କଲେଜ କ୍ୟାମ୍ପସ ନିକଟ ଫାଙ୍କାସ୍ଥାନରେ ବ୍ରାଉନ୍‌ସୁଗର କାରବାର ଚାଲିଥିବା ଜାଣିବାକୁ ପାଇ ଲାଲବାଗ ପୁଲିସକୁ ସ୍କ୍ୱାର୍ଡ ସୂଚନା ଦେଇଥିଲା। ସେଠାରୁ ଦୁଇଟି ବାଇକ୍ ସହ ୬ଜଣଙ୍କୁ ପୁଲିସ ଧରିଥିଲା। ସେମାନଙ୍କ ନିକଟରୁ ଏକ ବ୍ୟାଗ ମିଳିଥିଲା। ଏହାକୁ ଯାଞ୍ଚ କରିବା ପରେ ସେଥିରୁ ୬ଟି ଜରି ପୁଡିଆ ବହାରିଥିଲା। ଯେଉଁଥିରେ ୧୧୫୯ ଗ୍ରାମ ବାଉନସୁଗର ମିଳିଥିଲା। ପୁଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ଜାଣିଥିଲା। ଏହି ବ୍ରାଉନ୍‌ସୁଗର ବାଲେଶ୍ୱରରୁ ଆସିଥିବା ବେଳେ କଟକର କେତେକ ନିଶା ବେପାରି ଏଜେଣ୍ଟ ଜରିଆରେ ଅନ୍ୟ ଜିଲ୍ଲାକୁ ପଠାଉଥିଲେ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକର ସଦର ମହକୁମା, ପ୍ରମୁଖ ବଜାର, ତହସିଲ, ବ୍ଲକ୍, ଶିକ୍ଷାନୁଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ରିଟେଲରମାନେ ଏହି ନିଶା କାରବାର ବଢାଉଛନ୍ତି। ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜିଲ୍ଲା ଅବକାରୀ ବିଭାଗ ଓ କମିସନରେଟ୍ ପୁଲିସ ଚଢଉ ଜାରି ରଖିଛି।

## ଅନ୍ତ୍ୟୋଦୟ ଗୃହ ଯୋଜନା ବାଟବଣା; ହିତାଧିକାରୀ ହଟହଟା

# ପ୍ରଥମ କିସ୍ତି ପ୍ରଦାନରୁ ବାଟ ହୁଡ଼ିଲା ପ୍ରଶାସନ



**ଭଦ୍ରେଶ୍ୱର,୨୬।୭ (ସମିସ):** ମାହାଙ୍ଗା ବ୍ଲକ ପ୍ରଶାସନର ପାରିବା ପଣିଆ ପୁଣି ଥରେ ପଦାରେ ପଡିଛି। ବ୍ଲକ ପ୍ରଶାସନର ତ୍ରୁଟିଯୋଗୁଁ ଜଣେ ହିତାଧିକାରୀ ଗୃହ ନିର୍ମାଣ କରି ନପାରି ଚରମ ହଟହଟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଉମର ଗ୍ରାମର କବିପ୍ରସାଦ ବାରିକ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନଥିବା କାରଣରୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ ସେ ଗୋଟିଏ ପକ୍କାଘର ନିର୍ମାଣ କରିପାରି ନଥିଲେ। ବ୍ଲକ ପ୍ରଶାସନ ତରଫରୁ ଗତ ୨୦୨୫ ସେପ୍ଟେମ୍ବର ୨୭ ତାରିଖ କାର୍ଯ୍ୟାଦେଶ ନଂ ୦୬-୦୦୮-୬୫୨୬୧/୨୬-୨୬ରେ ତାଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନ ତରଫରୁ ତାଙ୍କ ଜମା ଖାତାରେ ଅର୍ଥ ପୈଠ କରାଯାଇ ନଥିଲା। ବ୍ଲକ ପ୍ରଶାସନ ତରଫରୁ ବେପରୁଆ ଭାବେ ତାମିଲନାଡୁରେ ଥିବା ଜଣେ ବ୍ୟକ୍ତିଙ୍କ ନାମରେ ୩୯ ହଜାର ୮୮୮ ଟଙ୍କା ପ୍ରଥମ କିସ୍ତ ବାବଦରେ ପଠାଯାଇଥିଲା। ଏହି ଟଙ୍କା ଶ୍ରୀ ବାରିକଙ୍କ ଜମା ଖାତାକୁ ଆସି ନଥିବା କାରଣରୁ ସେ ଗୃହ ନିର୍ମାଣ ଏପର୍ଯ୍ୟନ୍ତ କରିପାରି ନଥିବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ବାରିକ ମାହାଙ୍ଗା ବ୍ଲକ ପ୍ରଶାସନ ନିକଟରେ ଏକାଧିକବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା କାରଣରୁ ଶ୍ରୀ ବାରିକ ଗୃହ ନିର୍ମାଣ କରି ନପାରି ବୃଦ୍ଧା ମାଆ ଲକ୍ଷ୍ମୀପ୍ରିୟା ଓ ପତ୍ନୀ ଛବି ସହ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଥିବାର ଜଣାଯାଇଛି। ତୁରନ୍ତ ଶ୍ରୀ ବାରିକଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ ନିମନ୍ତେ ଦାବି ହୋଇଛି।

# ଅଧରପଣା ଉପଲକ୍ଷେ ଯୋବ୍ରା ରଥ ସମ୍ମୁଖରେ ମହାସଂକୀର୍ତ୍ତନ

**କଟକ, ୨୬।୭(ସମିସ):** ଅଧରପଣା ଉପଲକ୍ଷେ ଯୋବ୍ରା ରଥ ଉପରେ ବଡ଼ ଠାକୁରଙ୍କର ନୀତି ସମ୍ପନ୍ନ କରାଯାଇଥିଲା। ଅଧିକାରୀ କାଶୀନାଥ ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ଅଧରପଣା ନୀତି ସମ୍ପନ୍ନ କରିଥିଲେ। କଟକ ସହରର ପ୍ରମୁଖ ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ବଳଭଦ୍ରପୁର, ଶଙ୍କରପୁର, ପାଟରା ସାହି, ଖାନନଗର, ପୋପରଗଡା, ନୂଆପଡା, ରାଣୀହାଟ ମାଳି ସାହି, ରାଣୀହାଟ ଶଗଡ଼ିଆ ସାହି, ଅନ୍ଦରପୁର ଓ ଶିଖରପୁର ପକ୍ଷରୁ ମହାସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୨ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ, ୭୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ୭୨ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀର ସମସ୍ତ ସଭ୍ୟ, ୭୨ ଦିଗଭାଗ ସର୍ବକଟୁଆଳ ଗୋପୀନାଥ ସାହୁ ଓ ଶିଖରପୁର ଅଧିକାରୀ ଗଣେଶଚନ୍ଦ୍ର ରାଉତଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ବିନୋଦ ଦାସ, ଶିବେନ୍ଦ୍ର ହାତୀ, କର୍ପୋରେଟର ଦୀପକ ଦାସ, ଇତିଶ୍ରୀ ଦାସଙ୍କ ସହିତ ସ୍ୱଦେଶ ଦାସ ଓ ବିଶ୍ୱଜିତ ସ୍ୱାଇଁଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ସମ୍ପାଦକ ଅମ୍ବିକା ସାମଲଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।




## ଜଷ୍ଟିସ ବୀରକିଶୋର ରାୟ ସ୍ମୃତିସନ୍ଧ୍ୟା

# ଅନନ୍ୟ ଥିଲେ ଜଷ୍ଟିସ ବୀରକିଶୋର

**କଟକ, ୨୬।୭(ସମିସ):** ଜଷ୍ଟିସ ବୀରକିଶୋର ରାୟ ଓଡ଼ିଶାର ଅନେକ କ୍ଷେତ୍ରରେ ପ୍ରଥମ ଭାବରେ ଗୌରବ ଅର୍ଜନ କରିଥିଲେ। ଓଡ଼ିଶାର ପ୍ରଥମ ଆଡଭୋକେଟ ଜେନେରାଲ ଓ ପ୍ରଥମ ମୁଖ୍ୟ ବିଚାରପତି ଭାବରେ ତାଙ୍କ କୃତିତ୍ୱ ରହିଛି। ରବିବାର ସଂଧାରେ



ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଜଷ୍ଟିସ ବୀରକିଶୋର ରାୟଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ଜଷ୍ଟିସ ବୀରକିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏସନ୍ ସଭାପତି ଲଳାଟେନ୍ଦୁ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଓଡ଼ିଶାର ଆଇନ ବ୍ୟବସ୍ଥା, ସାରସ୍ୱତ ପରିମଣ୍ଡଳ ଓ ସାଂସ୍କୃତିକ କ୍ଷେତ୍ରକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ ଓ ତାଙ୍କ ଦେହାନ୍ତ ଦିବସ ଗୋଟିଏ ତାରିଖରେ ହେବା ଏକ ବିରଳ ସଂଯୋଗ। ଉତ୍କଳ ସାହିତ୍ୟ ସମାଜର ସଭାପତି ପଦ ମଣ୍ଡନ କରିବା ମଧ୍ୟ ତାଙ୍କ ଜୀବନର ଏକ ଉଲ୍ଲେଖନୀୟ ଘଟଣା। ଜଷ୍ଟିସ ବୀର କିଶୋର ରାୟ ସ୍ମୃତି ସଂସଦର ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ ଅତିଥି ପରିଚୟ ଦେଇଥିବା ବେଳେ ଓଡ଼ିଶା ଆଇନଜୀବୀ ପରିଷଦ ସଭ୍ୟ ଲକ୍ଷ୍ମୀ ନାରାୟଣ ପଟେଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବର୍ଷାଋତୁରେ ଚାଲିଛି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ

**ନିଶ୍ଚିନ୍ତକୋଇଲି, ୨୬।୭ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡା କେନାଲ ୭ନମ୍ବର ଶାଖା କେନାଲର ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ ବର୍ଷାଋତୁରେ କରାଯିବା ନେଇ ଅଭିଯୋଗ ହୋଇଛି। ଠିକାଦାରଙ୍କ ଉପରେ



## ଜମିକୁ ପାଣି ପହଞ୍ଚିବା ନେଇ ଚାଷୀ ଆଶଙ୍କାରେ

ବିଭାଗର ନିୟନ୍ତ୍ରଣ ନଥିବାରୁ ଏଭଳି ଅବସ୍ଥା ଦେଖାଯାଇଥିବା ଆଲୋଚନା ହେଉଛି। ଏହି ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନଥିବାରୁ କେନାଲରେ ପାଣି ଯାଇ କ୍ଷେତ ଜଳସେଚନ ହେବାର ସମସ୍ୟା ଉପୁଜିବାର ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ୭ନମ୍ବର କେନାଲର ରକ୍ଷଣାବେକ୍ଷଣା ଦାୟିତ୍ୱ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ରହିଛି। ଏହି କେନାଲର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ଓ ଲାଇନିଂ କାର୍ଯ୍ୟ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା ବେଳେ ସ୍ଥାନୀୟ ବିଧାୟକ ଗତ ଫେବ୍ରୁଆରୀ ୫ ତାରିଖ ଏହି ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଥିଲେ। ତେବେ, କୌଣସି ସୂଚନା ଫଳକ ଦିଆ ନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଛି। ଠିକାଦାର ନିଜ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏବେ ଲଘୁଚାପ ଜନିତ ଲଗାଣ ବର୍ଷାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ବ୍ୟୟ ଅଟକଳ ଅନୁଯାୟୀ କାର୍ଯ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି। ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ, ଠିକାଦାରଙ୍କ ଏହି ମନମର୍ଜି ପାଇଁ ଜଳସେଚନ ବିଭାଗ ପକ୍ଷରୁ ପାଣି ଛଡା ଯାଉନାହିଁ। ଯାହାଦ୍ୱାରା ଚାଷ କାର୍ଯ୍ୟରେ ବହୁ ବିଳମ୍ବ ହେଉଛି। କ୍ଷେତରେ ପାଣି ନଥିବାରୁ ଚାଷୀ ହାତବାନ୍ଧି ବସିଛି। ପ୍ରଶାସନ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତୁରନ୍ତ କେନାଲରେ ପାଣି ଛାଡିବାକୁ ଚାଷୀ ମହଲରେ ଦାବି ହୋଇଛି।




# ଜଳ ନିଷ୍କାସନ ପଥ ଅବରୋଧ; ଦୁର୍ଦ୍ଦଶାରେ ୨୫ ପରିବାର

**କଟକ, ୨୬।୭(ସମିସ):** କଟକ ସହର ଉପକଣ୍ଠ ତଥା କଟକ-ପାରାଦୀପ ଜାତୀୟ ରାଜପଥ ସଂଲଗ୍ନ ଗତିରାଉତପାଟଣା ମଠସାହି ଏବେ ମଣିଷକୃତ ଜଳବନ୍ଦୀର ଶିକାର ହୋଇଛି। ବର୍ଷା ହେଲେ ସାହିର ରାସ୍ତାଘାଟ ଜଳମଗ୍ନ ହୋଇପଡୁଛି। ଦୀର୍ଘଦିନ ଧରି ଡ୍ରେରନେଜ



## କଟକ-ପାରାଦୀପ ରାସ୍ତା ଅବରୋଧ ଚେତାବନୀ

ବ୍ୟବସ୍ଥା ଅଚଳ ହୋଇପଡ଼ିଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ପ୍ରାୟ ୨୫ଟି ପରିବାର, ବିଶେଷକରି ବହୁ ବୟସ୍କ ନାଗରିକ, ମହିଳା ଓ ଶିଶୁ ଅସହ୍ୟ ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି। ବର୍ଷା ପାଣି ଘର ସମ୍ମୁଖରେ ଓ ରାସ୍ତାରେ ଦିନ ଦିନ ଧରି ଜମି ରହୁଛି। ଗତ ବର୍ଷ ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଅଭିଯୋଗ ପରେ କୌଣସି ଦୀର୍ଘମିଆଦି ପଦକ୍ଷେପ ନିଆଯାଇ ନଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି। ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ, ତେବେ ସ୍ଥାନୀୟବାସିନ୍ଦା କଟକ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

# 'ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ'

କଟକ, ୨୬।୭(ସମିସ)

ନିଟ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ ଯୋଗୁଁ ସୃଷ୍ଟି ହୋଇଥିବା ମାନସିକ ଚାପ କାରଣରୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେନେଇ ଏଯାବତ ସରକାର କୌଣସି ଆର୍ଥିକ ସହାୟତା ଘୋଷଣା ନ କରିବା ଅତ୍ୟନ୍ତ ପରିତାପର ବିଷୟ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଂଯୋଜନା ଏବଂ କଟକ ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତିରଂଜନ ନାୟକଙ୍କ ନେତୃତ୍ୱରେ ମହମବତି ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଲେଜ ଛକସ୍ଥିତ ନେତାଜୀ ସୁଭାଷ ବୋଷ ପ୍ରତିମୂର୍ତ୍ତି ନିକଟରୁ ମହମବତି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।


ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ଗୋଳମାଳ ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ନବୀନ ପଟ୍ଟନାୟକ କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନା ସଂସ୍ଥା ଉପରେ ବର୍ଷିଛନ୍ତି। ବିଜୁ ଜନତା ଦଳ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତାର ଏକ ଉଚ୍ଚସ୍ତରୀୟ ଏବଂ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛି। ଏନ୍‌ଟିଏର କାର୍ଯ୍ୟଦକ୍ଷତା ଏବଂ ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି କଟକ ଜିଲ୍ଲା ବିଜୁ ଜନତା ଦଳ। ସେହିପରି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ନୂଆ ପାଠ୍ୟପୁସ୍ତକଗୁଡ଼ିକରେ ବହୁସଂଖ୍ୟକ ଭୁଲ୍ ସାମ୍ନାକୁ ଆସିଛି। ତେଣୁ ଓଡିଶା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ଭାରତରେ ଯେପରି ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କ ରୋଷର ଶିକାର ହେଲେ ସେହିପରି ଶ୍ରୀଯୁକ୍ତ ଗଣ୍ଡ ଦଣ୍ଡ ଭୋଗିବେ ବୋଲି ବିଜେଡି କହିଛି। ଏହି ଶୋଭାଯାତ୍ରାରେ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ପ୍ରଶାନ୍ତ ନାୟକ, ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, କଟକ ମହାନଗର ଜିଲ୍ଲା ସଭାପତି ଆଡ଼ଭୋକେଟ ସ୍ୱଦେଶ ଦାସ, କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ, କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ମିତାଲି ଭଞ୍ଜ, ବିଷ୍ଣୁ ସାହୁ, ଜଗନ୍ନାଥ ସ୍ୱାଇଁ, ସେକ ରିୟାଜୁଲ୍ଲା, ଦେବେନ୍ଦ୍ର କାହାଳି, ଇତିଶ୍ରୀ ଦାସ, ଭୋପା ସାମଲ, ଦୀପା ପଟ୍ଟନାୟକ, କବିତା ଖଣ୍ଡେଇ, ଗୀତାଞ୍ଜଳି ନାୟକ, ତନୁଜା ଖୁଣ୍ଟିଆ, ଅନୁପମା ବେହେରା, ସତ୍ୟବ୍ରତ ପଟ୍ଟନାୟକ, ଯୁଧିଷ୍ଠିର ବିଶ୍ୱାଳ, ପ୍ରତାପ ନାୟକ, ରେଣୁକା ମହାନ୍ତି, ଅଜୟ ରାଉତ, ଭବାନୀ ଶଙ୍କର ଦାସ, ସୋଏବ ମହମ୍ମଦ, ପ୍ରଭାତ ଜେନା, ଜ୍ଞାନରଞ୍ଜନ ଜେନା, ରାକେଶ ବେହେରା, କୁମାର ପଲ୍ଲୀପ୍ରକାଶ, ଅରୁଣ ରାଓ, ସୁମିତ ସାମଲ, ବିକାଶ ସାହୁ ଉପସ୍ଥିତ ଥିଲେ।



## ମୃତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ବିଜୁ ଯୁବ-ଛାତ୍ର ଦଳର ମହମବତି ଶ୍ରଦ୍ଧାଞ୍ଜଳି

ସକାଳ
THE SAKALA

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

## ଗଣତନ୍ତ୍ରର ଐତିହାସିକ ବିଜୟ

ବିପର୍ଯ୍ୟସ୍ତ ଓ ଦୁର୍ନୀତିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ନିର୍ଣ୍ଣାୟକ ଆନ୍ଦୋଳନରେ ସିଜେପିର ଜିତାପଟ ହୋଇଛି। ଜେନ୍ ଜେଡ୍ ବର୍ଗର ଅହିଂସ ଓ ଅଟଳ ସଂକଳ୍ପ ଆଗରେ ଅପ୍ରତିହତ ମନେ ହେଉଥିବା କେନ୍ଦ୍ର ସରକାରଙ୍କ ଦମ୍ଭ ଭାଙ୍ଗିଛି। ସିଜେପିର ମୁଖ୍ୟ ଦାବି ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଗତ ବାରବର୍ଷର ଅପ୍ରତିଦ୍ୱନ୍ଦ୍ୱୀ ଓ ଦୁର୍ଜେୟ ଘୋଷିତ କେନ୍ଦ୍ର ସରକାରଙ୍କ ମନ୍ତ୍ରିପରିଷଦର କୌଣସି ସଦସ୍ୟ ଜନତାଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଇସ୍ତଫା ଦେବା ଏହା ପ୍ରଥମ। ଇସ୍ତଫା ଦାବିକୁ ଟାଳିବାକୁ ସବୁମତେ ଉଦ୍ୟମ କରାଯାଇଥିଲେ ହେଁ ଛାତ୍ରଙ୍କ ଦୃଢ଼ ମନୋବଳ ଆଗରେ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ସିଜେପିର ବିଜୟ ନ କହି ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଛନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ବଳରେ ଜନପ୍ରତିନିଧିମାନେ ନୀତି ନିର୍ଦ୍ଧାରଣ ପଦବୀ ମଣ୍ଡନ କରନ୍ତି। ଯଦି ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟାବଳୀ ଓ ନିଷ୍ପତ୍ତି ସାମୂହିକ ଜନସ୍ୱାର୍ଥରୁ ଦୂରେଇ ଯାଉଥିବାର ଅନୁଭବ ହୁଏ ତେବେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। କାର୍ଯ୍ୟାବଳୀ ଜନବିମୁଖୀ ହେଲେ ସମ୍ପୃକ୍ତ ନୀତି ନିର୍ଦ୍ଧାରକ ନିଜକୁ ସୁଧାରିବା କିମ୍ବା ଜନମତକୁ ସମ୍ମାନ ଦେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ବିଧେୟ। ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି। ଗଣତନ୍ତ୍ରର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଜନାଦେଶ ଆଧାରିତ ହୋଇଥିବାରୁ ଜନମତକୁ ସମ୍ମାନ ଓ ଗ୍ରହଣ କରା ନ ଯିବ ବା କିପରି? ଯଦି ଏହା ନ ହୁଏ ତେବେ ଗଣତାନ୍ତ୍ରିକ ଉପାୟରେ ଏବଂ ଅହିଂସ ପ୍ରତିବାଦ ବା ଆନ୍ଦୋଳନ ଜରିଆରେ ଦାବି ହାସଲ କରିବାର ଅଧିକାର ଆମ ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି। ସିଜେପି ଆନ୍ଦୋଳନରେ ଗଣତନ୍ତ୍ରର ଏହି ମୌଳିକ ତତ୍ତ୍ୱ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇଛି। ତେଣୁ ଆନ୍ଦୋଳନକାରୀଙ୍କ ସପକ୍ଷରେ ଯେଉଁ ଫଳାଫଳ ଆସୁଛି ତାହା ଜନସମୁଦାୟଙ୍କ ଉପଲବ୍ଧି ଏବଂ ସର୍ବୋପରି ସୁସ୍ଥ ଗଣତନ୍ତ୍ରର ବିଜୟ ସଞ୍ଜ୍ଞା ଧାରଣରେ ବୋଧହୁଏ ଦ୍ୱିରୁକ୍ତି ନାହିଁ।

ସିଜେପି ଆନ୍ଦୋଳନ ଆହୁରି ମଧ୍ୟ ପ୍ରମାଣ କରିଛି ଯେ ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ ଏବଂ ସେମାନଙ୍କ ନିଷ୍ପତ୍ତି/ମତାମତ ହିଁ ସର୍ବଶେଷ। ଏହି ଶାସନ ବ୍ୟବସ୍ଥାରେ ଅହଂ, ସ୍ୱୈରଚାର, ଏକଚାଟିଆ ବା ମନମୁଖି ଆଭିମୁଖ୍ୟର କୌଣସି ସ୍ଥାନ ନାହିଁ। ଗତ ବାରବର୍ଷରେ ସିଏଏ ଓ କୃଷି ଆଇନ ପରି ଦୁଇଦୁଇଟି ଘଟଣାରେ କେନ୍ଦ୍ର ସରକାରଙ୍କ ମନମୁଖି ଶାସନ ପରାଭବର ସାମ୍ନା କରିଥିଲେ ମଧ୍ୟ କୌଣସି ମନ୍ତ୍ରୀ ଇସ୍ତଫା ଦେବାକୁ ପଡ଼ି ନଥିଲା କି କାହାକୁ ବରଖାସ୍ତ କରାଯାଇ ନଥିଲା। ଯାହା ବାରବର୍ଷରେ ଘଟି ନଥିଲା ତାହା ଜେନ୍ ଜେଡ୍ ଗୋଷ୍ଠୀ କରି ଦେଖାଇଲେ। ଏହା ପ୍ରମାଣ କଲା ଯେ ମନୋବଳ ଦୃଢ଼, ଲକ୍ଷ୍ୟ ସ୍ଥିର, ଆଭିମୁଖ୍ୟ ସ୍ୱଚ୍ଛ ଓ କାର୍ଯ୍ୟାବଳୀ ନିଃସ୍ୱାର୍ଥପର ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କିଛି ଅସମ୍ଭବ ନୁହେଁ କି କେହି ଦୁର୍ଜେୟ ନୁହନ୍ତି। ଅନେକ ପ୍ରାରମ୍ଭିକ ବାଧାବିଘ୍ନ ସତ୍ତ୍ୱେ ଶେଷରେ ଗଣତନ୍ତ୍ରର ହିଁ ବିଜୟ ହୁଏ।

ଯଦି କେନ୍ଦ୍ର ସରକାର ନିଜ ଅହଂକୁ ପରିହାର କରି ଗଣଦାବିକୁ ସ୍ୱୀକାର କରିବାରେ ଆଉ ଅଧିକ ବିଳମ୍ବ କରିଥା'ନ୍ତେ ତେବେ ସିଜେପିର ଆନ୍ଦୋଳନ ପ୍ରତିମୁହୂର୍ତ୍ତରେ ଆହୁରି ଅଧିକରୁ ଅଧିକ ଜନସମର୍ଥନ ଲାଭ କରି ବଳିଷ୍ଠ ହୋଇ ଜନ-ମହାସମୁଦ୍ରର ରୂପ ନେଇଥା'ନ୍ତା ଏବଂ ତା'ର ଲହରି ଓ ଗର୍ଜନ ସାରା ଦେଶରେ ବିକ୍ଷୋଭର ସୁନାମି ସୃଷ୍ଟି କରିଥା'ନ୍ତା। ତା' ପରେ ହୁଏତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେନା ମୁତୟନ କରିବାକୁ ପଡ଼ିଥା'ନ୍ତା, ଯାହା ବିଶ୍ୱ ଦରବାରରେ ସର୍ବବୃହତ୍ ଗଣତନ୍ତ୍ରକୁ ନିନ୍ଦିତ କରିଥା'ନ୍ତା। ହୁଏତ ବାଂଲାଦେଶ ଓ ନେପାଳ ଅନୁକ୍ରମରେ ଭାରତ ସରକାରଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡ଼ିଥା'ନ୍ତା। ଏହାର ସୁଯୋଗ ନେଇ ବାହ୍ୟ ତତ୍ତ୍ୱ ଭାରତରେ ଅସ୍ଥିରତା, ହିଂସା ସୃଷ୍ଟି କରିବାରେ ଆଦୌ ପଶ୍ଚାତପଦ ହୋଇ ନ ଥା'ନ୍ତା। କିନ୍ତୁ ଦୂରଦର୍ଶୀ ଭାରତ ସରକାର ବିଜ୍ଞତାର ପରିଚୟ ଦେଇ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ବେଳ ହୁଁ ସିଜେପିର ଦାବିକୁ ଗ୍ରହଣ କରିନେଇଛନ୍ତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ସିଜେପି ଆନ୍ଦୋଳନର ଯୁଗାନ୍ତକାରୀ ବାର୍ତ୍ତା ହେଲା ବୁଦ୍ଧ ଓ ଗାନ୍ଧୀଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ। ବାଂଲାଦେଶ ଓ ନେପାଳର ଜେନ୍ ଜେଡ୍ ଭଳି ହିଂସା ଉପାୟରେ ଦାବି ହାସଲ କରିବାର ପଥ ଉନ୍ମୁକ୍ତ ଥିଲେ ହେଁ ତାହାକୁ ଭାରତର ଜେନ୍ ଜେଡ୍ ପରିହାର କରି ଅହିଂସ ପଥକୁ ଚୟନ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏହି ଉପଲବ୍ଧି ସମଗ୍ର ବିଶ୍ୱ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଏବଂ ଅହିଂସାର ମାର୍ଗ ହିଁ ଦାବି ହାସଲ କରିବାର ସର୍ବୋତ୍ତମ ବିକଳ୍ପ। ଭାରତର ଜେନ୍ ଜେଡ୍ ବର୍ଗ ଏହି ଆନ୍ଦୋଳନ ଜରିଆରେ ପୂର୍ବଜ ବରିଷ୍ଠ ଓ ଅଭିଜ୍ଞ ନେତୃବର୍ଗଙ୍କ ପାଇଁ ମଧ୍ୟ ଏକ ସନ୍ଦେଶ ଦେଇଛନ୍ତି। ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି ଯେ ଦଳୀୟ ନୀତି ଓ ଆଦର୍ଶ ଯଦି ଜନସ୍ୱାର୍ଥ ସମ୍ବଳିତ ହୁଏ ତେବେ ଦଳ-ମତ-ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ସାରା ଭାରତର ସମର୍ଥନ ମିଳିପାରିବ। ଆନ୍ଦୋଳନର ଆଗଧାଡ଼ିର କର୍ମକର୍ତ୍ତାମାନେ ଆହୁରି ମଧ୍ୟ ପ୍ରମାଣ କରିଛନ୍ତି ଯେ ସମସ୍ତେ ବିକ୍ରିଯୋଗ୍ୟ ନୁହନ୍ତି ଏବଂ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥାପି ବଞ୍ଚିଛି।

ସର୍ବୋପରି ଭାରତର ଗଣତନ୍ତ୍ର ସୁପ୍ତପ୍ରାୟ ବୋଲି ସୃଷ୍ଟି ହୋଇସାରିଥିବା ଧାରଣା ଯେ ନିରାଧାର ତାହା ସିଜେପି ଆନ୍ଦୋଳନରୁ ଅନୁଭୂତ ହୋଇଛି। ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ହତାଶା ମରୁରେ ସିଜେପି ଆନ୍ଦୋଳନ ସଞ୍ଜୀବନୀ ସଞ୍ଚାର କରିଛି। ଏହାକୁ ପରିପୁଷ୍ଟ କରିବା ପୂର୍ବଜ ଓ ଉତ୍ତରପିଢ଼ିଙ୍କ ଦାୟିତ୍ୱ।

# ଲକ୍ଷ୍ମୀ ପୁରାଣ: ନାରୀର ସ୍ୱାଧୀନ ସ୍ୱରର ଉଚ୍ଚାରଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ନିକଟରେ ଓଡ଼ିଶା ସରକାର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ଏକକୋଟି ସଂଶୋଧିତ ପ୍ରତିମୁଦ୍ରଣ ଓ ବିତରଣ କରିବା ସହ ସନ୍ଥକବିଙ୍କ ସ୍ମୃତିରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣର ଘୋଷଣା କରିଛନ୍ତି। ଏହି ଘୋଷଣା ସ୍ୱାଭାବିକ ଭାବରେ ଭିନ୍ନଭିନ୍ନ ମହଲରେ ନାନା ବିଚାରବିମର୍ଶ ତଥା ବିତର୍କର ସୂତ୍ରପାତ କରିଛି। କେହି ଏହାକୁ ବର୍ତ୍ତମାନ ସରକାରଙ୍କ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଓ ସାଂସ୍କୃତିକ ପୁନର୍ଜାଗରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ବୋଲି କହୁଥିବା ବେଳେ ଅନେକ ମଧ୍ୟ ଏହା ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ସେଥିପାଇଁ ଏକ ବିବଦମାନ ସରକାରୀ ପଦକ୍ଷେପ ବୋଲି କହୁଛନ୍ତି। ଏହି ସବୁ ପ୍ରତିକ୍ରିୟା ଖୁବ୍ ସ୍ୱାଭାବିକ ଅବଶ୍ୟ।

ତେବେ ଏହି ଚର୍ଚ୍ଚା, ବିଚାର ବିମର୍ଶ କିମ୍ବା ମତମତାନ୍ତର ସବୁର ଉତ୍ତେଜକ ଆବହାୱାରେ ଅତି ମହତ୍ତ୍ୱପୂର୍ଣ୍ଣ ମୌଳିକ ପ୍ରଶ୍ନ ପ୍ରାୟ ଅନୁଚ୍ଚାରିତ। ତାହା ହେଉଛି : ଆମେ ଏ ଦୀର୍ଘ ଚାରିଶହ ବର୍ଷ ଭିତରେ ଓଡ଼ିଆ ମନୀଷା-ସୃଷ୍ଟ ଏହି ଗ୍ରନ୍ଥଟିକୁ କ'ଣ ସତରେ କେବେ ଗଭୀରତାର ସହିତ ପଢ଼ିଛେ; ତା'ର ମୂଲ୍ୟାୟନ କରିବାର ପ୍ରଚେଷ୍ଟା କରିଛେ ନା କେବଳ ଭାକ୍ତିକ ବିହ୍ୱଳତା ପ୍ରଦର୍ଶନ କରି ତା'ର ଅର୍ଚ୍ଚନ, ବନ୍ଦନ କରିବାରେ ସନ୍ତୁଷ୍ଟ ରହିଛେ? ଏହା ସତ୍ୟ ଯେ ଆମେ 'ଲକ୍ଷ୍ମୀ ପୁରାଣ'କୁ ମୁଖ୍ୟତଃ ଏକ ଧାର୍ମିକ ଗ୍ରନ୍ଥ ଭାବରେ ଗ୍ରହଣ କରିଛେ ଏବଂ ତତ୍‌ସହିତ ଭିନ୍ନ ଭିନ୍ନ ଧର୍ମୀୟ ଓ ବୌଦ୍ଧିକ ବିଚାର-ଆଲୋଚନାର ମଞ୍ଚମାନଙ୍କରେ ପଞ୍ଚଦଶ ଶତାବ୍ଦୀର ଏହି ଧାର୍ମିକ ଗ୍ରନ୍ଥରେ ଜାତିଭେଦ ତଥା ଅସ୍ପୃଶ୍ୟତା-ବିରୋଧୀ ସ୍ୱର କେତେ ବିସ୍ମୟକର ଭାବରେ ସ୍ପଷ୍ଟ ଓ ତ୍ରୀବ ଥିଲା କହି ଖୁବ୍ ଗର୍ବ ଓ ଗୌରବ ଅନୁଭବ କରିଛେ। 'ଲକ୍ଷ୍ମୀ ପୁରାଣ'ର ଭାବବସ୍ତୁ ପ୍ରତି ଆମର ଏଇ ଆଭିମୁଖ୍ୟ ଆଦୌ ନିରାଧାର ନୁହେଁ।

ଏଥିରେ ଦ୍ୱିମତ ନାହିଁ ଯେ ଏହା ଏକ ଧାର୍ମିକ ଗ୍ରନ୍ଥ ହୋଇଥିଲେ ମଧ୍ୟ ଏହାର ଭାବବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହା ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣବ୍ୟବସ୍ଥା-ବିରୋଧୀ ଗ୍ରନ୍ଥ ମଧ୍ୟ। ମାତ୍ର ଏହାର ବିଶେଷତ୍ୱ ଓ ଅନନ୍ୟତା ପ୍ରକୃତରେ କ'ଣ, ତାହା ସ୍ପଷ୍ଟ ହୋଇଥାଏ ଯେତେବେଳେ ଆମେ ଏହାକୁ ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ଏହାର ମୂଲ୍ୟାୟନ କରିଥାଉ। ସେତିକିବେଳେ ମଧ୍ୟ ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ ମଧ୍ୟଯୁଗୀୟ କାଳଖଣ୍ଡରେ ନାରୀ-ସ୍ୱାଧୀନତା ଓ ନାରୀ-ସାର୍ବଭୌମତାର ବାର୍ତ୍ତା ପ୍ରଦାନ କରୁଥିବା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ 'ଲକ୍ଷ୍ମୀ ପୁରାଣ'ର ସ୍ଥାନ ସ୍ୱତନ୍ତ୍ର। ନାରୀର ସ୍ୱାଧୀନ ନୈତିକ ସତ୍ତା, ସାମାଜିକ ନ୍ୟାୟ ଓ ମାନବୀୟ ସମତାର ଉଦ୍‌ଘୋଷଣା କରୁଥିବା ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ।

ଏହି ସନ୍ଦର୍ଭରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଯେ ନାରୀର ସ୍ୱାଧୀନତା ବା ସ୍ୱାୟତ୍ତତା ସଂପର୍କିତ ଭାବବସ୍ତୁର ସ୍ପଷ୍ଟ ଆଭାସ ପ୍ରଥମେ କେଉଁ ପ୍ରାଚୀନ ସାହିତ୍ୟିକ ସୃଷ୍ଟିରେ ଉପଲବ୍ଧ? ଏ ପ୍ରଶ୍ନର ଉତ୍ତର ମିଳିଥାଏ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିବା ବିଶ୍ୱର ପ୍ରାଚୀନତମ ନାରୀ କବିତା ସଂକଳନ 'ଥେରୀଗାଥା'ରୁ। ବହୁ ଐତିହାସିର ଏକମତ ଯେ ବୌଦ୍ଧ ସାହିତ୍ୟର ଏହି ଅତୁଳନୀୟ କୃତିରେ ପ୍ରଥମେ ପରିସ୍ଫୁଟିତ ହୋଇଥିଲା ନାରୀ ସ୍ୱାଧୀନତା କେନ୍ଦ୍ରିକ ଚେତନା ଓ ସ୍ୱର। 'ଥେରୀଗାଥା'ରେ ନାରୀ ପ୍ରଥମେ ନିଜ କଣ୍ଠରେ କହିଥିଲା - 'ମୋ ଜୀବନ ଏକାନ୍ତ ଭାବରେ ମୋର ଓ ମୋ ଜୀବନର ନିଷ୍ପତ୍ତି ମୁଁ ହିଁ ନେବି- ମୋ ସ୍ୱାଧୀନ ଇଚ୍ଛାରେ'।

ଏହି କବିତା ସଂକଳନରେ ବୌଦ୍ଧ ଭିକ୍ଷୁଣୀମାନେ ବାରମ୍ବାର ଘୋଷଣା କରିଛନ୍ତି- 'ଆମର ମୁକ୍ତି ଲୋଡ଼ା ପାରିବାରିକ ବନ୍ଧନସବୁରୁ। ଶିଶୁର କାନ୍ଦ ହେଉ କି ହସ ହେଉ, ସ୍ୱାମୀର ସୋହାଗ ହେଉ କି ଅବହେଳା ହେଉ, ଗୃହାଙ୍ଗନର ନିରାପତ୍ତା ହେଉ କି ପୁରୁଷମାନଙ୍କ ସହାୟତା ପ୍ରଦାନକାରୀ କୃପାଦୃଷ୍ଟି ହେଉ - ଏ ପ୍ରତ୍ୟେକଟି ଆମ ପାଇଁ ମୂଲ୍ୟହୀନ। କାରଣ ଆମେ ଆମର ଅନ୍ତର୍ସତ୍ତାର ସ୍ୱର ଶୁଣି ସାରିଛୁ। ଆମେ ସ୍ୱାଧୀନ ଓ ସ୍ୱଆୟତ୍ତାଧୀନ'। 'ଥେରୀଗାଥା'ର କବିତା ପାଠ କଲେ ସ୍ପଷ୍ଟ ଜଣାପଡ଼ିଥାଏ ଯେ ମାନବ ଇତିହାସରେ ପ୍ରଥମ ଥର ପାଇଁ ନାରୀ ନିଜ ଜୀବନର କାହାଣୀ ନିଜେ ଲେଖୁଛି; ସେ ଆଉ କାହାର କାହାଣୀର ପାତ୍ର ନୁହେଁ, ସେ ନିଜେ ନିଜ ଜୀବନର କଥକ।

'ଥେରୀଗାଥା'ର ସୃଷ୍ଟି ଠାରୁ ପ୍ରାୟ ପନ୍ଦରଶହ ବର୍ଷ ପରେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସନ୍ଥ କବି ବଳରାମ ଦାସ ଏମିତି ଏକ ନାରୀ-ଚରିତ୍ରର ମର୍ମସ୍ପର୍ଶୀ ଚିତ୍ରଣ କଲେ, ଯିଏ କେବଳ ନିଜ ମୁକ୍ତିର କଥା କହିଲେ ନାହିଁ, - ସେ ସମାଜକୁ ବଦଳାଇବାର ଦାୟିତ୍ୱ ନିଜ କାନ୍ଧରେ ମଧ୍ୟ ନେଲେ। ଲକ୍ଷ୍ମୀ ଠାକୁରାଣୀ ହେଲେ ନାରୀ-ଚରିତ୍ରର ପ୍ରତିନିଧି। ପ୍ରଭୁ ବଳରାମ ଓ ପ୍ରଭୁ ଜଗନ୍ନାଥ ହେଲେ ପୁରୁଷ -ପ୍ରାଧାନ୍ୟ ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପ୍ରତିଭୂ। ସାମାଜିକ ଅସମାନତା, ଜାତିବର୍ଣ୍ଣ ଆଧାରିତ ଭେଦଭାବ ତଥା ଅସ୍ପୃଶ୍ୟତାର ପୀଡ଼ନରୁ ମୁକ୍ତି ଖୋଜୁଥିବା ଆର୍ତ୍ତସ୍ୱରଟି ହେଲା ଶ୍ରୀୟା ଚଣ୍ଡାଲୁଣୀଙ୍କର।



'ଲକ୍ଷ୍ମୀ ପୁରାଣ'ର ଲକ୍ଷ୍ମୀ କିନ୍ତୁ 'ଥେରୀଗାଥା'ର ଭିକ୍ଷୁଣୀ ପରି ମୁକ୍ତି ଲୋଡ଼ି ନାହାନ୍ତି କୌଣସି ବନ୍ଧନରୁ, ବରଂ ବନ୍ଧନକୁ ସେ ଅଙ୍ଗୀକାର କରିଛନ୍ତି ଆପଣା ସର୍ତ୍ତରେ ଓ ଆପଣାର ସ୍ୱାଧୀନ ଇଚ୍ଛରେ। 'ଥେରୀଗାଥା' ର ନାରୀ ଗୃହ ତ୍ୟାଗ କରି ମୁକ୍ତି ବା ନିର୍ବାଣ ଖୋଜିଛନ୍ତି ବୁଦ୍ଧ-ପ୍ରଦର୍ଶିତ ମାର୍ଗରେ। ମା' ଲକ୍ଷ୍ମୀ ଗୃହତ୍ୟାଗ କରିଛନ୍ତି, କିନ୍ତୁ ପୁନଶ୍ଚ ଗୃହକୁ ଫେରିଆସିଛନ୍ତି ଆପଣାର ସର୍ତ୍ତରେ। 'ଥେରୀଗାଥା'ର ନାରୀ ଦୁଃଖର ନିର୍ବାପନର ମାର୍ଗ ଖୋଜିଛନ୍ତି; ମା' ଲକ୍ଷ୍ମୀ ଖୋଜିଛନ୍ତି ସମାଜରୁ ଅନ୍ୟାୟ, ଅସମାନତା ଓ ଭେଦଭାବର ନିର୍ବାପନର ମାର୍ଗ। 'ଥେରୀଗାଥା'ରେ ମୁକ୍ତିର ପଥ ସନ୍ନ୍ୟାସ; 'ଲକ୍ଷ୍ମୀ ପୁରାଣ'ରେ ମୁକ୍ତିର ପଥ ସାମାଜିକ ନ୍ୟାୟ ଓ ସମତା। ଏହି ସୂକ୍ଷ୍ମ ଅଥଚ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯୋଗୁଁ କବି ବଳରାମ ବିଶ୍ୱ ସାହିତ୍ୟର ଇତିହାସରେ ଆଧୁନିକ ନାରୀବାଦ କହିଲେ ଏବେ ଆମେ ଯାହା ବୁଝୁଛେ, ତା'ର ସର୍ବପ୍ରଥମ ପଥିକୃତ୍ ସାହିତ୍ୟିକ। ତାଙ୍କରି ଲେଖନୀ ସୃଷ୍ଟ 'ଲକ୍ଷ୍ମୀ ପୁରାଣ' ନାରୀର ସ୍ୱାଧୀନତା ଓ ସ୍ୱାଧୀନେଚ୍ଛାର ସର୍ବଶ୍ରେଷ୍ଠ ଉଚ୍ଚାରଣ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ପାଣିପାଗ ପୂର୍ବାନୁମାନ ଓ ଚାଷୀର ପ୍ରକୃତ ଆବଶ୍ୟକତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ



ଜୁନ୍ ୨୦୨୬ ର ଶେଷ ସପ୍ତାହରେ ଓଡ଼ିଶାର ଅନେକ ଚାଷୀ ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବ ପିଢ଼ିର ଚାଷୀମାନେ କଦାପି ଭାବି ନଥିଲେ। ୧୨ ଜୁନ୍‌ରେ ମୌସୁମୀ ଆଗମନ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ଚାଷୀ ସନ୍ଦେହରେ ଥିଲେ ଏବଂ ତଳିପକା କାମ ଆରମ୍ଭ କରିବାକୁ ସାହସ ବାନ୍ଧି ପାରି ନ ଥିଲେ। ଦଶନ୍ଧି ଦଶନ୍ଧି ଧରି ମୌସୁମୀ ଆସିଲେ ଚାଷ କାମ ଆରମ୍ଭ ହେଉଥିଲା। କିନ୍ତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବଦଳୁଥିବା ଆଚରଣ ଯୋଗୁଁ ଚାଷ କାର୍ଯ୍ୟର ଯୋଜନା କରିବା କଷ୍ଟକର ହୋଇପଡ଼ିଛି।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ମୌସୁମୀ ଆଗମନର ଅର୍ଥ କେବଳ ବାୟୁମଣ୍ଡଳରେ ମୌସୁମୀ ପ୍ରବାହ ସୃଷ୍ଟି ହେବାକୁ ବୁଝାଏ। ଏହା ଗ୍ୟାରେଣ୍ଟି ଦିଏ ନାହିଁ ଯେ ସବୁଆଡ଼େ ଭଲ ଓ ଚାଷ ଉପଯୋଗୀ ବର୍ଷା ହେବ। ୨୦୦୯ ଏବଂ ୨୦୧୫ ରେ ମୌସୁମୀ ଠିକ୍ ସମୟରେ ଆସିଥିଲା। କିନ୍ତୁ ପରେ ଦୀର୍ଘ ଦିନ ଧରି ମରୁଡ଼ି ସଦୃଶ ସ୍ଥିତି ଦେଖାଦେଇ ଚାଷ ଉଜାଡ଼ି ଦେଇଥିଲା। ୨୦୨୩ ରେ ମଧ୍ୟ ଶୀଘ୍ର ମୌସୁମୀ ଆସିବା ପରେ ବର୍ଷା ଗାଏବ ହୋଇଯାଇଥିଲା। ଓଡ଼ିଶାରେ ୧୨ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ୩୦ ତାରିଖ ଶେଷ ସୁଦ୍ଧା ଅନେକ ସ୍ଥାନରେ ଚାଷ ପାଇଁ ପର୍ଯ୍ୟାପ୍ତ ବର୍ଷା ହୋଇ ନ ଥିଲା।

ଚାଷୀଙ୍କୁ କେବଳ ମୌସୁମୀ ଆଗମନର ତାରିଖ ନୁହେଁ, ବରଂ 'କୃଷିଭିତ୍ତିକ ମୌସୁମୀ ପ୍ରତିଷ୍ଠା'ର ସୂଚନା ଦରକାର। ଏହାର ଅର୍ଥ ହେଉଛି - ବର୍ଷା କେବେଠାରୁ ନିୟମିତ ଓ ପର୍ଯ୍ୟାପ୍ତ ହେବ, ଯାହାଦ୍ୱାରା ଚାଷୀ ନିର୍ଭୟରେ ବିଲକୁ ଓହ୍ଲାଇପାରିବେ, ସମୁଦାୟ ବର୍ଷାର ପରିମାଣ କ'ଣ ଚାଷ ପାଇଁ ଯଥେଷ୍ଟ ଇତ୍ୟାଦି। ଆମେ ସାଧାରଣତଃ ମାସିକ କିମ୍ବା ଋତୁଭିତ୍ତିକ ସମୁଦାୟ ବର୍ଷାର ହିସାବ ଦେଖି ମୌସୁମୀ ଭଲ କି ମନ୍ଦ ଆକଳନ କରୁ। କିନ୍ତୁ ଫସଲ ପାଇଁ ପରିସଂଖ୍ୟାନ ନୁହେଁ, ବରଂ ଗଛ ବଢ଼ିବା ସମୟରେ ମାଟିରେ ରହୁଥିବା ଆର୍ଦ୍ରତା ଅଧିକ ଗୁରୁତ୍ୱପୂର୍ଣ୍ଣ। ୧୯୬୫ ଓ ୧୯୮୭ ଭଳି ବଡ଼ ମରୁଡ଼ି ବର୍ଷରେ ବର୍ଷାର ପରିମାଣ ବହୁତ କମ୍ ଥିଲା। କିନ୍ତୁ ୨୦୦୨, ୨୦୦୯, ୨୦୧୫, ୨୦୨୩ ଓ ୨୦୨୬ରେ ବର୍ଷାର ସମୁଦାୟ ପରିମାଣ ପ୍ରାୟ ସ୍ୱାଭାବିକ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ବର୍ଷା ନହେବା ଯୋଗୁଁ ମାଟି ଶୁଖିଗଲା ଏବଂ ଫସଲ ନଷ୍ଟ ହେଲା। ଯଦି ଗୋଟିଏ ମାସରେ ମାତ୍ର ୨ ରୁ ୩ ଦିନ ପ୍ରବଳ ବର୍ଷା ହୋଇଯାଏ ଏବଂ ବାକି ଦିନଗୁଡ଼ିକ ଶୁଖିଲା ରହେ ତେବେ କାଗଜପତ୍ରରେ ବର୍ଷାର ପରିମାଣ ଠିକ୍ ଦେଖାଯିବ, କିନ୍ତୁ ତାହା ଫସଲ ପାଇଁ କ୍ଷତିକାରକ।

ଧାନ ଚାଷରେ ଗଜା ହେବା, କାନ୍ଥେଇବା, କେଣ୍ଡା ବାହାରିବା, ଫୁଲ ଆସିବା ଏବଂ ଧାନ କ୍ଷୀର ହେବା ସମୟରେ ପାଣିର ନିହାତି ଆବଶ୍ୟକତା ଥାଏ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବର୍ଷା ନହେଲେ, ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ହେଲେ ମଧ୍ୟ ତାହା ଫସଲକୁ ବଞ୍ଚାଇ ପାରିବ ନାହିଁ। ତେଣୁ ବର୍ଷାର ପରିମାଣ ଅପେକ୍ଷା ବର୍ଷାର ନିୟମିତତା ଅଧିକ ଜରୁରୀ। ଚାଷୀମାନଙ୍କୁ ପ୍ରକୃତରେ କେଉଁ ସୂଚନା ଦରକାର? ଏହାର ସହଜ ଉତ୍ତର ହେଉଛି 'ମାଟିର ଆର୍ଦ୍ରତା'। ମାଟିର ଆର୍ଦ୍ରତା ହିଁ ପାଣିପାଗ ଓ କୃଷିକୁ ପରସ୍ପର ସହ ଯୋଡ଼ିଥାଏ। ବର୍ଷା, ତାପମାତ୍ରା, ବାଷ୍ପୀଭବନ ଓ ପବନର ଗତିକୁ ଆଧାର କରି ଗଛର ଚେର ଥିବା ସ୍ଥାନରେ କେତେ ପାଣି ଅଛି, ତାହା ଉପରେ ଫସଲର ବୃଦ୍ଧି ନିର୍ଭର କରେ। ୨୦୦୨, ୨୦୦୯, ୨୦୧୫, ୨୦୨୩ ଏବଂ ଏହି ୨୦୨୬ ରେ କୃଷି କ୍ଷେତ୍ରରେ ସମସ୍ୟା କେବଳ ବର୍ଷାର ଅଭାବ ଯୋଗୁଁ ହୋଇନାହିଁ, ବରଂ ଦୀର୍ଘ ଦିନର ଶୁଖିଲା ପାଗ ଓ ଅଧିକ ତାପମାତ୍ରା ଯୋଗୁଁ ମାଟିର ଓଦାପଣ ଶୀଘ୍ର କମିଯିବା କାରଣରୁ ହୋଇଛି। ଏଭଳି ସ୍ଥିତିରେ କେବଳ ବର୍ଷାର ପରିସଂଖ୍ୟାନ ଚାଷର ପ୍ରକୃତ ଅବସ୍ଥା ଦର୍ଶାଇପାରେ ନାହିଁ।

ଆଧୁନିକ ଜଳସେଚନ ପରିଚାଳନାରେ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରାଯାଉଛି। ପ୍ରଥମ ପଦ୍ଧତିରେ ମାଟିରୁ କେତେ ପରିମାଣର ପାଣି କମିଲେ ଫସଲ ଖରାପ ହେବ ତା'ର ଆକଳନ କରାଯାଏ ଏବଂ ଦ୍ୱିତୀୟ ପଦ୍ଧତିରେ ପ୍ରତିଦିନ ବାଷ୍ପୀଭବନ ଦ୍ୱାରା କେତେ ଜଳ ନଷ୍ଟ ହେଉଛି ଏବଂ ତାହା ବର୍ଷା ବା ଜଳସେଚନ ଦ୍ୱାରା କେମିତି ଭରଣା ହେଉଛି, ତା'ର ଦୈନିକ ହିସାବ ରଖାଯାଏ। ତେଣୁ ବର୍ତ୍ତମାନର ବଦଳୁଥିବା ମୌସୁମୀ ସ୍ଥିତିରେ ବର୍ଷାଭିତ୍ତିକ ଚାଷ ପାଇଁ ମଧ୍ୟ ମାଟିର ଆର୍ଦ୍ରତା ସମ୍ପର୍କିତ ଆଭିମୁଖ୍ୟ ପ୍ରାସଙ୍ଗିକ ହୋଇପଡ଼ିଛି। ଚାଷୀଙ୍କୁ ଠିକ୍ ସମୟରେ ଜଣାଇବା ଦରକାର ଯେ ସେମାନଙ୍କ ଜମିର ମାଟିରେ କେତେ ପରିମାଣର ଆର୍ଦ୍ରତା ଅଛି, ତାହା କେତେ ଶୀଘ୍ର ଶୁଖୁଛି ଏବଂ ଆଗକୁ ବର୍ଷା ଦ୍ୱାରା ତାହା ଭରଣା ହେବାର ସମ୍ଭାବନା କେତେ। ଏହା ଜାଣିଲେ ଯାଇ ଚାଷୀ ଠିକ୍ ସମୟରେ ସଠିକ୍ ଭାବେ ତଳି ପକାଇବା ବା ରୁଆ କାମ କରିପାରିବେ।

ବଦଳୁଥିବା ମୌସୁମୀ କାରଣରୁ ଚାଷୀଙ୍କୁ କେବଳ 'ମୌସୁମୀ ଆସିଲା କି ନାହିଁ' ଜାଣିବା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଚାଷୀଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଆବଶ୍ୟକ। ପ୍ରଥମଟି ହେଉଛି କୃଷିଭିତ୍ତିକ ମୌସୁମୀ ସ୍ଥିର ହେଲା କି? ଏବଂ ଦ୍ୱିତୀୟ, ଫସଲ ବଞ୍ଚାଇବା ପାଇଁ ମାଟିରେ ପ୍ରକୃତ ଆର୍ଦ୍ରତା ଅଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ମୌସୁମୀ ଆସିବାର ତାରିଖ କିମ୍ବା ବର୍ଷାର ସମୁଦାୟ ପରିମାଣରୁ ମିଳିପାରିବ ନାହିଁ। ଏଥିପାଇଁ କୃଷିଭିତ୍ତିକ ସୂଚକାଙ୍କ ଆବଶ୍ୟକ, ଯାହା ପାଣିପାଗ ସୂଚନାକୁ ଚାଷ କାର୍ଯ୍ୟର ସହଜ ନିଷ୍ପତ୍ତିରେ ବଦଳାଇପାରିବ। ଏହି ନୂତନ କୃଷି ସୂଚକାଙ୍କ କିଏ ପ୍ରସ୍ତୁତ କରିବ, କେମିତି ବିକାଶ କରାଯିବ ଏବଂ ଏହା କିଭଳି ଚାଷୀଙ୍କ ପାଖରେ ସହଜରେ ପହଞ୍ଚିପାରିବ ତାହା ହିଁ ଭାରତର ଆଗାମୀ ପିଢ଼ିର କୃଷି-ପାଣିପାଗ ପରାମର୍ଶ ସେବାର ଭବିଷ୍ୟତ ନିର୍ଦ୍ଧାରଣ କରିବ।

ଭୁବନେଶ୍ୱର
ମୋ:୭୭୩୫୩୭୪୪୯୭

# ନୀଳାଦ୍ରିବିଜେର ଲୀଳା ବୈଶିଷ୍ଟ୍ୟ

ଡ. ଶରତ ଚନ୍ଦ୍ର ପରିଡ଼ା

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରିବିଜେ' ରଥଯାତ୍ରାର ଅଷ୍ଟମ ତଥା ଶେଷ ଚରଣ। ପ୍ରିୟ ଗୁଣ୍ଡିଚା ମଣ୍ଡପରେ ଜନ୍ମବେଦୀ ମହୋତ୍ସବ ଲୀଳା ଭିଆଇ ବାହୁଡ଼ାଦଶମୀରେ ନୀଳାଦ୍ରିକୁ ଫେରନ୍ତି ଶ୍ରୀମନ୍ଦିରର ଅଧିଷ୍ଠାତା ନୀଳାଦ୍ରିବିହାରୀ ନୀଳାଦ୍ରୀଶ ନୀଳଶୈଳଶିରୋମଣି।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀକୁ ସାଥିରେ ଧରି ଘୋଷଯାତ୍ରାରେ ଶ୍ରୀଜଗନ୍ନାଥ ପଳାଇଥିବାରୁ ସେ ଦୋଷୀ। ଅଭିମାନିନୀ ଲକ୍ଷ୍ମୀ ନୀଳାଦ୍ରୀଶଙ୍କୁ ନୀଳାଦ୍ରି ପ୍ରବେଶ ନିଷେଧ କରିଦିଅନ୍ତି। ସିଂହଦ୍ୱାର ଦରଜାର କଂସା କବାଟ ବନ୍ଦ ଅର୍ଥାତ୍ 'କବାଟକୀଳା' ନୀତି ଅନୁଷ୍ଠିତ ହୁଏ। ଲକ୍ଷ୍ମୀଙ୍କ ପ୍ରାର୍ଥନାରେ ଇନ୍ଦ୍ର ପ୍ରବଳ ବର୍ଷାରେ ଭିଜାଇ ଦେବାରୁ ଶ୍ରୀଜଗନ୍ନାଥ ତିନ୍ତି ତିନ୍ତି ଥରିବାକୁ ଲାଗନ୍ତି। ଜଗତର ନାଥ ନିଜର ଅନିଚ୍ଛାକୃତ ଦୋଷ ସ୍ୱୀକାର କରି କ୍ଷମା ମାଗିବାର ସମ୍ବାଦ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ପହଞ୍ଚେ। ଜଗଜ୍ଜନନୀଙ୍କ କ୍ରୋଧର ନିଆଁ ଶୀତଳ ହେବାରୁ ପତିଦେବତାଙ୍କୁ ଝିଙ୍ଗାସ ବଚନ କହିଥିବାରୁ ତାଙ୍କ ଛାତି ଫାଟିଗଲା ପରି ଲାଗେ। ଦ୍ୱାର ଖୋଲି ଦେବାକୁ କହି କାନ୍ଦିବାକୁ ଲାଗନ୍ତି।

ସିଂହଦ୍ୱାର ସିନା ଖୋଲିଗଲା, ହେଲେ ଜୟବିଜୟ ଦ୍ୱାର ବନ୍ଦ। ସେଠାରେ ଚିତ୍ତାକର୍ଷକ ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟାୟ ଆରମ୍ଭ ହୁଏ। ପ୍ରଥମେ ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଶ୍ରୀଜଗନ୍ନାଥ ପୁରୁଷ ସୁଲଭ ଚାଟୁ ବାକ୍ୟ କହନ୍ତି: 'ନବ ଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର/ ଝୁଲି ଝୁଲି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର।' ଏତକ କହି ଆଉ ରୋଷ ନକରି ତାଙ୍କୁ କ୍ଷମା କରିଦେବା ପାଇଁ ପତ୍ନୀପ୍ରିୟଙ୍କ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କ ଚାଟୁବାକ୍ୟ ଶୁଣି କଟୁ ବାକ୍ୟ ପ୍ରୟୋଗ କରିଛନ୍ତି: 'ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ ଭଉଣୀକି ସଙ୍ଗେ ନିଅ/ ଛାଡ଼ି କରି ଗଲେ ଦୁଃଖ କରିବଟି ନନ୍ଦରାଜାର ଝିଅ।' ଶ୍ରୀଜଗନ୍ନାଥ କୈଫିୟତ୍ ଦେଇ ଯୁକ୍ତି ବାଢ଼ନ୍ତି :



'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ/ ଏକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନନେଲି ତେଣୁ।'

ନାରୀମାନଙ୍କର ବସ୍ତ୍ରଆଭୂଷଣ ପ୍ରତି ଅହେତୁକ ଦୁର୍ବଳତା ଥିବା ଜଗତର ନାଥ ଭଲ ଭାବରେ ଜାଣି ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ମନଲୋଭା ଉପହାର ସବୁ ଆଣିଛନ୍ତି। ପ୍ରାଣପ୍ରିୟା ପତ୍ନୀଙ୍କ ପାଇଁ ଦୁଦୁରା, ତାଡ଼କୀ, ଯବଦଣ୍ଡୀ, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଶୁଆବସା ନାକଗୁଣା, ଚିନାମାଳ, ହୃଦୟକୁ ପଦକ, ପାଦକୁ ବାଜେଣି, ହାତକୁ ବଳା, ମରକତ ଚୁଡ଼ି ଆଦି ନାନା ରତ୍ନ ଅଳଙ୍କାର ଓ କଳାମେଘୀ ଶାଢ଼ି ଭେଟି ଦେଇ କହନ୍ତି : 'ଫେଡ଼ ଫେଡ଼ କମଳିନୀ ଗୋ ଫେଡ଼ ଗୋ କବାଟ/ ତୁମ ପାଇଁ ଆଣିଛି ମୁଁ ଚିତ୍ରମେଘୀ ପାଟ।' ରତ୍ନାକର ସୁତା ଐଶ୍ୱର୍ଯ୍ୟଦାତ୍ରୀ ଲୋଭନୀୟ ବସ୍ତ୍ରାଳଙ୍କାରରେ ପ୍ରଲୁବ୍ଧ ନହୋଇ ବାପଘରର ବଡ଼ପଣ କଥା ମନେ ପକାନ୍ତି। ନିଜ ଭାଗ୍ୟକୁ ନିନ୍ଦନ୍ତି : 'ଧିକ ମୋ ଜୀବନ ମୋ ବାପା ବରୁଣ, କାହିଁ ଦେଲା ଏଠି ବାହା/ ଗେରସ୍ତ ବୋଲି ମୁଁ ଯା' ହାତ ଧରିଲି, କହେ ନାହିଁ ସିଏ ଆହା।' ଲକ୍ଷ୍ମୀ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ସେସବୁ ଉପହାର ଗୋପୀମାନଙ୍କ ମନୋରଞ୍ଜନ ପାଇଁ ଦେବା ପାଇଁ କହନ୍ତି। ରାଗରେ ମଣିଷର ମର୍ମ କଥା କହି ହୋଇଯାଏ। ଗୁପ୍ତ ବୃନ୍ଦାବନ ଗୁଣ୍ଡିଚାମନ୍ଦିରର ରାସଲୀଳା କଥା ଲକ୍ଷ୍ମୀ ଭଲ ଭାବରେ ଜାଣନ୍ତି। ତାହା ମାଧୁର୍ଯ୍ୟଲୀଳାର ପୀଠସ୍ଥଳୀ ହୋଇଥିବାରୁ ସେଠାରେ ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ। ମହାପ୍ରଭୁଙ୍କ ସକଳ ଅନୁନୟ ବିନୟ ଲକ୍ଷ୍ମୀ ନବୁଝିବାରୁ ସେ କଠୋର ହୋଇ ଚରମ ନିଷ୍ପତ୍ତି ଶୁଣାଇଛନ୍ତି: 'ମୁଁ ହିଁ ବୋଲି ତୋର ଦାଉ ସମ୍ଭାଳିଛି ଆଉ କେ ପାରନ୍ତା ସହି/ ଘର ଛାଡ଼ି କରି କଉପୀନ ମାରି ଯାଆନ୍ତାଣି ଯୋଗୀ ହୋଇ। ତୁମ୍ଭେ ଗୋ ଇନ୍ଦିରେ ସର୍ବଜନେ କୃପା କର/ ଚାଣ୍ଡାଳୁ ଦ୍ୱିଜଙ୍କ ସେବା କର ଅଙ୍ଗୀକାର। ସେହି ମହାଭାବ ମୁଁହି ରଥେ ପ୍ରଚାରିବି/ ନବଦିନ ଯାତ୍ରା ରଚି ଜଗତେ ତାରିବି। ଭକତବତ୍ସଳ ନାମ ମୋର ଏଣୁ ଖ୍ୟାତ/ଏଥକୁ ଗୋ ପଦ୍ମାଳୟା ଭାବ ତୁ ଉଚିତ।' ଏପରି ଭାଇବୋହୂ ଓ ସାନଭାଇଙ୍କ ଦାମ୍ପତ୍ୟ କଳହକୁ ଘରର ଗୁରୁଜନ ବଡ଼ଭାଇ ବଳରାମ ଶୁଣି କଡ଼ା ଅନୁଶାସନ ଶୁଣାଇଛନ୍ତି- ଏପରି ଖଡ଼ବଡ଼ ଆଉ ଥରେ ଶୁଣିଲେ ସେ ନିଶ୍ଚୟ ଜଗନ୍ନାଥଙ୍କୁ ଭିନ୍ନ କରିଦେବେ।

ଉଭୟଙ୍କ ଚେତା ପଶେ। କବାଟ ଉନ୍ମୋଚିତ ହୁଏ। ଲୀଳାମୟ ଶ୍ରୀଜଗନ୍ନାଥ 'ଭିତିରି ବିଜେ' କରନ୍ତି। ମା'ଲକ୍ଷ୍ମୀ ପ୍ରାଣପ୍ରିୟଙ୍କୁ ଦେଖି ଭାବପ୍ରବଣତାରେ ଲୁହ ଝରାଇ କ୍ଷମା ମାଗନ୍ତି। ଅନୁଷ୍ଠିତ ହୁଏ ପ୍ରତୀକ୍ଷିତ ମହାମିଳନ। ମୁଣ୍ଡ ସାଉଁଳେଇ ଗାଢ଼ ଆଲିଙ୍ଗନରେ ଚନ୍ଦ୍ରବଦନରେ ଚୁମା ଦିଅନ୍ତି। ଅନୁରାଗରେ ମିଳନର ମଧୁର ମୂର୍ଚ୍ଛନା ସୃଷ୍ଟି ହୁଏ। ଶଙ୍ଖ ହୁଳହୁଳି ମଧ୍ୟରେ ଗଇଁଠାଳ ଫିଟାଯାଇ ମହାସ୍ନାନ ମଙ୍ଗଳ ଆଳତି ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ମିଷ୍ଟନୈବେଦ୍ୟ ରସଗୋଲା ଖୁଆଇ ଦିଅନ୍ତି। ଘଷା ବିଡ଼ିଆ ମଣୋହି ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିଜେ କରନ୍ତି।

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଅର୍ଥାତ୍ ପ୍ରକୃତି ଓ ପୁରୁଷ ହେଉଛନ୍ତି କୋଟି କୋଟି ଦମ୍ପତିଙ୍କ ସାର୍ଥକ ପ୍ରତିନିଧି। ଏହି ଲୀଳା ପବିତ୍ର ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ଦାମ୍ପତ୍ୟ ଜୀବନ ଧାରା। ରାଗ ଅନୁରାଗର ଏକ ମିଶ୍ରରାଗ। ଦାମ୍ପତ୍ୟ ଜୀବନରେ ସାମୟିକ ବିଚ୍ଛେଦର ଏହା ଏକ ଚମତ୍କାର ମାନବିକ ମୂଲ୍ୟାୟନ। ଗାର୍ହସ୍ଥ୍ୟ ଜୀବନରେ ଖଟା-ମିଠା, ବାଦ-ବିବାଦ ଓ ରାଗ-ରୁଷା ଅନ୍ତରାଳରେ ବହୁଥାଏ ସ୍ନେହ ମମତାର ଝର। ଅବୁଝାପଣକୁ ଆତ୍ମୀୟତାର ପୁଟ ଦେଇ ପରିଲେ ତାହା ହର୍ଷୋଲ୍ଲାସରେ ରୂପାନ୍ତରିତ ହୁଏ। ମାନବୀୟ ଜଗନ୍ନାଥ ଧର୍ମର ଏହା ହିଁ ଆଦର୍ଶ ଓ ଆଚରଣ। ସମସ୍ତ ଦାମ୍ପତ୍ୟ ଜୀବନ ପ୍ରୀତିଝରା, ମଧୁଭରା ଓ ଅପାସୋରା ହେଉ।

ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହଷ୍ଟେଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତଦେହ ରଖି ଆଶ୍ରମ ସ୍କୁଲ ଆଗରେ ଧାରଣା

ଉମରକୋଟ,୨୬।୭(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ବାଟିବେଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଜବା ସାନ୍ତା (୧୪)। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ଏବଂ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଛାତ୍ରୀ ଜଣଙ୍କ ଘର ଉମରକୋଟ ବ୍ଲକର ସୁନାବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗ୍ରାମରେ। ଏହି ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାର ତଦନ୍ତ କ୍ଷତିପୂରଣ ଦାବିରେ ଲୋକେ ଶବକୁ ସ୍କୁଲ ଫାଟକ ଆଗରେ ରଖି ଆନ୍ଦୋଳନ କରିଥିଲେ।

ସୂଚନା ଅନୁସାରେ ଶନିବାର ରାତିରେ ବିଦ୍ୟାଳୟ ପରିସର ବାହାରେ ଏକ ଜମିରେ ଥିବା ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଲଦଲି ଗ୍ରାମରେ ମୋବାଇଲ ନେଟୱର୍କ ସୁବିଧା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, କଂଗ୍ରେସ ଓ ବିଜେଡି ଦଳର ସ୍ଥାନୀୟ ନେତାମାନେ ମୃତଦେହକୁ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ଡ.ଲିପିକା ମାଝୀ, ସନରାଜ ଗଣ୍ଡ, ସାଇ ନାରାୟଣ ପାଢ଼ୀ ଓ ବାଗ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ସହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପିଏ-ଆଇଟିଡିଏ,



ବିଜେଡିର ପୂର୍ବତନ ସାଂସଦ ରମେଶ ମାଝୀ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିବା ସହ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଓ ତହସିଲଦାର ମେଘବାନ ମେଡିକାଲ ଅଫିସର, ଏଡିଡବ୍ଲ୍ୟୁଓ ଓ ଡିଡବ୍ଲ୍ୟୁଓଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏଥିସହ ମଙ୍ଗଳ ବିଭାଗ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୨ ଟଙ୍କା ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତଦନ୍ତ ରିପୋର୍ଟରେ ଯାହାଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ରକ୍ତଦାନ ଶିବିରକୁ ଲିଫଲେଟ୍ ନାହିଁ; ମନ୍ତ୍ରୀଙ୍କ ପ୍ରଚାର ହୋର୍ଡିଂରେ କୋଟି କୋଟି ଖର୍ଚ୍ଚ

## ୨ବର୍ଷ ହେଲା ସରକାରୀ ରକ୍ତଭଣ୍ଡାରରେ ଲିଫଲେଟ୍ ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ ସରକାରୀ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଯାବତୀୟ ପ୍ରଚାର ହେଉଛି। ମନ୍ତ୍ରୀମାନଙ୍କ ଗସ୍ତ କାଳରେ ଗଳିକନ୍ଦିରେ ହୋର୍ଡିଂ, ବ୍ୟାନର, କଟଆଉଟ୍ ଲଗାଯାଉଛି। ଜାତୀୟସ୍ତରର ନେତାମାନେ ଓଡ଼ିଶା ଆସିଲେ ବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ହୋର୍ଡିଂ ଲାଗୁଥିବା ଦେଖାଯାଉଛି। ମାତ୍ର ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ଓ ଏଥିପାଇଁ ସଚେତନତା ଶିବିର ଆୟୋଜନ ପାଇଁ ବିଭିନ୍ନ ରକ୍ତଦାନ ଶିବିରରେ ଲିଫ୍ଲେଟ୍‌ଟିଏ ପହଞ୍ଚି ପାରୁନାହିଁ। ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ନେଇ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବଣ୍ଟନ କରାଯାଇଥାଏ। ମାତ୍ର ଦୀର୍ଘ ୨ବର୍ଷ ହେବ ଏହି ଲିଫଲେଟ୍ ଛପାଯାଇନଥିବା ସୂଚନା ମିଳିଛି। ଗୋଟେପଟେ ସରକାର ଅନାବଶ୍ୟକ କାର୍ଯ୍ୟ ପାଇଁ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ତଦାନ ଭଳି ଏକ ସେନସିଟିଭ ମେଡିସିନ୍ ଆୱାରନେସ୍ ପାଇଁ ଆବଶ୍ୟକୀୟ ଲିଫଲେଟ୍ ପାଇଁ ସର୍ବନିମ୍ନ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥିବା ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ରାଜଧାନୀରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ, ସେଣ୍ଟ୍ରାଲ ରେଡକ୍ରସ୍ ଏବଂ ଏସସିବି ବ୍ଲଡ ସେଣ୍ଟର ସାରା ରାଜ୍ୟରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଯୋଗାଇଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହିଥିବା ଘରୋଇ ଓ ସରକାରୀ ହସ୍ପିଟାଲ ଏହି ଦୁଇ ବ୍ଲଡ ସେଣ୍ଟରକୁ ଭରସା କରିଥାନ୍ତି। ସୂଚନା ଅନୁସାରେ ସରକାରଙ୍କର ୫୬ଟି, ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ତେବେ ଜୀବନ ପାଇଁ ସଂଘର୍ଷ କରୁଥିବା ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବର୍ଷକୁ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ।




ପୂର୍ବରୁ ବିଜେଡି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଇଥାଏ। ହେଲେ ବର୍ତ୍ତମାନ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନଥିବାରୁ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଇଛି। ଲୋକଙ୍କ ମଧ୍ୟରେ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାକୁ କ୍ୟାମ୍ପ ଗୁଡ଼ିକରେ ଲିଫଲେଟ୍ ରକ୍ତଦାତାମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ରକ୍ତଦାନ କରିବାର ବୟସ ସୀମା, ରାଜ୍ୟର ବ୍ଲଡବ୍ୟାଙ୍କ ଗୁଡ଼ିକରେ ମିଳୁଥିବା ବିଭିନ୍ନ ବ୍ଲଡଗ୍ରୁପ୍ ରକ୍ତର ସବିଶେଷ ତଥ୍ୟ ରହିଥାଏ। ରକ୍ତଦାନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କି ପ୍ରକାର ଉପକାର ମିଳିଥାଏ, ଥରକେ ଜଣେ କେତେ ପରିମାଣରେ ରକ୍ତଦାନ କରିପାରିବେ, ରକ୍ତଦାନ କରିବାର ବ୍ୟବଧାନ କେତେ ରହିବା ଆବଶ୍ୟକ, ପ୍ରତିଟି ସଂଗୃହୀତ ରକ୍ତମୁଣି ପାଇଁ ରକ୍ତଭଣ୍ଡାରରେ କିକି ପରୀକ୍ଷା କରାଯାଏ, ରରକ୍ତଦାନ ଦ୍ୱାରା ଏଡସ୍ ରୋଗ ସଂକ୍ରମିତ ହୋଇଥାଏ କି ନାହିଁ, କେତେଦିନ ଯାଏ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷଣ କରାଯାଇଥାଏ ସମ୍ପର୍କରେ ତଥ୍ୟ ଲୋକମାନଙ୍କୁ ସଚେତନ କରିବାକୁ ସକ୍ଷମ ହୋଇଥାଏ। ଲୋକମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଅନୁପ୍ରେରିତ କରିବାକୁ ଏହା ଏକ ମାଧ୍ୟମ ରୂପେ ବିବେଚନା କରାଯାଉଥିଲା। ହେଲେ ବିଗତ ୨ବର୍ଷ ମଧ୍ୟରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନଥିବା ଅଭିଯୋଗ ହୋଇଛି।

ଏନେଇ ଫେଡେରେସନ୍ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ ଲୋକମାନଙ୍କ ପାଖରେ ସୂଚନା ରହିଲେ ସେମାନେ ଶିବିରରେ ପହଞ୍ଚିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଲିଫଲେଟ୍‌ରେ ରକ୍ତଦାନ ସମ୍ପର୍କରେ ଲେଖା ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତେ ଜାଣିବା ଓ ସଚେତନ ହେବା ଆବଶ୍ୟକ। ତେବେ କେବଳ ରାଜଧାନୀ ହସ୍ପିଟାଲ ନୁହେଁ କଟକ ଏସସିବି, ଏମକେସିଜି ହସ୍ପିଟାଲ ବ୍ଲଡବ୍ୟାଙ୍କରେ ମଧ୍ୟ ଲିଫଲେଟ ଉପଲବ୍ଧ ନାହିଁ। ପୂର୍ବରୁ ଏହି ଲିଫଲେଟ୍ ପ୍ରତିଟି ଶିବିରରେ ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨ବର୍ଷ ହେବ ତାହା ଉପଲବ୍ଧ ନ ଥିବା ସୂଚନା ରହିଛି ବୋଲି ଶ୍ରୀ ରାଉତ କହିଛନ୍ତି।

## ବର୍ଷେ ପରେ ଜେନ୍-ଜୀ ନେତା ବାଛିଲା କଂଗ୍ରେସ

# ବିଭୂତି ଓଡ଼ିଶା ଛାତ୍ର କଂଗ୍ରେସ ଆଡ୍-ହକ୍ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୭(ସମିସ): ପିସିସି ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କୁ ଛାତ୍ର କଂଗ୍ରେସର (ଏନ୍‌ଏସ୍‌ୟୁଆଇ) ଆଡ୍-ହକ୍ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ବିଭୂତିଙ୍କ ନିଯୁକ୍ତି ସୁପାରିସକୁ ଅନୁମୋଦନ ଦେବା ପରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ବିଭୂତି ଭୂଷଣ ମହାପାତ୍ର ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ନିଯୁକ୍ତି ଦୁର୍ନୀତି ଓ ପରୀକ୍ଷା ପ୍ରକ୍ରିୟାରେ ହେଉଥିବା ଅନିୟମିତତା ବିରୋଧରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଆରଆଇଅମିନ ନିଯୁକ୍ତି ଦୁର୍ନୀତି, ପୁଲିସ ଏସଆଇ ନିଯୁକ୍ତି ପ୍ରସଙ୍ଗ, ବନ ବିଭାଗରେ ନିଯୁକ୍ତି ଅନିୟମିତତା ଏବଂ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗରେ ସେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀଙ୍କ ସ୍ୱରକୁ ସରକାରଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।



ଏହି ସମସ୍ତ ପ୍ରସଙ୍ଗରେ ସେ ବିଭିନ୍ନ ଗଣଆନ୍ଦୋଳନ, ବିକ୍ଷୋଭ, ଧାରଣା, ପଦଯାତ୍ରା ଏବଂ ସ୍ମାରକପତ୍ର ପ୍ରଦାନ ଭଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଦାବି ଉଠାଇଥିଲେ। ବିଭୂତି ଭୂଷଣ ମହାପାତ୍ର ବର୍ତ୍ତମାନ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଜଣେ ଦକ୍ଷ ବକ୍ତା ଓ ସକ୍ରିୟ ଛାତ୍ର ସଙ୍ଗଠକ ଭାବେ ସେ ସକ୍ରିୟ ଅଛନ୍ତି। ତାଙ୍କ ନିଯୁକ୍ତିକୁ ରାଜ୍ୟର ଛାତ୍ର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଅନ୍ୟପଟେ ବିଭୂତିଙ୍କ ନିଯୁକ୍ତି ପରେ ବର୍ଷେ ହେବ ଖାଲି ପଡ଼ିଥିବା ଛାତ୍ର କଂଗ୍ରେସ ସଭାପତି ପଦ ପୂର୍ଣ୍ଣ ହୋଇଛି। ସାରା ଦେଶରେ ଏବେ ଜେନ୍-ଜୀ ଆନ୍ଦୋଳନ ଓ ଛାତ୍ରଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପଦ ଛାଡ଼ିବା ପରଠାରୁ ବର୍ଷେ କାଳ ବିନା ଛାତ୍ର କଂଗ୍ରେସ ସଭାପତିରେ ଏହି ସଂଗଠନ ଚାଲିଥିଲା। ଏବେ ବିଭୂତିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଛାତ୍ର ଆନ୍ଦୋଳନକୁ ନେଇ କଂଗ୍ରେସର କିଛି ନୂତନ ରଣନୀତି ଥିବା ଚର୍ଚ୍ଚା ହେଉଛି।

■ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୬୫ କୋଟି

ଭୁବନେଶ୍ୱର,୨୬।୭(ସମିସ): ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ(ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର) ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ କରିଛି ଜଳସମ୍ପଦ ବିଭାଗ। ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧୬୫ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଛି। ଚିଠି ଅନୁଯାୟୀ ମୟୂରଭଞ୍ଜର କାଂଶପାଳ ଗ୍ରାମ ନିକଟରେ କତ୍ରା ନଦୀ ଉପରେ ଏକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୭୬ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଇଛା ନଦୀ ଉପରେ ନିର୍ମିତ ହେବ। ଏଥିପାଇଁ ୮୯ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଉଭୟ ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଧରପଣା ପାଇ...

ତିଥିରେ ତିନିରଥରେ ମଧ୍ୟାହ୍ନ ଧୂପ ବଢିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୂର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ରାତି ୯ଟା ୪୨ରେ ସରିଥିଲା। ତେବେ ପ୍ରଥମେ ତାଳଧ୍ୱଜ ରଥରେ ରାତି ୯ଟା ୧୮ ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ଦେବଦଳନ ରଥରେ ୯ଟା ୨୮ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୪୨ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

### ଚମକିଲେ ଜ୍ୟୋତିର୍ମୟୀ...

ସଙ୍ଗୀତ ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ପରିଚୟ ଦେଇଛି। ଜ୍ୟୋତିର୍ମୟୀଙ୍କ ଏହି ସଫଳତାକୁ ନେଇ ସମଗ୍ର ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ବିଜେତା ଭାବେ ଜ୍ୟୋତିର୍ମୟୀଙ୍କୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ତନିଷ୍କା ଶୁକ୍ଳା ପ୍ରଥମ ରନର୍ସଅପ୍ ଏବଂ ମନରାଜବୀର ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଫାଇନାଲେରେ ଜ୍ୟୋତିର୍ମୟୀଙ୍କ ଭାବପୂର୍ଣ୍ଣ ଏବଂ ସୁମଧୁର ପରିବେଷଣ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ବିଚାରକ ଶ୍ରେୟା ଘୋଷାଲ, ବିଶାଲ୍ ଦଦ୍‌ଲାନୀ ଓ ବାଦଶାହଙ୍କ ସମେତ ଉପସ୍ଥିତ ଅତିଥିମାନେ ତାଙ୍କ ସଙ୍ଗୀତ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ ମଞ୍ଚ ସଞ୍ଚାଳନ କରିଥିଲେ।

### ଗଠନ ହେଲା...

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପ୍ରକ୍ରିୟାରେ ବୈଷୟିକ ଏବଂ ଗଠନମୂଳକ ସଂସ୍କାର ଆଣିବା ପାଇଁ ଏହି ବହୁମୁଖୀ ବିଶେଷଜ୍ଞ ଦଳ କାର୍ଯ୍ୟ କରିବ। ଟାସ୍କଫୋର୍ସରେ ନିଲେକାନିଙ୍କ ବ୍ୟତୀତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ପୂର୍ବତନ ଶିକ୍ଷା ସଚିବ ଅନିତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବିଶ୍ୱସନୀୟ କରିବାକୁ ଏହି ଟାସ୍କ ଫୋର୍ସ ଖୁବ୍‌ଶୀଘ୍ର ସୁପାରିସ ଦାଖଲ କରିବ ଏବଂ ସେହି ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍‌କୁ ନେଇ ପ୍ରାୟ ୭ ସପ୍ତାହ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେବାର ମାତ୍ର ଗୋଟିଏ ଦିନ ପରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହା ସହିତ ସରକାର ଆସନ୍ତାକାଲି ଲୋକସଭାରେ 'ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିବାକୁ ଯାଉଛନ୍ତି। ଏହି ନୂତନ ଆଇନରେ ପରୀକ୍ଷାରେ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ, ସମୟବଦ୍ଧ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି। ପ୍ରସ୍ତାବିତ ବିଲ୍‌ରେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦଣ୍ଡକୁ ଅଧିକ କଠୋର କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହେବ। ସଂଗଠିତ ଅପରାଧ କ୍ଷେତ୍ରରେ ୭ରୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା ପରିଚାଳନା ସହ ଜଡ଼ିତ ସେବା ପ୍ରଦାନକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ପର୍ଯ୍ୟନ୍ତ ଜରିମାନା, ପରୀକ୍ଷା ଖର୍ଚ୍ଚ ଆଦାୟ ଏବଂ ୮ ବର୍ଷ ପର୍ଯ୍ୟନ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାରୁ ବାଦ ଦେବାର ପ୍ରସ୍ତାବ ରହିଛି। ବିଲ୍‌ରେ ସ୍ୱଶାଲ୍ ଟାସ୍କ ଫୋର୍ସ ଗଠନ, ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ, ଫାଷ୍ଟ ଟ୍ରାକ୍ କୋର୍ଟରେ ଦୈନିକ ଶୁଣାଣି ଏବଂ ଚାର୍ଜସିଟ୍ ଦାଖଲର ତିନି ମାସ ମଧ୍ୟରେ ବିଚାର ଶେଷ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱଶାଲ୍ ଫାଷ୍ଟ ଟ୍ରାକ୍ କୋର୍ଟର ରାୟ ବିରୋଧରେ ୩୦ ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିହେବ, ଯାହାକୁ ବିଶେଷ ପରିସ୍ଥିତିରେ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଯାଇପାରିବ।

### ସରକାରଙ୍କୁ ଘେରିବାକୁ...

ଗ୍ରହଣ କରାଯିବା ଉଚିତ। ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛି। ରାଜ୍ୟସଭାରେ ଟିଏମସିର ଉପ-ନେତା ସାଗରିକା ଘୋଷ ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ଏହି ଘଟଣା ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ସହିତ କିଛି ସାଧାରଣ ପୋଷାକଧାରୀ ବ୍ୟକ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାରକୁ ଅସ୍ୱୀକାର କରିଥିଲେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଜାରି ରଖିଛନ୍ତି। ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାରୀ ଆଦେଶ ଦିଲ୍ଲୀ ପୁଲିସରେ ପହଞ୍ଚିନାହିଁ। କେନ୍ଦ୍ର ଗୃହ ବିଭାଗରୁ ଆଦେଶ ପହଞ୍ଚିଲା ପରେ ପୁଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି। ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସିଥିବା ପିଟିସନ୍ ଉପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଶୁଣାଣି କରିବେ।

### ଆହୁରି ୪୮ ଘଣ୍ଟା...

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପଟି ଆଜି ସକାଳେ ଅବପାତରେ ପରିଣତ ହୋଇଛି ଓ ଉତ୍ତର ଓଡ଼ିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ ଓ ସୋମବାର ସକାଳ କିମ୍ବା ମଧ୍ୟାହ୍ନ ସୁଦ୍ଧା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହା ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ରହିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି।

ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ନଦୀ ମଧ୍ୟ ଫୁଲିବାରେ ଲାଗିଛି। ତଳିଆ ଅଞ୍ଚଳରେ ବନ୍ୟା ଓ ସହରରେ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରି ସତର୍କ ରହିବାକୁ ପରାମର୍ଶ ଦେଇଛି। ଉତ୍ତର ଓଡ଼ିଶା ଉପକୂଳରେ ୪୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁରରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସହ ୫୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁରର ବିରିଡିରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି।

### ବଜ୍ରପାତ ନେଲା...

ସ୍ଥାନୀୟ ଲୋକ ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ରାଜବରହମପୁର ଥାନା ଚତୁରିପଡ଼ା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ (୫୫) ଅପରାହ୍ନ ପ୍ରାୟ ସାଢ଼େ ୪ ସମୟରେ ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଜେପି ପରେ...

ବିକଳ୍ପ ଦିଆଯିବା ଉଚିତ। ଯେହେତୁ ପେଟ୍ରୋଲ ପମ୍ପଗୁଡିକରେ ଏବେ କେବଳ ଇ-୨୦ ପେଟ୍ରୋଲ ବିକ୍ରି କରାଯାଉଛି, ଉପଭୋକ୍ତାମାନେ କହିଛନ୍ତି ଯେ ସେମାନଙ୍କୁ ନିଜ ପସନ୍ଦର ଇନ୍ଧନ ବିକଳ୍ପ ବାଛିବାରୁ ବଞ୍ଚିତ କରାଯାଇଛି। ଇ-୨୦ ଜନତା ପାର୍ଟି ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରସଙ୍ଗରେ ଜନସାଧାରଣଙ୍କ ହତାଶାଭାବକୁ ଏକ ବୃହତ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛି। ଇଜେପି ଆଶା କରୁଛି ଯେ ବ୍ୟଙ୍ଗ ଏବଂ ଗଣ ପ୍ରତିବାଦ ପୁଣି ଥରେ ସରକାରଙ୍କ ଯୋଜନାକୁ ଦୋହଲାଇପାରିବ। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଅନୁଯାୟୀ, ଇ-୨୦ ଜନତା ପାର୍ଟି ହେଉଛି ଏକ ନାଗରିକ-ନେତୃତ୍ୱାଧୀନ ଗ୍ରାହକ ଅଧିକାର ଆନ୍ଦୋଳନ। ପୋଷ୍ଟରେ କୁହାଯାଇଛି, ଗ୍ରାହକମାନଙ୍କ ପାଇଁ ଇନ୍ଧନ ନୀତିରେ ସ୍ୱଚ୍ଛତା, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ରହିବା ଉଚିତ। ଯେପରି କି ନାଗରିକମାନଙ୍କର ଅନ୍ୟ ଅନେକ ଉତ୍ପାଦରେ ପସନ୍ଦ ଅଛି, ସେହିପରି ସେମାନଙ୍କର ପସନ୍ଦର ଇନ୍ଧନ କିଣିବାର ସ୍ୱାଧୀନତା ମଧ୍ୟ ରହିବା ଉଚିତ। ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରୁ ଗୋଟିଏ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରିତ ଇନ୍ଧନ ବିକଳ୍ପ ସମେତ ୧୦୦% ଶୁଦ୍ଧ ପେଟ୍ରୋଲ ବାଛିବା ଏବଂ କ୍ରୟ କରିବାର ସ୍ୱାଧୀନତା ମିଳିବା ଉଚିତ। ଇଜେପି ସବସିଡି, ମାଗଣା ଇନ୍ଧନ କିମ୍ବା ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରତ୍ୟାହାର କରିବାକୁ ଦାବି କରୁନାହିଁ। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ, ଅନେକ ଗାଡ଼ି ମାଲିକ ମାଇଲେଜ୍, ଇଞ୍ଜିନ୍ ସୁସଙ୍ଗତତା, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହା ବ୍ୟତୀତ, ଇ-୨୦ ଜନତା ଦଳର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଇନ୍ଧନ ଲେବଲିଂରେ ସ୍ୱଚ୍ଛତା ସୁନିଶ୍ଚିତ କରିବା, ବିଭିନ୍ନ ଇନ୍ଧନ ମିଶ୍ରଣର ମୂଲ୍ୟ, ଲାଭ ଏବଂ ପ୍ରଭାବଶାଳୀତା ଉପରେ ସ୍ପଷ୍ଟ ଏବଂ ସହଜରେ ଉପଲବ୍ଧ ତଥ୍ୟ ପ୍ରକାଶ କରିବା ଏବଂ ମାଇଲେଜ୍, ଇଞ୍ଜିନ୍ କାର୍ଯ୍ୟଦକ୍ଷତା, ନିର୍ଗମନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଉପରେ ସ୍ୱାଧୀନ ଅଧ୍ୟୟନ କରିବା ଏବଂ ଫଳାଫଳକୁ ସାର୍ବଜନୀନ କରିବା ଅନ୍ତର୍ଭୁକ୍ତ। ଏହା ମଧ୍ୟ ଦାବି କରାଯାଇଛି ଯେ, ନାଗରିକମାନଙ୍କୁ ଗୋଟିଏ ବିକଳ୍ପରେ ସୀମିତ ରହିବା ପରିବର୍ତ୍ତେ ସୂଚନାଭିତ୍ତିକ ପସନ୍ଦ ଚୟନ କରିବାର ସ୍ୱାଧୀନତା ଦିଆଯାଉ। ବଜାର ବିଶେଷଜ୍ଞଙ୍କ ମତରେ ଇ-୨୦ ଗାଡ଼ିର ମାଇଲେଜ୍ ୮-୧୫% ହ୍ରାସ କରିଛି, ପୁରୁଣା ଯାନର ଇଞ୍ଜିନ୍‌ରେ ତ୍ରୁଟି ଏବଂ ମରାମତି ଖର୍ଚ୍ଚ ବୃଦ୍ଧି କରିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପରିବାର ଉପରେ ସ୍ୱାର୍ଥର ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି,ଯାହାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

### ଚାଉଳ ପୋକମରା...

ବୁବୁନା ଅଚେତ ହୋଇପଡ଼ିଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପରେ ୬ ବର୍ଷର ଝିଅ ପାୟଲ ଅସୁସ୍ଥ ହେବାରୁ ତାଙ୍କୁ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପାୟଲଙ୍କ ମୃତ୍ୟୁ ହୋଇଛି। ଏହି ଦୁଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### କାହା ସ୍ୱାର୍ଥରେ...

ସାମାଜିକ ଗଣମାଧ୍ୟମରେ ଓଏଚପିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଦୁଇଟି ଜଳଭଣ୍ଡାରକୁ ବ୍ୟବହାର କରି ପ୍ରକଳ୍ପଟି କାର୍ଯ୍ୟ କରିବ। ଉପର ବେସିନ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସଦୁପଯୋଗ କରି ତଳମୁଣ୍ଡରେ ଏକ ଉତ୍ସର୍ଗୀକୃତ ନିମ୍ନ ଜଳଭଣ୍ଡାର ନିର୍ମାଣ ହେବ। ଜଳଭଣ୍ଡାର ପାଣିକୁ ଏକ ଭୂତଳ ବିଦ୍ୟୁତ୍ ଷ୍ଟେସନ୍ ଦ୍ୱାରା ପରିଚାଳନା କରାଯିବ। ପ୍ରକଳ୍ପଟିର ବିଶେଷତ୍ୱ ହେଉଛି ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ କରିବ ଏବଂ ସର୍ବନିମ୍ନ ଚାହିଦା ସମୟରେ ଉତ୍ପାଦନ ବନ୍ଦକରି ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ଉଠାଇବ।

ଶକ୍ତି ସମୀକ୍ଷକମାନଙ୍କ ଅଭିଯୋଗ ଅନୁସାରେ ସୁରକ୍ଷା ତଥା ଡିଜାଇନରେ ଗୁରୁତର ତ୍ରୁଟି କାରଣରୁ ମେଘା ଇଞ୍ଜିନିୟରିଂକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୨୫ ମସିହାରେ ଏକବର୍ଷ ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିଥିଲେ। ସେହିପରି ନିମ୍ନମାନର କାର୍ଯ୍ୟ ପାଇଁ ମହାରାଷ୍ଟ୍ର ସରକାର ୯୫ କୋଟିର ଜରିମାନା ଆଦାୟ କରିଥିବା ବେଳେ ତେଲଙ୍ଗାନା ଏବଂ ଛତିଶଗଡ଼ରେ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ଦୁର୍ନୀତି ଅପରାଧରେ ସିବିଆଇ ମେଘା ଇଞ୍ଜିନିୟରିଂ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟଳୟ ଫେବ୍ରୁୟାରୀ ୨୦୨୪ରେ ଅସିଦ୍ଧ ଘୋଷଣା କରିଥିବା ନିର୍ବାଚନୀ ବଣ୍ଡ ସ୍କିମରେ ମେଘା ଇଞ୍ଜିନିୟରିଂ କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥା ସମୁଦାୟ ୧୧୮୬ କୋଟିଟଙ୍କା ନିବେଶ କରିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ୬୬୪ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ତେଣୁ ପ୍ରକଳ୍ପ ନିର୍ମାଣ ପାଇଁ ଏପରି ବିବାଦୀୟ ଓ ଦୁର୍ନୀତିଗ୍ରସ୍ତ କମ୍ପାନୀ ସହିତ ଓଏଚପିସି କାହିଁକି ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ପ୍ରକଳ୍ପର ସମୁଦାୟ ନିର୍ମାଣ ଖର୍ଚ୍ଚ ୪ ହଜାର କୋଟିଟଙ୍କାରୁ ଅଧିକ ସ୍ଥିର ହୋଇ ମେଘା ଇଞ୍ଜିନିୟରିଂ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା ୮ ଟଙ୍କାରୁ ଅଧିକ ରହିବ, ଯାହା ଓଡ଼ିଶା ପାଇଁ ଅନ୍ୟାନ ସୂତ୍ରରୁ ଗ୍ରୀଡକୋ କ୍ରୟ କରୁଥିବା ବିଦ୍ୟୁତ ମୂଲ୍ୟଠାରୁ ଢେର ଅଧିକ। ତେଣୁ ପିଏସପି ପ୍ରକଳ୍ପ ପାଇଁ ଓଡ଼ିଶା ଉପଭୋକ୍ତା ଅଧିକ ବିଦ୍ୟୁତ ମୂଲ୍ୟ ପରିଶୋଧ କରିବେ। ପିଏସପି ପ୍ରକଳ୍ପକୁ ବାଦ ଦେଇ ଶସ୍ତାରେ ମିଳୁଥିବା ପବନ କଳ, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ ପରି ପ୍ରକଳ୍ପ ନିର୍ମାଣ କଲେ ରାଜ୍ୟସ୍ୱାର୍ଥ ସୁରକ୍ଷିତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 780, dated 20.07.2026, I, DIBYAMANJARI HARIJAN, Daughter of - Jimuta Bahana Harijan & Kabita Harijan, permanent resident of Village - Bhirampur, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from DIVYA MANJURI HARIJAN to DIBYAMANJARI HARIJAN. Henceforth, I shall be known as DIBYAMANJARI HARIJAN for all purposes.

Sd/- Dibyamanjari Harijan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1062, dated 14-07-2026, I, DHANA NAYAK, S/o - Harischandra Nayak, permanent resident of Village - Palpur, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from SUMATIREKHA NAYAK to SUSMITA REKHA NAYAK. Henceforth, she shall be known as SUSMITA REKHA NAYAK for all purposes.

Sd/- Dhana Nayak

## ଆନ୍ତଃରାଜ୍ୟ ବେଆଇନ ଗୋ-ଚାଲାଣ

# ଟ୍ରକ୍ ଜବତ, ତିନି ଗିରଫ; ୧୭ ଗୋରୁ ଉଦ୍ଧାର

ଟାଙ୍ଗୀ,୨୬।୭(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା ବନ୍ଦାଳ ଟୋଲ ଗେଟ୍ ନିକଟରୁ ବେଆଇନ ଗୋ ଚାଲାଣରେ ୧୭ଟି ଗୋରୁ ଉଦ୍ଧାର କରିବା ସହ ଏକ ଟ୍ରକ୍ ସହ ତିନି ଜଣଙ୍କୁ ଗିରଫ କରି ଅଦାଲତ ପଠାଇଛି ଟାଙ୍ଗୀ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଞ୍ଜାବ ରାଜ୍ୟ ଲୁଧିଆନା ସାହନେୱାଲର ଟ୍ରକ ମାଲିକ ରୂପେନ୍ଦ୍ର ସିଂହ((୩୬), ଦୋରାହା ଲୁଧିଆନାର ଚାଳକ ଯଶୱନ୍ତ ସିଂହ(୩୫) ଓ ତରନତାରନର ହେଲ୍ପର ସାମଶେର ସିଂହ(୨୬)। ପଞ୍ଜାବରୁ ଖୋର୍ଦ୍ଧା ଅଭିମୁଖେ



ଏକ ଆଇଚର ଟ୍ରକରେ ଗୋ ଚାଲାଣ ହେଉଥିବା ଟାଙ୍ଗୀ ଥାନା ଖବର ପାଇ ବନ୍ଦାଳ ଟୋଲ ଗେଟ୍ ଯାଞ୍ଚ କରିଥିଲା। ଗାଡ଼ି ସମ୍ମୁଖରେ ହରିଆଣା ନମ୍ବର ଓ ପଛରେ ପଞ୍ଜାବ ନମ୍ବର ଥିବାର ଦେଖିବାକୁ ମିଳିଥିଲା। ଗାଡ଼ିର ଜରିପାଲ ଖୋଲି ୧୭ଟି ଗୋରୁ ମଧ୍ୟରୁ ୧୦ଟି ଜୀବନ୍ତ ଗାଈ, ୬ଟି ଜୀବନ୍ତ ବାଛୁରି ଓ ୧ଟି ମୃତ ବାଛୁରି ଉଦ୍ଧାର କରି ଛତିଆସ୍ଥିତ ଏକ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ବିକାଶ କୁମାର ସେଠୀ ଜଣାଇଛନ୍ତି।

## ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋର୍

# ସଦର ବ୍ଲକ୍ କଂଗ୍ରେସର ବିକ୍ଷୋଭ




କଟକ, ୨୬।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ରାଜ୍ୟରେ ପାଠ୍ୟପୁସ୍ତକରେ ତ୍ରୁଟି ଘଟଣାରେ ଓଡ଼ିଶା କ୍ୟାବିନେଟ୍‌ରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଲାଣି। କଟକ ସଦର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ କନ୍ଦରପୁର ଛକରେ ଏନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ଓ ରାମଚନ୍ଦ୍ର ଗୋଛାୟତ ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାର ନୈତିକ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ଶିକ୍ଷାମନ୍ତ୍ରୀ ଅବିଳମ୍ବେ ଇସ୍ତଫା ଦେଇଦେବା ଉଚିତ୍ ବୋଲି କହିଥିଲେ। କଟକ ନଗର (ଜିଲ୍ଲା) ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି ଓ ବିଶ୍ୱଜିତ୍ ଦାସ, ମାନସ ପରିଡ଼ା, ଶିଶିର ରଥ ଓ ରାଜେଶ୍ ସ୍ୱାଇଁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରୀତିଛନ୍ଦା କୈବଲ୍ୟ ନାୟକ, ବରିଷ୍ଠ ନେତ୍ରୀ ନଳିନୀ ଉଦଗାତା, ଉଗ୍ରସେନ ଭୂୟାଁ, ନିର୍ମଳ ସ୍ୱାଇଁ ଓ ବିପନ ପଶାୟତ, ନାରୀନେତ୍ରୀ ନୀଳିମା ତ୍ରିପାଠୀ, ମମତା ସିଂହ ପ୍ରମୁଖ ବିଜେପି ସରକାରଙ୍କ ଛାତ୍ର ମାରଣ ନୀତି ବିରୋଧରେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି କହିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ନରସିଂହପୁର, ୨୬।୭ (ସମିସ): ନରସିଂହପୁର-ଅନୁଗୋଳ ରାସ୍ତାର ବୁଢ଼ାବୁଢ଼ୀ ମନ୍ଦିର ନିକଟସ୍ଥ ନୂଆଗଡ଼ ବ୍ରିଜ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ନରସିଂହପୁର ବ୍ଲକ୍ ସରଧାପୁର ପଞ୍ଚାୟତ ନୂଆଗଡ଼ ଗ୍ରାମର ଜିତେନ୍ଦ୍ର ମୁଦୁଲି (୩୪)। ଜିତେନ୍ଦ୍ର ମୁଦୁଲି ଓ ତାଙ୍କ ସାଙ୍ଗ ଅନୁଗୁଳରୁ କାମ ସାରି ଘରକୁ ଫେରିବା ସମୟରେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଡ଼ାକ୍ତରଖାନାର ଭର୍ତ୍ତି କରାଯିବା ପରେ ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ୍ତୁ ଘୋଷଣା କରିଥିଲେ। ଗୁରୁତର ସଞ୍ଜୟ ଗଡ଼ନାୟକ (୩୭)ଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ନୀଳାଦ୍ରି ବିଜେକଲେ ପ୍ରସନ୍ନମଣୀ



ତିଗିରିଆ, ୨୬।୭ (ସମିସ): ୯ ଦିନର ପବିତ୍ର ଘୋଷଯାତ୍ରା ସାରି ତିଗିରିଆ ବ୍ଲକର ଆରାଧ୍ୟ ଠାକୁର ତଥା ଗୁପ୍ତ ଶ୍ରୀକ୍ଷେତ୍ରର ମଉଡ଼ମଣୀ ଶ୍ରୀ ପ୍ରସନ୍ନମଣୀ, ବଡ଼ଭାଇ ବଳଭଦ୍ର ରବିବାର ବିଳମ୍ବିତ ରାତିରେ ନୀଳାଦ୍ରି ବିଜେ କରିଛନ୍ତି। ଗତ କାଲିଠାରୁ ବଡଦାଣ୍ଡର ବଡକୁଅଠାରେ ଅଟକି ରହିଥିବା ତିନି ରଥ ଉପରେ ବିଗ୍ରହମାନଙ୍କ ବିଭିନ୍ନ ନୀତି ସମ୍ପନ୍ନ ପରେ ବଳଗଣ୍ଡି ପୂଜା ହୋଇ ରଥରେ ଦଉଡି ଲାଗି ହୋଇଥିଲା। ପରେ ତିନି ରଥକୁ ଭକ୍ତମାନେ ରାଜବାଟୀସ୍ଥିତ ସିଂହଦ୍ୱାର ସମ୍ମୁଖକୁ ଟାଣି ନେଇଥିଲେ। ବଡଦାଣ୍ଡର ଗୋପୀନାଥ ମଠ ନିକଟରେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଅଟକ ରଖାଯାଇ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥକୁ ରଥଖଳା ନିକଟରେ ପହଞ୍ଚାଇ ଦିଆଯାଇଥିଲା। ମହାଲକ୍ଷ୍ମୀଙ୍କର ଭେଟ ଓ ବନ୍ଦାପନା ନୀତି ସମ୍ପନ୍ନ ପରେ ମା'ଙ୍କ ବିମାନ ପଛେ ପଛେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଟଣାଯାଇ ରଥଖଳା ନିକଟରେ ପହଞ୍ଚା ଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ସମୟରେ ଲକ୍ଷ୍ମୀ ପାରିଷଦଙ୍କ ଦ୍ୱାରା କବାଟ କିଳା ଓ ଲକ୍ଷ୍ମୀ ନାରାୟଣଙ୍କ କଳି ବଚନିକା ବୋଲା ଆଦି ନୀତି ସମାପ୍ତ ହୋଇଥିଲା। ମହାପ୍ରଭୁ ଶ୍ରୀ ପ୍ରସନ୍ନମଣୀ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ନିମନ୍ତେ ରସଗୋଲା ଦେଇ କବାଟ ଫିଟା ନୀତି ଶେଷ ହେବା ପରେ କଉଡ଼ି ଖେଳ, ଗଇଁଠାଳ ଫିଟା ଆଦି ନୀତି ଶେଷ ପରେ ମହାପ୍ରଭୁଙ୍କୁ ରତ୍ନ ସିଂହାସନ ଅରୋହଣ କରାଯାଇଥିଲା। ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କର ମୁଖସିଂହାର (ବନକ ଲାଗି), ମାଘ ସ୍ନାନ ଆଦି ନୀତି ଶେଷ ପରେ ରାତ୍ର ପହୁଡ଼ କରାଯାଇ ଚଳିତ ବର୍ଷର ଯାତ୍ରାନୀତି ସମାପ୍ତ ହୋଇଥିଲା।

ନରସିଂହପୁର: ସେହିପରି ନରସିଂହପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ନିଳାଦ୍ରୀ ବିଜେ ନୀତି ସମ୍ପାଦିତ ହୋଇଯାଇଛି। ମାଉସୀ ମା'



ମନ୍ଦିର ନିକଟସ୍ଥ ରଥଖଳାରେ ଥିବା ରଥରେ ବିରାଜମାନ କରିଥିବା ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ରଥକୁ ଆଜି ଭକ୍ତମାନେ ଟାଣି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଇବା ପରେ ସେବାୟତଙ୍କ ଦ୍ୱାରା ପହଣ୍ଡି କରାଯାଇ ବିଗ୍ରହଙ୍କୁ ମନ୍ଦିରରେ ବିଜେ କରାଯିବା ପରେ ଭେଟ ଆଳତି ଓ ମହାପ୍ରଭୁଙ୍କର ଦର୍ଶନ ଆଦି ବିଧି ଅନୁସାରେ କରାଯାଇ ସନ୍ଧ୍ୟା ଆଳତି ପରେ ସଂଧ୍ୟା ସୁଦ୍ଧା ବଳଭଦ୍ର ଓ ସୁଭଦ୍ରାଙ୍କୁ ରତ୍ନ ସିଂହାସନ ଆରୋହଣ କରାଯାଇଥିଲା।

# କନ୍ଦରପୁର-ଜଗତସିଂହପୁର ରାସ୍ତା ବିଚ୍ଛିନ୍ନ; ଦୁର୍ଦ୍ଦଶାରେ ଲୋକ

କନ୍ଦରପୁର, ୨୬।୭ (ସମିସ): କଟକ-ମାଛଗାଁ ୫୫ ନମ୍ବର ଜାତୀୟ ରାଜପଥ କନ୍ଦରପୁର ଲେବୁଲ କ୍ରସିଙ୍ଗ ନିକଟରେ ବିଚ୍ଛିନ୍ନ ହୋଇଯାଇଛି। ଶନିବାର ରାତିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଦ୍ୱାରା କନ୍ଦରପୁର ଅଞ୍ଚଳରେ ରାସ୍ତା ଘାଟ ବୁଡିଯିବା ସହିତ ଘରଗୁଡ଼ିକରେ ପାଣି ପଶି ଯାଇଥିଲା। କନ୍ଦରପୁର ଲେଭଲ କ୍ରସିଙ୍ଗ ନିକଟରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଏକ ଆପ୍ରୋଚ ରୋଡ ନିର୍ମାଣ କରାଯାଇଥିଲା। ସେହି ରାସ୍ତା ଦେଇ ହଂସୁଆ ନାଳ ଯାଇଥିବା ବେଳେ ପାଣି ନିଷ୍କାସନ ରାସ୍ତା ତଳେ ହ୍ୟୁମ୍‌ପାଇପ୍ ବିଛା ଯାଇଥିଲେ ମଧ୍ୟ ତାହା ଜଳ ନିଷ୍କାସନ ପାଇଁ ଯଥେଷ୍ଟ ନଥିଲା। ତେଣୁ ରାସ୍ତା ବର୍ଷା ପାଣିରେ ବୁଡିଯିବା ଦ୍ୱାରା ରାସ୍ତାର ଦୁଇ ପାର୍ଶ୍ୱ ଖାଇ ଯାଇ ଘାଇ ସୃଷ୍ଟି ହୋଇଛି। ଯାହାଦ୍ୱାରା କନ୍ଦରପୁର-ଜଗତସିଂହପୁରକୁ ଯିବାଆସିବା ପାଇଁ ଥିବା ରାସ୍ତା ବନ୍ଦ ହୋଇଯାଇଛି। ସେହିପରି ସଦର ଅଞ୍ଚଳର କନ୍ଦରପୁର, ଆୟଉପୁର, ନିମେଇସାପୁର, ଧରିଣା, ଯଶପଡ଼ା, ଅରିଲୋ, ସୋମପୁର ଆଦି ବିଭିନ୍ନ ପଞ୍ଚାୟତର ହଜାର



ହଜାର ଏକର ଚାଷ ଜମିରେ ରୁଆ ଯାଇଥିବା ଧାନ ଓ ଧାନ ତଳି ଏବେ ପାଣିରେ ବୁଡି ରହିଛି। ତାହା ସଢ଼ି ଯିବାର ଆଶଙ୍କା ସୃଷ୍ଟି ହେବା ସହ ଅଞ୍ଚଳରେ ହୋଇଥିବା ବିଭିନ୍ନ ପନିପରିବା ଚାଷ ଉଜୁଡି ଯାଇଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ମାଟି ଘର ତଥା ଧରିଣା ପଞ୍ଚାୟତର ହାଡୁଆକୁଳ ଗ୍ରାମର ଭଗବାନ ପ୍ରଧାନଙ୍କ ମାଟିଘର ଓ ଗୁହାଳ ଭୁଶୁଡ଼ି ପଡ଼ିଥିବା ଜଣା ପଡିଥିବା ବେଳେ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ● ଯାତ୍ରୀବାହୀ ବସ୍-ଅଟୋ ମୁହାଁମୁହିଁ ଧକ୍କା

# ଅଟୋ ଚାଳକ ମୃତ, ତିନି ଆହତ

ସାଲେପୁର/ନିଶ୍ଚିନ୍ତକୋଇଲି, ୨୬।୭(ସମିସ): ରାତ୍ର ପ୍ରାୟ ୮.୩୦ ମିନିଟ୍ ସମୟରେ ସାଲେପୁର କେନ୍ଦ୍ରାପଡ଼ା ରାସ୍ତାର କୁଳିଆ ବଜାର ନିକଟରେ ଏକ ଷଣ୍ଢ ପଶିଯିବାରୁ ରାଜା ନାମକ ଏକ ଯାତ୍ରୀବାହୀ ବସ୍ ସହ ଏକ ଅଟୋରିକ୍ସାର ମୁହଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଆହତଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମେ ପଠାଯାଇଥିବା ବେଳେ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପଲେଇ ଗ୍ରାମର ଅଟୋ ଡ୍ରାଇଭର ସୃଷ୍ଟିକାନ୍ତ ସାହୁ(୪୨)ଙ୍କ ମୃତ୍ୟୁ ହୋଇଛି। ଜଣେ ସାମାନ୍ୟ ଆହତ ହୋଇଥିବା ବେଳେ ରଶ୍ମିରେଖା ସୂତାର, ପୁଷ୍ପଲତା ସୂତାର ଓ ପଦ୍ମାବତୀ ମହାରଣା ଗୁରୁତର ଅଛନ୍ତି। କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଘରୋଇ ବସ୍ ଅପରପାର୍ଶ୍ୱ ଚାନ୍ଦୋଳ ପୁସୁନପୁରରୁ ପାଗା ଅଭିମୁଖେ ଯାତ୍ରୀ ନେଇ ଯାଉଥିବା ଏକ ଅଟୋକୁ ମୁହାମୁହିଁ ଧକ୍କା ଦେଇଥିଲା। ଗୁରୁତର ତିନିଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡକ୍ଟର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି। ସାଲେପୁର ପୁଲିସ୍ ଘଟଣାସ୍ଥଳରେ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ କରୁଥିବା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# କାରଗିଲ ବିଜୟ ଦିବସରେ ସହିଦ ଗୋପୀନାଥଙ୍କୁ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲି, ୨୬।୭(ସମିସ): କାରଗିଲ ବିଜୟ ଦିବସ ପାଳନ ହେଉଥିବାବେଳେ ଓଡ଼ିଶାର ପ୍ରଥମ କାରଗିଲ ସହିଦ ଗୋପୀନାଥ ମହାରଣାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତା ଓ ସାଧାରଣ ଲୋକ ସହିଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଜୟଗାନ କରିଛନ୍ତି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଗୋପୀନାଥ ମହାରଣା ମାତ୍ର ୧୮ ବର୍ଷ ବୟସରେ ଭାରତୀୟ ସେନା ୫୨୮ ବାଟାଲିୟନରେ ଯୋଗଦେଇ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। କାରଗିଲ ଯୁଦ୍ଧ ସମୟରେ ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧକ୍ଷେତ୍ରକୁ ଯାଉଥିବାବେଳେ ୧୯୯୯ ମସିହା ମେ ମାସ ୧୯ ତାରିଖରେ



ଶତ୍ରୁପକ୍ଷ ଗୁଳିରେ ମାତ୍ର ୨୩ ବର୍ଷ ବୟସରେ ସହିଦ ହୋଇଥିଲେ। ଇତିମଧ୍ୟରେ କାରଗିଲ ଯୁଦ୍ଧକୁ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଦେଶମାତୃକା ପାଇଁ ଗୋପୀନାଥଙ୍କ ବୀରତ୍ୱ ଓ ଦେଶପ୍ରେମ ଆଜି ବି ଲୋକଙ୍କ ହୃଦୟରେ ଅମ୍ଳାନ ହୋଇ ରହିଛି।

# ସପନପୁର ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଟାଙ୍ଗୀ,୨୬।୭(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପରମାନନ୍ଦ ଭୋଇଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ସଭାରେ ସଭାପତି ଭାବେ ମାନସ ରଞ୍ଜନ ଭଗତ ଓ ଉପସଭାପତି ଭାବେ ପିଙ୍କିନା ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭ୍ୟ କ୍ଷୀରୋଦ ପ୍ରଧାନ, ଆଲୋକ ସାହୁ, ମହେଶ୍ୱର ନାୟକ ଓ ପୀତାମ୍ବର ବେହେରାଙ୍କ ସମେତ ୨୦ ଜଣ ସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ନିଜକୁ ସାମିଲ କରିବେ ବୋଲି ସଭାପତି ଶ୍ରୀ ଭଗତ ସୂଚନା ଦେଇଛନ୍ତି।

# ଡେଲିଭରି କର୍ମଚାରୀଙ୍କୁ ଲୁଟ୍; ଦୁଇ ଗିରଫ

ତ୍ରିଶୂଳିଆ,୨୬।୭(ସମିସ): ବାରଙ୍ଗ ଥାନା ଷଣ୍ଢପୁର ନିକଟରୁ ଜଣେ ଡେଲିଭରି କର୍ମଚାରୀଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଲୁଟି ନେବା ଘଟଣାରେ ପୁଲିସ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ତୁଳସୀପୁରର ଆଲୋକ ସେଠୀ ଏବଂ କଟକ ଜିଲ୍ଲା ବାଙ୍କୀ ଥାନା ତୁଳସୀପୁରର ମିଲୁ ପ୍ରଧାନ। ପୁଲିସ ଏକ ପ୍ଲାଷ୍ଟିକ ପାଇପ୍ ଓ ନଗଦ ୫ ହଜାର ଟଙ୍କା ଜବତ କରିଛି। ଅବଶିଷ୍ଟ ଲୁଟ



ହୋଇଥିବା ଟଙ୍କା ଉଦ୍ଧାର କରିବା ଏବଂ ଅପରାଧ ସହିତ ଜଡିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଜାଣିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ଗତ ୨୫ ତାରିଖ ଅଭିଯୋଗକାରୀ ଡେଲିଭରି କର୍ମଚାରୀ ଷଣ୍ଢପୁର ଗ୍ରାମ ନିକଟରେ ପାର୍ସଲ ଦେଉଥିବା ସମୟରେ ଉକ୍ତ ଦୁଇଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ତାଙ୍କୁ ଏକ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ସେ ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ କାର୍ଗିଲ ବିଜୟ ଦିବସ

ଆଠଗଡ଼, ୨୬।୭ (ସମିସ): ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ ତରଫରୁ ଆଠଗଡ଼ ସହରରେ ଏକ ବାଇକ ରାଲିରେ ସହର ପରିକ୍ରମା କରାଯାଇଥିଲା।ଦେଶର ବୀର ସହିଦ ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦେଶର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନମାନଙ୍କ ପ୍ରତି ଆମର ଅଶେଷ କୃତଜ୍ଞତା ଓ ବିନମ୍ର ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଠଗଡ଼ ବହୁ ଯୁବ ଛାତ୍ର ଜନତା ଦଳର ଛାତ୍ର ନେତା ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖାଲିଦ୍, ବିନୋଦ ମାଝୀ, ପ୍ରକାଶ ରାଉତ, ବି ଶିବଶଙ୍କର ଜ୍ୟୋତି, ବହୁ ଛାମୁଆ ସଂଗଠକ ଉପସ୍ଥିତ ଥିଲେ।

ଚୌଦ୍ୱାର: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ୍





ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବୀରତ୍ୱର ଇତିହାସ ସୃଷ୍ଟି କରିଥିବା ଚୌଦ୍ୱାରର ଗର୍ବ ସହିଦ୍ ରାଜକିଶୋର ସାହୁଙ୍କ ସମେତ ସହିଦ ଯବାନଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ଲକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍ ସଭାପତି ନରୋତ୍ତମ ଦାସ, ଉପସଭାପତି ଦିଲ୍ଲୀପ ସାହୁ, ସହସମ୍ପାଦକ ସରୋଜ ସାହୁ ସାମିଲ ହୋଇଥିଲେ। ସଂଗଠନର କର୍ମକର୍ତ୍ତା ଓ ଅନ୍ତେବାସୀମାନେ ୧୭ ନମ୍ବର ୱାର୍ଡ ନୂଆସାହି ରାଜକିଶୋର ନଗରସ୍ଥିତ ସହିଦ୍ ରାଜକିଶୋରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ଅଂଶୁମାନ କର, ରଶ୍ମିରଞ୍ଜନ ସାହୁ, ଅଂଶୁମାନ ସ୍ୱାଇଁ, ଅମିତ ନାୟକ, ସୁବ୍ରତ ଖଟୁଆ, ସୁନୀଲ ମୁର୍ମୁ, ଶିବମ୍ ବେହେରା, ସାଇସୋହନ ସାହୁ, ରାମ ପୁରି, ସତ୍ୟପ୍ରକାଶ ସାହୁ, ଅମର ନାୟକ, ମଙ୍ଗଳ ସୋରେନ୍ ଅଂଶଗ୍ରହଣ କରିଥିଲେ।

# ସମାଜସେବୀ ତପନ ରାଉତଙ୍କ ପରଲୋକ

ଚୌଦ୍ୱାର, ୨୬।୭(ସମିସ): ଚୌଦ୍ୱାର ଅଞ୍ଚଳର ବିଶିଷ୍ଟ ସମାଜସେବୀ, ଦକ୍ଷ ସଂଗଠକ ତଥା ଜନପ୍ରିୟ ବ୍ୟକ୍ତିତ୍ୱ ତପନ ରାଉତ (୫୨)ଙ୍କ ଆଜି ପରଲୋକ ଘଟିଛି।



ସେ ଦୀର୍ଘଦିନ ଧରି ଯକୃତ (ଲିଭର) କ୍ୟାନ୍ସରରେ ପୀଡ଼ିତ ଥିଲେ। ଆଜି ତାଙ୍କ ମରଶରୀରକୁ ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ସେଠାରେ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ, ବିଶିଷ୍ଟ ବ୍ୟକ୍ତିବର୍ଗ, ରାଜନୈତିକ ନେତୃବୃନ୍ଦ, ସାମାଜିକ କର୍ମୀ ଏବଂ ସାଧାରଣ ଜନତା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତପନ ରାଉତ ଜଣେ ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଚୌଦ୍ୱାର ଅଞ୍ଚଳରେ ପରିଚିତ ଥିଲେ। ସାମାଜିକ ସେବା, ସଂଗଠନ ପରିଚାଳନା ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସେ ସର୍ବଦା ଆଗରେ ରହୁଥିଲେ। ତାଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅନେକେ ମତ ପ୍ରକାଶ କରିଛନ୍ତି।

## ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡସ୍-ଇଂ ଅଭିଷେକ ମେମୋରିଆଲ ଟ୍ରଷ୍ଟର ମିଳିତ ଉଦ୍ୟମ

# ୭ ଏକର ଜମିରେ ୭ ହଜାର ଚାରା ରୋପଣ

ତ୍ରିଶୂଳିଆ,୨୬।୭ (ସମିସ): କଟକ ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେସନ୍ ଓ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ବ୍ଲକ ଅନ୍ତର୍ଗତ କାଠଯୋଡି ନଦୀ ପଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଆୱାକି ପଦ୍ଧତିରେ 'ଅଟଳ ବନ' ନାମରେ ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠାରେ ତାରବାଡ ବୁଲାଯାଇ ୭ ହଜାରରୁ ଊର୍ଦ୍ଧ୍ୱ ଜାମୁ ଚାରା ରୋପଣ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଦେଷ୍ଟା ଶ୍ରୀସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ସଭାପତି ପ୍ରସନ୍ନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବରେ ଯୁବ ସାମ୍ବାଦିକ ଡ. ମାନସ କୁମାର ଦାଶ, ସମ୍ମାନିତ ଅତିଥି ଭାବରେ ଏସ୍‌ଭି ନିର୍‌ତାର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି, କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, କଟକ ବାର୍ ଆସୋସିଏସନ୍ ସଂପାଦକ ଦିଲ୍ଲୀପ ମହାପାତ୍ର, ଯୁଗ୍ମ ସଂପାଦକ ମହେନ୍ଦ୍ରଲାଲ ଜେନା, ରୋଟାରୀ କ୍ଲବ୍ ଅଫ୍ ହେରିଟେଜ୍ ରାଜନାରାୟଣ ତ୍ରିପାଠୀ, ଶିକ୍ଷାବିତ୍ ରଂଜନ କୁମାର ଲେଙ୍କା, ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ଡ. ଶରତ କୁମାର ରଥ, କୈଳାସଚନ୍ଦ୍ର ମୁଦୁଲି, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ଆଲୋକ କୁମାର ଦାସ, କଟକ ରେଲୱେ ଷ୍ଟେସନ୍‌ର ପରିଚାଳକ ମଳୟ କୁମାର ଆଚାର୍ଯ୍ୟ, ଲୋକୋ ପାଇଲଟ୍ ଦଳ ମୁଖ୍ୟ ଶେଖ ମହମ୍ମଦ ଅଲୀ, ଜୟପ୍ରକାଶ ଦଣ୍ଡପାଟ, ଓଡିଶା ସାମାଜିକ ଓ ପରିବେଶ ବିକାଶ ଅନୁଷ୍ଠାନର ମନୋରଂଜନ ମହାନ୍ତି, ପରିବେଶ ସୁରକ୍ଷା ଅଭିଯାନର ସଭାପତି ଡ. ପ୍ରଦୀପ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ.



କଲ୍ୟାଣୀ ମହାନ୍ତି, ଡ. ନାରାୟଣ ତ୍ରିପାଠୀ, ଫ୍ରେଣ୍ଡସ ଏଣ୍ଡ ଏନ୍‌ଭିରୋମେଣ୍ଟର ପ୍ରତିଷ୍ଠାତା ନିଧି ରାଉତରାୟ, କିଚେନ୍ ଗାର୍ଡେନ୍ ଆସୋସିଏସନ୍ ସଭାପତି ଏକାଦଶୀ ନନ୍ଦି, ନେଚର ଲଭର୍ସ କ୍ଲବ୍ ସଦସ୍ୟ ଇନ୍ଦିରା ନାୟକ, ପ୍ଲା ଲଭର୍ସ ଆସୋସିଏସନ୍ ସଦସ୍ୟ ସୌମ୍ୟାସୁରଭି ପାଣିଗ୍ରାହୀ, ଉନ୍ମୁକ୍ତ ଫାଉଣ୍ଡେସନ୍ ଶ୍ୱେତା ଅଗ୍ରୱାଲା, ଯାଜପୁର କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଲଳିତ ମହାନ୍ତି ଓ ଉକ୍ତ ଗ୍ରାମର ସଦାଶିବ ସ୍ୱାଇଁ, ରନୋଜ ସ୍ୱାଇଁ ସ ରଶ୍ମିରଂଜନ ସ୍ୱାଇଁ ଯୋଗ ଦେଇଥିଲେ। ୧୦ଟି ଜଙ୍ଗଲ ପୂର୍ଣ୍ଣାଙ୍ଗ କରିସାରିବା ପରେ ଚଳିତ ବର୍ଷ ୧୧ତମ ଜଙ୍ଗଲ ସୃଷ୍ଟି ନିମନ୍ତେ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ ପାଲ ଓ ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା କାନନ ବିହାରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ପ୍ରଭାସ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ସଭାପତି ମାନସ ରଂଜନ ନାୟକ ଓ ସଂପାଦକ ଅତୁଲ୍ୟ ସାମଲ, କୋଷାଧ୍ୟକ୍ଷ ସୁମନ ଶେଖର ସାହୁ, ରଶ୍ମିରଂଜନ ନାୟକ, ସୁନୀଲ ସ୍ୱାଇଁ, ବେଣୁଧର ଦାସ, ଆରିଏନ୍ ଠାକୁର, ପ୍ରେମାନନ୍ଦ ବେହେରା, ନୀଳମଣି ସାହୁ, ମଗେଶ କୁମାର ସାହୁ, ଜ୍ୟୋତିରଂଜନ ହାତୀ, ଦୁର୍ଗା ପ୍ରସାଦ ସାହୁ, ଆଶୀଷ କୁମାର ବେହେରା, ସ୍ମୃତି ରଂଜନ ଦାସ, ଅଜିତ୍ ସାହୁ, ଅଶ୍ୱିନୀ ବେହେରା, ପ୍ରମିଳା ବେହେରା, ମନିଷା କୁମାରୀଙ୍କ ସହ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା, ରେଳୱେର କର୍ମଚାରୀ ଓ ସକ୍‌ସେସ୍ ପ୍ଲସ୍ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଅକାଳରେ ଚାଲିଯାଉଛି ଜୀବନ

# ଜାତୀୟ ରାଜପଥରେ ୧୯୪ 'ବ୍ଲାକ୍ ସ୍ପଟ୍'

ଭୁବନେଶ୍ୱର,୨୬।୭(ସମିସ): ଓଡ଼ିଶାରେ ଥିବା ଥିବା ଜାତୀୟ ରାଜପଥଗୁଡ଼ିକରେ ମୋଟ ୧୯୪ଟି ଦୁର୍ଘଟଣା ପ୍ରବଣ ସ୍ଥାନ (ବ୍ଲାକ୍ ସ୍ପଟ୍) ରହିଛି। ଏଥିମଧ୍ୟରୁ ଯାଜପୁର



ଜିଲ୍ଲାରେ ସର୍ବାଧିକ ୨୮ଟି ବ୍ଲାକ୍ ସ୍ପଟ୍ ଥିବାବେଳେ ଗଞ୍ଜାମରେ ୧୭ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଛି। ଏହି ଦୁଇ ଜିଲ୍ଲା ବର୍ତ୍ତମାନ ରାଜ୍ୟର ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନିତ ହୋଇଛି। ରାଜ୍ୟସଭାରେ ବିଜେଡି ସାଂସଦ ଡଃ ସସ୍ମିତ ପାତ୍ର ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରି ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯେଉଁ ସ୍ଥାନଗୁଡ଼ିକରେ ବାରମ୍ବାର

- ଯାଜପୁର ସର୍ବାଧିକ ବିପଦପୂର୍ଣ୍ଣ, ଗଞ୍ଜାମ ଦ୍ୱିତୀୟ
- ୪ ବର୍ଷରେ ସଡ଼କ ଦୁର୍ଘଟଣା ଦେଢ଼ ଗୁଣ ବୃଦ୍ଧି

ସଡ଼କ ଦୁର୍ଘଟଣା ଘଟୁଛି, ସେଗୁଡ଼ିକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ବିଶ୍ଳେଷଣ ଏବଂ ୨୦୨୩ରୁ ୨୦୨୫ ମଧ୍ୟରେ ଘଟିଥିବା ଦୁର୍ଘଟଣାର ତଥ୍ୟକୁ ଆଧାର କରି ଏହି ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରାଯାଇଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ, ଦେଶରେ ମୋଟ ୬,୩୫୮ଟି ବ୍ଲାକ୍ ସ୍ପଟ୍ ରହିଛି। ସେଥିମଧ୍ୟରୁ ଓଡ଼ିଶାରେ ୧୯୪ଟି ରହିଛି। ଯାଜପୁରରେ ସର୍ବାଧିକ ୨୮ଟି ବ୍ଲାକ୍ ସ୍ପଟ୍ ପରେ ଗଞ୍ଜାମରେ ୧୭ଟି ରହିଛି। ଏହାଛଡ଼ା କଟକ ସହରାଞ୍ଚଳ ଓ ପୁରୀରେ ୧୩ଟି ଲେଖାଏଁ, ଭୁବନେଶ୍ୱର ସହରାଞ୍ଚଳ ଓ ମୟୂରଭଞ୍ଜରେ ୧୧ଟି ଲେଖାଏଁ, ନୟାଗଡ଼, ଭଦ୍ରକ ଓ ବ୍ରହ୍ମପୁରରେ ୧୦ଟି ଲେଖାଏଁ ବ୍ଲାକ୍ ସ୍ପଟ୍ ରହିଛି। କେନ୍ଦୁଝର ଜିଲ୍ଲାରେ ୭ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଥିବାବେଳେ ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଜଗତସିଂହପୁର ଆଦି ଜିଲ୍ଲାରେ ମଧ୍ୟ ଏପରି ବିପଦପୂର୍ଣ୍ଣ ସ୍ଥାନ ରହିଛି। ଯାଜପୁର ଓ ଗଞ୍ଜାମରେ ଦୁର୍ଘଟଣା ପ୍ରବଣ ସ୍ଥାନ ଅଧିକ ଥିବା ପଛରେ ଅନେକ କାରଣ ରହିଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲା ଦେଇ ଖଣିଜ ପଦାର୍ଥ ବୋଝେଇ ଭାରୀ ଟ୍ରକ ଯାତାୟାତ ସବୁବେଳେ ଲାଗି ରହିଥାଏ। ଜାତୀୟ ରାଜପଥ-୧୬ ଉପରେ ଦିନରାତି ଶହଶହ ଭାରୀ ଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଥାଏ। ଅନ୍ୟପଟେ ଗଞ୍ଜାମ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ଦକ୍ଷିଣ ଭାରତକୁ ସଂଯୋଗ କରୁଥିବାରୁ ଏଠାରେ ମଧ୍ୟ ଅତ୍ୟଧିକ ଯାନବାହନ ଚଳାଚଳ ହୋଇଥାଏ। ୨୦୨୦ ମସିହାରେ ଓଡ଼ିଶାରେ ୩,୬୭୩ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୨୦୨୪ରେ ଏହା ୪,୫୫୫କୁ ବୃଦ୍ଧି ପାଇଛି। ଅର୍ଥାତ୍ ଚାରି ବର୍ଷରେ ପ୍ରାୟ ୨୪ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ୨୦୨୦ରେ ୧,୭୮୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୪ରେ ଏହା ୨,୩୫୮ରେ ପହଞ୍ଚିଛି, ଯାହା ପ୍ରାୟ ୩୨ ପ୍ରତିଶତ ବୃଦ୍ଧି। ଆହତଙ୍କ ସଂଖ୍ୟା ମଧ୍ୟ ୩,୪୨୧ରୁ ବଢ଼ି ୪,୨୫୭ରେ ପହଞ୍ଚିଛି। ଏହି ବଢ଼ୁଥିବା ଦୁର୍ଘଟଣାକୁ ରୋକିବା ପାଇଁ କେନ୍ଦ୍ର ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବିଭାଗ ପକ୍ଷରୁ କହାଯାଇଛି।




ଇଣ୍ଡିଆନ ଆଇଡଲ ସିଜିନ୍-୧୬ ଗ୍ରାଣ୍ଡ ଫିନାଲେ ବିଜୟିନୀ ଜ୍ୟୋତିର୍ମୟୀ ନାୟକଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ବିଚାରକ ତଥା ଖ୍ୟାତନାମା କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଓ ବିଶାଲ ଦଦ୍‌ଲାନି

## ସରୁନି ତାଳଚେର - ବିମଳାଗଡ଼ ରେଳପଥ

# ବ୍ୟୟ ଅଟକଳ ୭୨୭ କୋଟିରୁ ବଢ଼ି ୩,୩୯୦ କୋଟିରେ ପହଞ୍ଚିଲା

ରାଉରକେଲା,୨୬।୭(ସମିସ): ଦୀର୍ଘ ୨୩ ବର୍ଷ ଧରି ନିର୍ମାଣାଧୀନ ରହିଥିବା ବହୁ ପ୍ରତୀକ୍ଷିତ ତାଳଚେର - ବିମଳାଗଡ଼ ରେଳପଥ ପ୍ରକଳ୍ପର ବ୍ୟୟ ଅଟକଳ ୭୨୭ କୋଟି ଟଙ୍କାରୁ ବଢ଼ି ୩,୩୯୦ କୋଟି ଟଙ୍କାରେ ପହଞ୍ଚି ଥିବାବେଳେ ଏହି ପ୍ରକଳ୍ପର ଶେଷହେବା ନେଇ କେନ୍ଦ୍ରର ଚରମ ଅବହେଳା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ପ୍ରସଙ୍ଗରେ ରାଜ୍ୟସଭାରେ ସାଂସଦ ଦିଲୀପ କୁମାର ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ,

**କେନ୍ଦ୍ରର ଅବହେଳା ନେଇ ସଂସଦରେ ଦିଲ୍ଲୀପ ରାୟଙ୍କ ପ୍ରଶ୍ନ**

୧୫୦ କିଲୋମିଟର ଦୀର୍ଘ ବିଶିଷ୍ଟ ଏହି ରେଳ ପ୍ରକଳ୍ପକୁ ୨୦୦୩-୦୪ ରେ ଅନୁମୋଦନ କରାଯାଇଥିଲା। ସେତେବେଳେ ପ୍ରକଳ୍ପର ଆକଳନ ବ୍ୟୟ ୭୨୭ କୋଟି ଥିଲାବେଳେ ସଂପ୍ରତି ଏହା ବୃଦ୍ଧି ପାଇ ୩,୩୯୦ କୋଟି ଟଙ୍କାରେ ପହଞ୍ଚିଛି। ଗତ ମାର୍ଚ୍ଚ ୨୦୨୬ ସୁଦ୍ଧା ୧,୯୦୧ କୋଟି ବ୍ୟୟ



ହୋଇଥିବା ବେଳେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୯୫୦ କୋଟି ବରାଦ କରାଯାଇଛି। ତେବେ ୪୮ କିଲୋମିଟର ବିଶିଷ୍ଟ ତାଳଚେର - ଖମାର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସେ କହିଥିଲେ ମଧ୍ୟ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ସମଲ -ଖମାର ଖଣ୍ଡରେ କେବଳ ମାଲବାହୀ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଥିଲେ ମଧ୍ୟ ରେଳ ସୁରକ୍ଷା କମିଶନରଙ୍କ ଅନ୍ତିମ ନିରୀକ୍ଷଣ ଏପର୍ଯ୍ୟନ୍ତ ସରି ନଥିବାରୁ ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ ହୋଇନାହିଁ। ବର୍ଷ ବର୍ଷ ଧରି ବଜେଟ୍ ବୃଦ୍ଧି ପାଉଛି, ଏହି ପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି, କିନ୍ତୁ ତାଳଚେରରୁ ଖମାର ପର୍ଯ୍ୟନ୍ତ ସାଧାରଣ ଯାତ୍ରୀଙ୍କ ପାଇଁ ଟ୍ରେନ୍ ସେବା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ପ୍ରକଳ୍ପ ପାଇଁ ମୋଟ ୮୬୩ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୭୫୬ ହେକ୍ଟର ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ଜମି ଅଧିଗ୍ରହଣ, ବିନା ଅନୁମତି ଓ ଆଇନଗତ ଜଟିଳତା ଯୋଗୁଁ ପ୍ରକଳ୍ପ ବିଳମ୍ବ ହେଉଥିବା କଥା ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ସମ୍ପୂର୍ଣ୍ଣ ପ୍ରକଳ୍ପ କେବେ ଶେଷ ହେବ ଏବଂ ତାଳଚେର - ଖମାର ସହ ତାଳଚେର - ବିମଳାଗଡ଼ ରୁଟ୍‌ରେ ଯାତ୍ରୀବାହୀ ଟ୍ରେନ୍ କେବେ ଚଳାଚଳ କରିବ, ସେ ସମ୍ପର୍କରେ କୌଣସି ସମୟସୀମା ଘୋଷଣା କରାଯାଇନାହିଁ। ଏପରିସ୍ଥିତିରେ ସିଆରଏସ୍‌ଙ୍କ ନିରୀକ୍ଷଣ ଶୀଘ୍ର ଶେଷ କରି ତାଳଚେର-ଖମାର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ସହ ସମଗ୍ର ତାଳଚେରବିମଳାଗଡ଼ ରେଳପଥକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସାଧାରଣଲୋକ ଦାବି କରିଛନ୍ତି।

# ଦିବାଲୋକରେ ଯୁବକଙ୍କୁ ସଂଘବଦ୍ଧ ଖଣ୍ଡା ଚୋଟ

ପୁରୁଷୋତ୍ତମପୁର, ୨୬।୭(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଏନ୍‌ଏସିସ୍ଥିତ କାଳୀ ମନ୍ଦିର ନିକଟସ୍ଥ ଗ୍ୟାରେଜରେ ମୋଟରସାଇକଲ ମରାମତି କରୁଥିବା ବେଳେ ଜଣେ ଯୁବକଙ୍କୁ ତିନି ଜଣ ଯୁବକ ଖଣ୍ଡାରେ ହାଣି ଲହୁଲୁହାଣ କରି ଫେରାର ହୋଇଛନ୍ତି। ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ବଡଖରିଡା ଗ୍ରାମର ବଣ୍ଟି ବାରିକ(୨୬)। ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ପୁରୁଷୋତ୍ତମପୁର ଏସଡିପିଓ ସୁଜିତକୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଆହତଙ୍କ ବୟାନ ନେବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ସୂଚନା ଅନୁସାରେ, ଦୀର୍ଘ ଦିନ ହେଲା ବଣ୍ଟିଙ୍କ ସହ ରାଜପୁର ଗ୍ରାମର କିଛି ବ୍ୟକ୍ତି ସହ ଶତ୍ରୁତା ଲାଗିରହିଛି। ସେମାନେ ବଣ୍ଟିଙ୍କୁ ହତ୍ୟା କରିବା ଲାଗି ଛକିରହି ସୁଯୋଗ ଖୋଜୁଥିଲେ। ବଣ୍ଟି ନିଜଗ୍ରାମରୁ ପୁରୁଷୋତ୍ତମପୁର ଆସି ଏକ ଗ୍ୟାରେଜରେ ମୋଟର ସାଇକଲକୁ ମରାମତି କରୁଥିବା ବେଳେ ଏକ ସ୍କୁଟିରେ ତିନିଜଣ ଯୁବକ ଆସି ଅତର୍କିତ ଭାବରେ ଖଣ୍ଡାରେ ହାଣିପକାଇଥିଲେ। ଉପସ୍ଥିତ ଲୋକେ ପାଟି କରିବାରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

# ଯୋଜନା ବନ୍ଦ ହେଲା; ମିଳୁନାହିଁ ଶ୍ରମିକଙ୍କ ବକେୟା

ଭୁବନେଶ୍ୱର, ୨୬।୭(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତକରଣ ଯୋଜନା (ମନରେଗା)କୁ କେନ୍ଦ୍ର ସରକାର ବନ୍ଦ କରିଛନ୍ତି। ଏହା ବଦଳରେ ଜିଭି ଜି ରାମଜି ଯୋଜନା ପ୍ରଣୟନ ହୋଇଛି । ମାତ୍ର ପୁରାତନ

- ଓଡ଼ିଶାର ଶ୍ରମିକଙ୍କ ବକେୟା ରାଶି ପରିମାଣ ୫୧୦ କୋଟି
- ସାରା ଦେଶରେ ମନରେଗା ବକେୟା ୧୯,୩୧୦ କୋଟି

ଯୋଜନା ବନ୍ଦ ହୋଇଥିଲେ ସୁଦ୍ଧା ବିଭିନ୍ନ ରାଜ୍ୟକୁ ଏ ବାବଦରେ କୋଟିକୋଟି ଟଙ୍କା କେନ୍ଦ୍ର ସରକାର ପଇଠ କିରନାହାନ୍ତି । ସାରା ଦେଶରେ ଏ ବାବଦରେ ୧୯,୩୧୦.୦୭ କୋଟି ଟଙ୍କା ବକେୟା ଥିବାବେଳେ କେବଳ ଓଡ଼ିଶାର ୫୧୦ କୋଟି ବକେୟା ଥିବା ସଂସଦରେ ସୂଚନା ଦେଇଛନ୍ତି କେନ୍ଦ୍ର ସରକାର।

କେନ୍ଦ୍ର ଗ୍ରାମୀଣ ବିକାଶ ରାଜ୍ୟମନ୍ତ୍ରୀ କମଲେଶ ପାସୱାନଙ୍କ ସୂଚନା ଅନୁସାରେ ମନରେଗା ବାବଦରେ ଆନ୍ଧ୍ରପ୍ରଦେଶର ୩,୨୭୮.୦୯ କୋଟି ଟଙ୍କା ବକେୟା ରହିଛି। ଏହା ପରେ ବିହାର (୨,୧୭୧କୋଟି), ଉତ୍ତରପ୍ରଦେଶ(୧,୮୨୩.୭୬ କୋଟି), ମହାରାଷ୍ଟ୍ର (୧,୭୫୪.୭୦ କୋଟି), ରାଜସ୍ଥାନ (୧,୬୫୪.୭୦ କୋଟି), ତାମିଲନାଡୁ (୧,୪୬୯.୪୨ କୋଟି) ଓ ତେଲେଙ୍ଗାନା (୧,୩୮୯.୪୭ କୋଟି) ରହିଛି। ଓଡ଼ିଶାର ବକେୟା ୫୧୦.୫୮ କୋଟି ଟଙ୍କା ଥିବାବେଳେ ପଶ୍ଚିମବଙ୍ଗରେ ମାତ୍ର ୦.୦୨ କୋଟି ଟଙ୍କା ବକେୟା ରହିଛି। ମନରେଗା ଅଧୀନରେ ଶ୍ରମିକଙ୍କ ମଜୁରି ସିଧାସଳଖ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ଲାଭାର୍ଥୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଏ। ପ୍ରତ୍ୟେକ ଆର୍ଥିକ ବର୍ଷ ଆରମ୍ଭରେ ପୂର୍ବବର୍ଷର ଯୋଗ୍ୟ ବକେୟା ଦାୟିତ୍ୱ ମଧ୍ୟ ପରିଶୋଧ କରାଯାଏ। ଏହି ଆଧାରରେ ୨୦୨୫-୨୬ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ମଜୁରି ବକେୟା ପ୍ରଦାନ କରାଯାଇଛି। ତେବେ ସାମଗ୍ରୀ ଓ ପ୍ରଶାସନିକ ଖର୍ଚ୍ଚ ବାବଦ ଅର୍ଥ ଛାଡ଼ ପାଇଁ ରାଜ୍ୟ ସରକାରମାନଙ୍କୁ ପ୍ରସ୍ତାବ ଦାଖଲ କରିବାକୁ ପଡ଼ିଥାଏ। କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ଅର୍ଥ ଛାଡ଼ କରିଥାନ୍ତି। ଏଥିରେ ଶ୍ରମ ବଜେଟ୍, କାମର ଚାହିଦା, ଉପଲବ୍ଧ ବଳାଞ୍ଚ, ଅର୍ଥ ବ୍ୟବହାରର ଗତି, ବକେୟା ଦାୟିତ୍ୱ, ରାଜ୍ୟର କାର୍ଯ୍ୟଦକ୍ଷତା ଏବଂ ଆବଶ୍ୟକ ଦସ୍ତାବିଜ ଦାଖଲକୁ ବିଚାର କରାଯାଏ।କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପୂର୍ବ ଆର୍ଥିକ ବର୍ଷର ବକେୟା ଦାବି ସମ୍ବନ୍ଧୀୟ ପ୍ରସ୍ତାବ ଶୀଘ୍ର ଦାଖଲ କରିବାକୁ ଅନୁରୋଧ କରିଛନ୍ତି। ଯୋଗ୍ୟ ଦାବିଗୁଡ଼ିକର ଯାଞ୍ଚ ପରେ ଶୀଘ୍ର ଅର୍ଥ ମୁକ୍ତ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

## ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଅନିୟମିତତା

# ପ୍ରୋତ୍ସାହନ ରାଶି ଅପେକ୍ଷାରେ ୩ ଶହ ମହିଳା

ଖଇରା,୨୬।୭(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନରେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୩ ଶହରୁ ଉର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତିଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରୋତ୍ସାହନ ରାଶି ମିଳିନଥିବା ଅଭିଯୋଗ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳିତ ଭାବେ ପରିଚାଳିତ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ୪ ପର୍ଯ୍ୟାୟରେ ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରଦାନ କରାଯାଇଥାଏ ପ୍ରୋତ୍ସାହନ ରାଶି। ପୁଅ ହେଲେ ୧୦ହଜାର ଓ ଝିଅ ହେଲେ ୧୨ ହଜାର ଟଙ୍କା ପ୍ରସୂତିଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥାଏ। ଏଥି ମଧ୍ୟରେ ଗର୍ଭଧାରଣର ୪ମାସ ମଧ୍ୟରେ ପଞ୍ଜୀକରଣ ଏବଂ ଆବଶ୍ୟକ ଟିକାକରଣ ୨ ପର୍ଯ୍ୟାୟରେ ୬ହଜାର ଓ ଜନ୍ମ ପରେ ୪ମାସ ମଧ୍ୟରେ ୨ ପର୍ଯ୍ୟାୟରେ ୪ ହଜାର ବା ୬ ହଜାର ମିଳିବା କଥା। ୨ପିଲା ପର୍ଯ୍ୟନ୍ତ ଏହି ଅର୍ଥ ପ୍ରଦାନ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି। ହେଲେ ଏବେ ୩୭ ପଞ୍ଚାୟତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ପାଖାପାଖି ୧୭୫ଜଣଙ୍କୁ ପ୍ରଥମ ପର୍ଯ୍ୟାୟ ପଇସା ମିଳିନଥିବାବେଳେ ବାକି ୧୨୫ଜଣ ଦ୍ୱିତୀୟ ପର୍ଯ୍ୟାୟ ପଇସାକୁ ଚାତକ ଭଳି ଚାହିଁ ବସିଛନ୍ତି।

# ୨ ବର୍ଷରେ ୫ ଅଧ୍ୟାପକଙ୍କ ବଦଳି

ଭୁବନେଶ୍ୱର, ୨୬।୭(ସମିସ): ଆଠମଲ୍ଲିକ କଲେଜରେ ଅଧ୍ୟାପକ ଅଭାବ ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି। ଗତ ବର୍ଷ ଓ ଚଳିତ ବର୍ଷ ମୋଟ ୫ ଜଣ ଅଧ୍ୟାପକଙ୍କ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଣେ ହେଲେ ନୂତନ ଅଧ୍ୟାପକଙ୍କୁ କଲେଜରେ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଉପଖଣ୍ଡର ଏହି ନୋଡାଲ କଲେଜରେ ଶୈକ୍ଷିକ ସଂକଟ ଦେଖାଦେଇଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତ ବର୍ଷ ଓଡ଼ିଆ ବିଭାଗର ଅଧ୍ୟାପକ ରଞ୍ଜିତ ସେଠୀ, ଇତିହାସ ବିଭାଗର ଅଧ୍ୟାପିକା କ୍ଷୀରୋଦିନୀ ଜୟ, ଦର୍ଶନ ବିଭାଗର ଅଧ୍ୟାପକ

- ବଦଳରେ ଆସିନାହାନ୍ତି ଜଣେ ବି ଅଧ୍ୟାପକ
- ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

ଦ୍ୱିତୀପ୍ରସାଦ ସାହୁ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ସଚ୍ଚିଦାନନ୍ଦ ସାହୁଙ୍କ ବଦଳି ହୋଇଥିଲା। ସେହିପରି ଚଳିତ ବର୍ଷ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ମନ୍ମଥ ପାଲଙ୍କ ମଧ୍ୟ ଅନ୍ୟତ୍ର ବଦଳି ହୋଇଛି। କିନ୍ତୁ ଏହି ସମୟ ମଧ୍ୟରେ ଖାଲି ପଡ଼ିଥିବା ପଦଗୁଡ଼ିକରେ କୌଣସି ନୂତନ ନିଯୁକ୍ତି କରାଯାଇନାହିଁ। ବାରମ୍ବାର ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି କରୁଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କର୍ଣ୍ଣପାତ କରୁନାହିଁ। ଫଳରେ ଅଭିଭାବକ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ଅଧ୍ୟାପକ ଅଭାବ ଯୋଗୁଁ ବିଭିନ୍ନ ବିଷୟରେ ନିୟମିତ ଶ୍ରେଣୀ ପରିଚାଳନା ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଗୋଟିଏ ଅଧ୍ୟାପକଙ୍କୁ ଏକାଧିକ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିବାରୁ ଶିକ୍ଷାଦାନର ଗୁଣବତ୍ତା ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିବାବେଳେ ଏପରିସ୍ଥିତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ଚିନ୍ତା ବଢ଼ାଇଛି। ଖାଲି ପଡ଼ିଥିବା ଅଧ୍ୟାପକ ପଦବୀଗୁଡ଼ିକ ଶୀଘ୍ର ପୂରଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ସମେତ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ନୂତନ ଅଧ୍ୟାପକ ନିଯୁକ୍ତି କରାନଯାଏ, ତେବେ କଲେଜରେ ପାଠପଢ଼ା ଆହୁରି ବ୍ୟାହତ ହେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ଆନ୍ଦୋଳନର ରୂପ ନେଇପାରେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ମଝି ସମୁଦ୍ରରେ ଟ୍ରଲର ବୁଡ଼ି ଘଟଣା

# ମୃତକଙ୍କ ପରିବାରକୁ ସହାୟତା ଦେଲା ପଶ୍ଚିମବଙ୍ଗ ସରକାର

ବାଲେଶ୍ୱର(ଉତ୍ତର),୨୬।୭(ସମିସ): ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇ ୧୬ ମତ୍ସ୍ୟଜୀବୀ ନିଖୋଜ ହେବା ଘଟଣାକୁ ୨୪ଦିନ ବିତିଗଲାଣି। ଏହି ଘଟଣାରେ ମୋଟ ୧୦ଜଣ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବେଳେ ଆହୁରି ୬ ଜଣଙ୍କ ପତ୍ତା ଏଯାଏଁ ମିଳିପାରି ନାହିଁ। ସେହିପରି ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କର ପରିଚୟ ପାଇଁ ହୋଇଥିବା ଡିଏନ୍‌ଏ ରିପୋର୍ଟ ଏଯାଏଁ ଆସିନି। ତେବେ ଏହି ଦୁର୍ଘଟଣାରେ ଆଜି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାମନଗର ଆସି ପଶ୍ଚିମବଙ୍ଗର ମୃତ/ନିଖୋଜ ୧୨ ମତ୍ସ୍ୟଜୀବୀ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଓ ପରିବାରର ଜଣଙ୍କୁ ବେଳାଭୂମି ଗାର୍ଡ ଚାକିରି ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏହି ଡଙ୍ଗାରେ ଥିବା ଓଡ଼ିଶାର ୩ ମତ୍ସ୍ୟଜୀବୀ ପରିବାରକୁ ଓଡ଼ିଶା ସରକାର କେବଳ ରେଡକ୍ରସ ଜରିଆରେ ସାମାନ୍ୟ ସହାୟତା ଛଡ଼ା ଏଯାଏଁ କୌଣସି ସହାୟତା ଘୋଷଣା କରିନାହାନ୍ତି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଟ୍ରଲର ଆସୋସିଏସନ୍ ଜରିଆରେ ଅନୁରୂପ ଭାବେ ଭୋଗରାଇର ତିନି ମତ୍ସ୍ୟଜୀବୀଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରିଥିଲେ।

**ଓଡ଼ିଶା ସରକାରଙ୍କ ନିଦ ଭାଙ୍ଗିବ କେବେ?**

ତେବେ ଖୁସିର କଥା ଯେ ମିଳିଥିବା ସୂଚନା ଅନୁଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ବିଧାୟକ ଶ୍ରୀ ଦାସଙ୍କ ଏହି ଦାବିକୁ ଗ୍ରହଣ କରି ନେଇଛନ୍ତି। ତେଣୁ ଖୁବ୍‌ଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ମୃତକ ପରିବାରକୁ ଚାକିରି ପ୍ରଦାନ ସମ୍ଭବ ନୁହେଁ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ନିରବତା ସମଗ୍ର ଭୋଗରାଇବାସୀଙ୍କୁ ବ୍ୟଥିତ କରିଛି। ମୃତ୍ୟୁ ଆଶଙ୍କା କରାଯାଉଥିବା ଭୋଗରାଇର ଏହି ୩ ମତ୍ସ୍ୟଜୀବୀ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ବିଧାୟକ ଶ୍ରୀ ଦାସ ପ୍ରାୟ ୧୨ ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ ହେଁ ଏଯାଏ କିଛି ଉତ୍ତର ଆସି ନଥିବାରୁ ବିଧାୟକ ଶ୍ରୀ ଦାସ ସେଥିପାଇଁ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି ଯେ ସମ୍ବେଦନଶୀଳତା କ'ଣ ତାହା ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଠୁ ଶିଖନ୍ତୁ ଏବଂ ଦାରୁଣ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଥିବା ୩ ପରିବାରକୁ ତୁରନ୍ତ ସହାୟତା ଓ ଚାକିରି ଦେବା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି।

# ଓଡ଼ିଆଣୀ ହେଲେ ପୋଲାଣ୍ଡ ଲଳନା

ତିଗିରିଆ, ୨୬।୭ (ସମିସ): ପ୍ରେମ ମାନେନି ବନ୍ଧ ବାଡ଼। ପରସ୍ପର ମଧ୍ୟରେ ଆତ୍ମୀୟତା ବଢିଗଲେ ସାତ ଦରିଆ ବାଧା ଦେଇ ପାରେନି ଦୁଇଟି ଜୀବନର ନିବିଡ଼ତାକୁ। ସେମିତି



**ଡାଏନାଙ୍କ ହୃଦୟ ଜିତିବାକୁ ଘାସ କାଟିଲେ, ଇଣ୍ଟରଭ୍ୟୁରେ ପରିବାର ଲୋକଙ୍କ ମନ ଜିଣିଲେ ସୁବଳ**

ଏକ ଘଟଣା ଘଟିଛି ଆଠଗଡ ଅଞ୍ଚଳରେ। ଜଣେ ବିଦେଶିନୀ ପୋଲାଣ୍ଡର ଝିଅ ପାଶ୍ଚାତ୍ୟ ସଂସ୍କୃତିକୁ ପରିତ୍ୟାଗ କରି ପ୍ରାଚ୍ୟ ସଂସ୍କୃତିକୁ କରି ନେଇଛି ଆପଣାର। ଏହି ବିଦେଶିନୀ ଝିଅ ଡାଏନାଙ୍କ ହାତ ଧରିଛନ୍ତି ଆଠଗଡ ମହାଲକ୍ଷ୍ମୀପୁର ଗ୍ରାମର ରତ୍ନାକର ବେଉରାଙ୍କ ପୁଅ ସୁବଳ। ଡିଆନା ନିଜ ପାଦରେ ଅଳତା, ହାତରେ ମେହେନ୍ଦୀ ଲଗାଇବା ସହିତ ମଥାରେ ସିନ୍ଦୂର ଲଗାଇ ଜଣେ ଖାଣ୍ଟି ଓଡ଼ିଆଣୀ ଭାବେ ମୁଣ୍ଡରେ ଓଢଣୀ ଦେଇ ବିବାହ କରିଛନ୍ତି। ଏପରି ଘଟଣା ଆଜି ଦେଖିବାକୁ ମିଳିଛି କଟକ ଜିଲ୍ଲା ଆଠଗଡ ବ୍ଲକ ଅଧିନ ମହାଲକ୍ଷ୍ମୀପୁର ଗ୍ରାମରେ। ସୂଚନା ମୁତାବକ, ସୁବଳ ପ୍ରାୟ ୧ ବର୍ଷ ତଳେ ଚାକିରି କରିବା ଲାଗି ନେଦରଲ୍ୟାଣ୍ଡ ଯାଇଥିଲେ। ସେଠାରେ ଏକ ହୋଟେଲରେ ପୋଲାଣ୍ଡର ଝିଅ ଡାଏନାଙ୍କ ସହ ଦେଖାହୋଇଥିଲା। ସେହିଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଡିଆନାଙ୍କ ସହ ବିବାହ ଲାଗି ଇଣ୍ଟରଭ୍ୟୁ ଦେବାକୁ ପଡିଥିଲା ବୋଲି ସୁବଳ ପ୍ରକାଶ କରିଛନ୍ତି। ଶେଷରେ ଡାଏନାଙ୍କ ହାତ ଧରିବା ଲାଗି ପୋଲାଣ୍ଡରେ ଘାସ କାଟିଥିଲେ ସୁବଳ। ସୁବଳ ଏହି ଇଣ୍ଟରଭ୍ୟୁରେ ସଫଳତା ହାସଲ ପରେ ଆଜି ଉଭୟଙ୍କ ମଧ୍ୟରେ ଓଡ଼ିଆ ପରମ୍ପରା ଓ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ଏହି ବାହାଘରରେ ପୁଅଙ୍କ ସବୁ ବନ୍ଧୁବାନ୍ଧବ ଉପସ୍ଥିତ ଥିବା ବେଳେ ଝିଅ ପକ୍ଷର ପରିବାର ଆଭାସି ମାଧ୍ୟମରେ ଏହି ବାହାଘର ଦେଖୁଥିଲେ। ଏହି ବାହାଘରରେ ପୁଅ ଘରର ସମସ୍ତେ ଖୁସି ଥିବା ତଥା ବାହାଘର ପରେ ପୁଅର ଗାଁ ମହାଲକ୍ଷ୍ମୀପୁର ଗ୍ରାମରେ ବୋହୂକୁ ଦେଖିବାକୁ ପଡ଼ିଶା ଘର ଭିଡ଼ ଜମିଛି।

## କଳାହାଣ୍ଡିର ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ମେଡିକାଲ କଲେଜ ପରେ ବି ୬୫% ଡାକ୍ତର ପଦ ଖାଲି

ଭବାନୀପାଟଣା,୨୬।୭(ସମିସ): ଦାରିଦ୍ର୍ୟ, କୁପୋଷଣ, ମାତୃ ଓ ଶିଶୁ ମୃତ୍ୟୁହାର, ମ୍ୟାଲେରିଆ ଏବଂ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଆସିଥିବା କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗତ କିଛିବର୍ଷ ମଧ୍ୟରେ ମେଡିକାଲ କଲେଜ ସ୍ଥାପନ, ଚିକିତ୍ସାଳୟର ସଂଖ୍ୟା ବୃଦ୍ଧି ଓ ଭିତ୍ତିଭୂମିର ବିକାଶ ହୋଇଥିଲେ ମଧ୍ୟ ମାନବସମ୍ବଳର ଅଭାବ ଏବେ ବି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଜିଲ୍ଲା ସମ୍ବନ୍ଧୀୟ ସରକାରୀ ତଥ୍ୟ ଦର୍ଶାଉଛି ଯେ, ଡାକ୍ତରଙ୍କଠାରୁ ଆରମ୍ଭ କରି ନର୍ସ, ଲାବରେଟୋରି ଟେକ୍ନିସିଆନ୍, ରେଡିଓଗ୍ରାଫର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପର୍ଯ୍ୟନ୍ତ ଶହଶହ ପଦ ଖାଲି ପଡ଼ିଥିବାରୁ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ଗୁରୁତର ପ୍ରଭାବ ପଡ଼ୁଛି। ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଉପଖଣ୍ଡ ଚିକିତ୍ସାଳୟ, ୧୭ଟି ସାମୁଦାୟିକ ସ୍ୱାସ୍ଥ୍ୟକେନ୍ଦ୍ର, ୪୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୪୧ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ରକ୍ତଭଣ୍ଡାର, ଡାଏଲିସିସ୍ ୟୁନିଟ୍, ଆୟୁଷ ଚିକିତ୍ସାଳୟ ଓ




ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ରହିଛି। କିନ୍ତୁ ଏହି ଭିତ୍ତିଭୂମିକୁ ପ୍ରଭାବଶାଳୀ କରିବା ପାଇଁ ଯେତିକି ମାନବସମ୍ବଳ ଆବଶ୍ୟକ, ସେତିକି ଉପଲବ୍ଧ ନାହିଁ। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଜିଲ୍ଲାରେ ୬୦୬ଟି ଡାକ୍ତର ପଦ ମଞ୍ଜୁର ଥିବାବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୨୧୪ ଜଣ। ଅର୍ଥାତ୍ ୩୯୨ଟି ପଦ ବା ୬୫ ପ୍ରତିଶତ ଖାଲି। ସେହିପରି ୩୫୬ଟି ନର୍ସିଂ ଅଫିସର ପଦ ମଧ୍ୟରୁ ୧୧୭ଟି, ୧୦୫ଟି ଲାବରେଟୋରି ଟେକ୍ନିସିଆନ୍ ପଦ ମଧ୍ୟରୁ ୬୯ଟି, ୪୬ଟି ରେଡିଓଗ୍ରାଫର ପଦ ମଧ୍ୟରୁ ୨୨ଟି ଏବଂ ୧୩ଟି ଚକ୍ଷୁ ସହାୟକ ପଦ ମଧ୍ୟରୁ ୮ଟି ପଦ ଖାଲି ରହିଛି। ଫଳରେ ରୋଗୀ ସେବା, ପରୀକ୍ଷା, ଜରୁରୀ ଚିକିତ୍ସା ଓ ବିଶେଷଜ୍ଞ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି। କେବଳ ସ୍ଥାୟୀ ପଦ ନୁହେଁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ମଧ୍ୟ ପରିସ୍ଥିତି ଚିନ୍ତାଜନକ। ମୋଟ ୨୧୧୪ଟି ପଦବି ମଧ୍ୟରୁ ୮୫୦ଟି ପଦ ଖାଲି, ଅର୍ଥାତ ପ୍ରାୟ


**୮୫୦ ସ୍ୱାସ୍ଥ୍ୟକର୍ମୀ ଅଭାବ**

୪୦ ପ୍ରତିଶତ ପଦରେ କର୍ମଚାରୀ ନାହାନ୍ତି। ଗ୍ରାମାଞ୍ଚଳରେ ଟିକାକରଣ, ମାତୃ-ଶିଶୁ ସ୍ୱାସ୍ଥ୍ୟ, ପୋଷଣ, ଘରକୁ ଘର ସ୍ୱାସ୍ଥ୍ୟସେବା ଓ ରୋଗ ନିରୀକ୍ଷଣ ଭଳି କାର୍ଯ୍ୟକ୍ରମରେ ଏହାର ପ୍ରଭାବ ପଡ଼ିପାରେ। ଏଭଳି ସ୍ଥିତିରେ ଜିଲ୍ଲାବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ କେବଳ ଭିତ୍ତିଭୂମି ନୁହେଁ, ଶୀଘ୍ର ମାନବ ସମ୍ବଳ ପୂରଣ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୫୬ ● ପାଉଣ୍ଡ ୧୧୯.୭୦
- ୟୁରୋ ୧୧୦.୧୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୮୫୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)




**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୫୯.୦୦
- ନିଫ୍ଟି ୨୩,୭୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଜଙ୍କ୍‌ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର

## ସରକାର କରିଛନ୍ତି ସୁପାରିସ ■ ପ୍ରତି ତିନି ଜଣରେ ଜଣେ ଶିଶୁ ଜଙ୍କ୍‌ଫୁଡ୍‌ର ଶିକାର

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଜଙ୍କ ଫୁଡ୍ ଏବଂ ମିଠା ପାନୀୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ। ଚିପ୍ସ, ପିଜା, ବର୍ଗର, ଫ୍ରେଞ୍ଚ ଫ୍ରାଏଜ୍, ପ୍ୟାକେଜ୍ ସ୍ନାକ୍ସ, ଥଣ୍ଡା ପାନୀୟ, ମୋମୋ ଏବଂ ମିଠା ପାନୀୟ ଭଳି ଜଙ୍କ ଫୁଡ୍ ଦେଶରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି। ପରିସ୍ଥିତି ଏପରି ହୋଇଛି ଯେ ବର୍ତ୍ତମାନ ଦେଶରେ ୫-୧୯ ବର୍ଷ ବୟସର ଲକ୍ଷ ଲକ୍ଷ ଶିଶୁ ମେଦବହୁଳତା, ପୂର୍ବ ମଧୁମେହ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟାରେ ପୀଡିତ। ପାଞ୍ଚ ପ୍ରତିଶତ କିଶୋର ଉଚ୍ଚ ରକ୍ତଚାପରେ ପୀଡିତ। ଏହାର ଅର୍ଥ ହେଉଛି ପ୍ରତି ତିନି ଜଣ ଶିଶୁରେ ଜଣେ କୌଣସି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଆଗାମୀ ଦିନରେ ଜଙ୍କ୍ ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ ବିଚାର କରୁଛନ୍ତି। ସରକାରଙ୍କୁ ପ୍ରଦାନ କରାଯାଇଥିବା ଏହାର ରିପୋର୍ଟରେ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଜାତୀୟ



ପୁଷ୍ଟିକର ପ୍ରତିଷ୍ଠାନ (ଏନ୍‌ଆଇଏନ୍) ଏପରି ଖାଦ୍ୟ ଏବଂ ଚିନି ପାନୀୟ ଉପରେ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ କିମ୍ବା ପ୍ରଚଳିତ ଟିକସରେ ବୃଦ୍ଧି କରିବାକୁ ସୁପାରିଶ କରିଛି।

ଜଙ୍କ୍ ଫୁଡ୍‌କୁ ଏଚ୍‌ଏଫ୍‌ଏସ୍‌ଏସ୍ (ଉଚ୍ଚ ଚର୍ବି, ଉଚ୍ଚ ଚିନି ଏବଂ ଉଚ୍ଚ ଲୁଣ) ଖାଦ୍ୟ କୁହାଯାଏ। ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ଟ୍ରାନ୍ସ ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍, ରିଫାଇନ୍ ମଇଦା, କୃତ୍ରିମ ସ୍ୱାଦ ଏବଂ ବିଭିନ୍ନ ମିଶ୍ରଣ ରହିଥାଏ। ଏଗୁଡ଼ିକରେ ପୋଷଣ କମ୍ ଏବଂ କ୍ୟାଲୋରି ଅଧିକ ଥାଏ। ଏହି କାରଣରୁ ଏହି ଖାଦ୍ୟର ନିୟମିତ ବ୍ୟବହାର ଦ୍ରୁତ ଓଜନ ବୃଦ୍ଧି ଏବଂ ଅନେକ ରୋଗର ବିକାଶ କରିଥାଏ। ନିରନ୍ତର ସେବନ ପିଲା ଏବଂ କିଶୋରମାନଙ୍କ ମଧ୍ୟରେ ସ୍ଥୂଳତା ବୃଦ୍ଧି କରେ, ଯାହା ମଧୁମେହ, ହୃଦରୋଗ, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅଣ-

**ଆଇସିଏମ୍‌ଆର୍-ଏନ୍‌ଆଇଏନ୍ ରିପୋର୍ଟ**


ସଂକ୍ରାମକ ରୋଗ ଆଶଙ୍କା ବଢ଼ାଇଥାଏ। ରିପୋର୍ଟ ଅନୁସାରେ, ଭାରତରେ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୬ରେ ୦.୯ ବିଲିୟନ ଡଲାର ମୂଲ୍ୟର ଏହି ବଜାର ୨୦୧୯ ସୁଦ୍ଧା ୩୭.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ୨୦୦୯ରୁ ୨୦୨୩ ମଧ୍ୟରେ ଏପରି ଉତ୍ପାଦର ବିକ୍ରି ପ୍ରାୟ ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଟେଲିଭିଜନ, ମୋବାଇଲ୍ ଫୋନ୍, ସୋସିଆଲ ମିଡିଆ, କ୍ରିକେଟ୍ ମ୍ୟାଚ୍, ସ୍କୁଲ ପରିସରରେ ଏବଂ ପ୍ରଭାବଶାଳୀ ମାର୍କେଟିଂ ମାଧ୍ୟମରେ ପିଲାମାନେ ନିରନ୍ତର ଜଙ୍କଫୁଡ୍ ବିଜ୍ଞାପନ ଦ୍ୱାରା ପ୍ରୋତ୍ସାହିତ। ରିପୋର୍ଟ ଅନୁଯାୟୀ, ପିଲାମାନଙ୍କ ଟିଭି ଚ୍ୟାନେଲରେ ପ୍ରାୟ ୯୦ ପ୍ରତିଶତ ବିଜ୍ଞାପନ ଏପରି ଖାଦ୍ୟ ପାଇଁ କରାଯାଉଛି। ୯୨.୬ ପ୍ରତିଶତ ଅଭିଭାବକ ରିପୋର୍ଟ କରିଛନ୍ତି ଯେ ସ୍କୁଲ ଏବଂ କଲେଜ ପାଖରେ ଏପରି ଖାଦ୍ୟ ସହଜରେ ଉପଲବ୍ଧ। ପ୍ରମୁଖ କ୍ରିକେଟ୍ ଇଭେଣ୍ଟ ସମୟରେ ୮୦ ପ୍ରତିଶତରୁ ଅଧିକ ବିଜ୍ଞାପନ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ମିଠା ପାନୀୟର ହିଁ ଦେଖିବାକୁ ମିଳୁଛି।

ଭାରତରେ ପୂର୍ବରୁ ଜଙ୍କଫୁଡ୍ ବିକ୍ରି ଏବଂ ପ୍ରଚାରକୁ ନିୟନ୍ତ୍ରଣ କରୁଥିବା ଅନେକ ନିୟମ ରହିଛି, କିନ୍ତୁ କଠୋର ପ୍ରବର୍ତ୍ତନ ଅଭାବରୁ, ଏହି ନିୟମଗୁଡ଼ିକର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ତମାଖୁ ଏବଂ ମଦ ଭଳି ଚର୍ବି, ଲୁଣ ଏବଂ ଚିନି ଅଧିକ ଥିବା ଖାଦ୍ୟ ଏବଂ ପାନୀୟ ଉପରେ କର ବୃଦ୍ଧି କରାଯାଇପାରେ। ଲକ୍ଷ୍ୟ ହେଉଛି ଜଙ୍କ ଫୁଡ୍ ଅଧିକ ମହଙ୍ଗା ଏବଂ ପୁଷ୍ଟିକର ଖାଦ୍ୟକୁ ଅପେକ୍ଷାକୃତ ଶସ୍ତା କରିବା।

**କମୁଛି ବିମାନ ସିଟ୍ ସାଇଜ୍**

# ୪୦ ବର୍ଷରେ ସିଟ୍ ୪ ଇଞ୍ଚ୍ କମିଛି

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଯଦି ଆପଣ ଭାବୁଛନ୍ତି ଯେ ଇକୋନୋମି-କ୍ଲାସ୍ ବିମାନ ସିଟ୍‌ରେ ଆପଣଙ୍କ ଗୋଡ଼ ବିସ୍ତାର କରିବା କଷ୍ଟକର ହେଉଛି, ତେବେ ଏହା କେବଳ ଆପଣଙ୍କର ଭୁଲ ଧାରଣା ନୁହେଁ। ଗତ ଚାରି ଦଶନ୍ଧି ଧରି, ସାରା ବିଶ୍ୱରେ ବିମାନ କମ୍ପାନୀଗୁଡ଼ିକ ଧୀରେ ଯାତ୍ରୀ ସିଟ୍ ଆକାରକୁ ସଙ୍କୁଚିତ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସମୟ ମଧ୍ୟରେ ଲୋକଙ୍କ ହାରାହାରି ଉଚ୍ଚତା ଏବଂ ଓଜନ ମଧ୍ୟ ବୃଦ୍ଧି ପାଇଛି। ଫଳସ୍ୱରୂପ ଆଜି ଜଣେ ସାଧାରଣ ଯାତ୍ରୀଙ୍କୁ ସମାନ ବିମାନରେ ପୂର୍ବ ଅପେକ୍ଷା ଯଥେଷ୍ଟ କମ୍ ସ୍ଥାନରେ ଯାତ୍ରା କରିବାକୁ ପଡୁଛି। ବିମାନ ଶିଳ୍ପ ତଥ୍ୟ ଏବଂ ବିମାନ ସିଟ୍ ମାନଚିତ୍ର ଦର୍ଶାଉଛି ଯେ ଏହି ସଂକୋଚନ କେବଳ ଆରାମର ବିଷୟ



ନୁହେଁ, ବରଂ ବର୍ତ୍ତମାନ ଏକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା ପାଲଟିଛି।

୧୯୮୦ ଏବଂ ୧୯୯୦ ଦଶକରେ, ଇକୋନୋମି କ୍ଲାସରେ ସିଟ୍ ପିଚ୍ କିମ୍ବା ଦୁଇଟି ସିଟ୍ ମଧ୍ୟରେ ଦୂରତା ସାଧାରଣତଃ ୩୪-୩୫ ଇଞ୍ଚ ଥିଲା। ବର୍ତ୍ତମାନ ସମୟରେ ଅଧିକାଂଶ ପ୍ରମୁଖ ଏୟାରଲାଇନ୍ସରେ ସିଟର ଆକାର ୩୦-୩୧ ଇଞ୍ଚ ହ୍ରାସ ପାଇଛି, ଯେତେବେଳେ କି ଭାରତ ସମେତ ବିଶ୍ୱବ୍ୟାପୀ କମ୍ ମୂଲ୍ୟର ଏୟାରଲାଇନ୍ସରେ, ଏହି ଆକାର ୨୮-୨୯ ଇଞ୍ଚକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି, ହାରାହାରି ପ୍ରତ୍ୟେକ ଯାତ୍ରୀ ପୂର୍ବ ତୁଳନାରେ ୪ ରୁ ୭ ଇଞ୍ଚ କମ୍ ଲେଗ୍ ରୁମ୍ ପାଉଛନ୍ତି। ଏହି ସମୟ ମଧ୍ୟରେ ସିଟ୍ ପ୍ରଶସ୍ଥ ମଧ୍ୟ ୧୮-୧୯ ଇଞ୍ଚରୁ ପ୍ରାୟ ୧୬.୫-୧୭ ଇଞ୍ଚକୁ ହ୍ରାସ ପାଇଛି। ପୂର୍ବରୁ ସିଟ୍‌ଗୁଡ଼ିକରେ ମୋଟା କୁଶନ ଥିଲା, କିନ୍ତୁ ବର୍ତ୍ତମାନ ସ୍ଲିମ୍‌ଲାଇନ୍ ଡିଜାଇନ୍ ସାଧାରଣ ହୋଇଯାଇଛି, ଯାହା ଦ୍ୱାରା ଏୟାରଲାଇନ୍ସଗୁଡ଼ିକ ସମାନ ସ୍ଥାନରେ ଅଧିକ ସିଟ୍ ଫିଟ୍ କରିପାରିବେ। ଆଶ୍ଚର୍ଯ୍ୟଜନକ ଭାବରେ, ସିଟ୍ ସଙ୍କୁଚିତ ହେବା ସହିତ ମାନବ ଶରୀର ମଧ୍ୟ ବୃଦ୍ଧି ପାଇଛି।

ଏହି ପରିବର୍ତ୍ତନ କେବଳ ସିଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିମାନ ଭିତରେ ଥିବା ସିଟ୍ ସଂଖ୍ୟାରେ ମଧ୍ୟ ସ୍ପଷ୍ଟ। ବୋଇଂ ୭୩୭ରେ ପୂର୍ବରୁ ୧୨୦-୧୩୦ ସିଟ୍ ଥିଲା, କିନ୍ତୁ ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ସମାନ ବିମାନରେ ୧୮୦-୧୯୦ ସିଟ୍ ଯୋଡୁଛନ୍ତି। ସେହିପରି, ଏୟାରବସ୍ ଏ୩୨୦ ଯାହା ପୂର୍ବରୁ ସର୍ବାଧିକ ୧୫୦ ସିଟ୍ ଥିଲା, ଏବେ ୧୮୦-୧୮୬ ସିଟ୍‌ରେ

**ଭଡ଼ା ବଢୁଛି; ଯାତ୍ରୀଙ୍କୁ କମ୍ ଆରାମ**

**ଦୀର୍ଘ ଯାତ୍ରା ପାଇଁ ଅସହଜ ହେଉଛି ଉଡ଼ାଣ**

**ସୃଷ୍ଟି କରୁଛି ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା**

ପହଞ୍ଚିଛି। ସ୍ପଷ୍ଟ ଭାବରେ, ବିମାନର ଗଠନ ପ୍ରାୟତଃ ସମାନ ରହିଛି, କିନ୍ତୁ ଏଥିରେ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି।

### ଅଧିକ ଲେଗ୍‌ରୁମ୍ ଏକ ପ୍ରିମିୟମ୍ ବୈଶିଷ୍ଟ୍ୟ

ଆଜି ଅଧିକ ଲେଗ୍‌ରୁମ୍ କିମ୍ବା ପସନ୍ଦିତ ସିଟ୍ ରହିବା ଆଉ ଏକ ମାଗଣା ସୁବିଧା ନୁହେଁ, ବରଂ ଅତିରିକ୍ତ ଆୟର ଏକ ଉତ୍ସ। ଭାରତରେ, ଘରୋଇ ବିମାନରେ ଏକ ଏକ୍ସଏଲ୍ କିମ୍ବା ଅତିରିକ୍ତ-ଲେଗ୍‌ରୁମ୍ ସିଟ୍ ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ୫୦୦ ରୁ ୨,୦୦୦ ଟଙ୍କା ଦେବାକୁ ପଡ଼େ। ଆନ୍ତର୍ଜାତୀୟ ବିମାନରେ, ରୁଟ୍ ଏବଂ ଚାହିଦା ଉପରେ ନିର୍ଭର କରି, ଅନେକ ଏୟାରଲାଇନ୍ସ ଏଥିପାଇଁ ୩,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ନିଅନ୍ତି।

**ଏଆଇରେ ପ୍ରଚୁର ନିବେଶ, ଆମେରିକା ପାଇ ମହଙ୍ଗା ପଡିବ**

# ପ୍ରତିଯୋଗିତା ବଢୁଛି; ରିଟର୍ଣ୍ଣ ଶୂନ୍

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବିଶ୍ୱର ପରବର୍ତ୍ତୀ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ବିପ୍ଳବ ଭାବରେ ବିବେଚନା କରାଯାଏ। ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା ଭଳି ଆମେରିକୀୟ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର ଏଆଇ ଚିପ୍ସ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ ଶହ ଶହ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ନିବେଶକମାନେ ବିଶ୍ୱାସ କରନ୍ତି ଯେ ଏହି ନିବେଶ ଆଗାମୀ ବର୍ଷଗୁଡ଼ିକରେ ଏହି କମ୍ପାନୀଗୁଡ଼ିକର ରୋଜଗାରକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। ତଥାପି, ଏଆଇରେ ଏତେ ବଡ଼ ନିବେଶ ପ୍ରକୃତରେ କମ୍ପାନୀଗୁଡିକୁ ଏ ଯାଏ ରିଟର୍ଣ୍ଣ ପ୍ରଦାନ କରିନାହିଁ। ନିବେଶକମାନଙ୍କ ମଧ୍ୟରେ ଏହି ଚିନ୍ତା ବର୍ତ୍ତମାନ ପ୍ରତିଫଳିତ ହେଉଛି। ଏଆଇକୁ ଆମେରିକୀୟ ବଜାରରେ ସବୁଠାରୁ ବଡ଼ ବିପ୍ଳବ ଭାବରେ ବିବେଚନା କରାଯାଏ, କିନ୍ତୁ ଏବେ ଚୀନ୍ ପକ୍ଷରୁ ପ୍ରତିଯୋଗିତାର ସଙ୍କେତ ମିଳୁଛି। ହେଲେ ଆମେରିକା ଏଆଇରେ ଯେଉଁଭଳି ଭାବେ ଅର୍ଥ ନିବେଶ କରିଛି, ସେଥିରେ ରିଟର୍ଣ୍ଣ ନ ମିଳିଲେ ତାହା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ଏହି ବିତର୍କ ମଧ୍ୟରେ, ଗ୍ଲୋବାଲ୍ ବ୍ରୋକେରେଜ୍ ଜେଫେରିଜ୍‌ର ଗ୍ଲୋବାଲ୍ ହେଡ୍ ଅଫ୍ ଇକ୍ୱିଟି ଷ୍ଟ୍ରାଟେଜି କ୍ରିସ୍ ଉଡ୍ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଆମେରିକାରେ ଏଆଇ ଭିତ୍ତିଭୂମିରେ ବିପୁଳ ନିବେଶ ଭବିଷ୍ୟତରେ ପୁଞ୍ଜିର ବ୍ୟାପକ ଅପଚୟ ଆଣିପାରେ। ଏହା ମୁଖ୍ୟତଃ ଚୀନ୍‌ର ଦ୍ରୁତ ବର୍ଦ୍ଧିତ ଏଆଇ କ୍ଷମତା ଏବଂ ସେଠାରେ ବିକଶିତ ହେଉଥିବା କମ୍ ମୂଲ୍ୟର, ମୁକ୍ତ-ଉତ୍ସ ଏଆଇ ମଡେଲ୍‌ଗୁଡ଼ିକୁ ହେତୁ ହେବ। କ୍ରିସ୍ ଉଡ୍ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀଗୁଡ଼ିକ ରେକର୍ଡ ସ୍ତରରେ ଏଆଇରେ ନିବେଶ କରୁଛନ୍ତି। କେବଳ ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା କେବଳ ୨୦୨୬ରୁ ୨୦୨୭ ମଧ୍ୟରେ ପ୍ରାୟ ୧.୫୭ ଟ୍ରିଲିୟନ ଡଲାରର ମିଳିତ ପୁଞ୍ଜି ବ୍ୟୟ ହେବାର ଆକଳନ କରାଯାଇଛି। ଏଠାରେ ପ୍ରଶ୍ନ ହେଉଛି ଏହି କମ୍ପାନୀଗୁଡ଼ିକ ଏହି ନିବେଶ ସହିତ ସମାନ ରାଜସ୍ୱ ସୃଷ୍ଟି କରିବେ କି ନାହିଁ। ଯଦି ଏହା ନ ହୁଏ, ତେବେ ନିବେଶକଙ୍କ ଆଶା ଭାଙ୍ଗିଯାଇପାରେ ଏବଂ ଷ୍ଟକ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଦେଖାଯାଇପାରେ।

କିଛି ବର୍ଷ ପୂର୍ବେ, ଏହା ବିଶ୍ୱାସ କରାଯାଉଥିଲା ଯେ ଏଆଇରେ ଆମେରିକାର ପ୍ରାଧାନ୍ୟ ଦୀର୍ଘ ସମୟ ଧରି ଜାରି ରହିବ, କିନ୍ତୁ ବର୍ତ୍ତମାନ ଚୀନ୍ ଏହି ବ୍ୟବଧାନକୁ ଦ୍ରୁତ ଗତିରେ ହ୍ରାସ କରିଛି। ଯଦି ସାରା ବିଶ୍ୱରେ କମ୍ପାନୀଗୁଡ଼ିକ କମ୍ ମୂଲ୍ୟର ଚୀନ୍ ମଡେଲଗୁଡ଼ିକୁ ଗ୍ରହଣ କରନ୍ତି, ତେବେ ଆମେରିକୀୟ କମ୍ପାନୀଗୁଡ଼ିକର ମହଙ୍ଗା ଏଆଇ ନିବେଶରୁ ସମ୍ଭାବ୍ୟ ଲାଭ ହ୍ରାସ ପାଇପାରେ। ଏହି ବିପଦକୁ କ୍ରିସ୍ ଉଡ୍ ଇଙ୍ଗିତ କରୁଛନ୍ତି। ଏଆଇ ବ୍ୟବସାୟ କେବଳ ଭଲ ମଡେଲ ନିର୍ମାଣ କରିବାରେ ସୀମିତ ନୁହେଁ; ଏଥିପାଇଁ ବଡ଼ ଡାଟା ସେଣ୍ଟର, ଅତ୍ୟାଧୁନିକ ଚିପ୍ସ, ଶକ୍ତି, ନେଟୱାର୍କ ଏବଂ କ୍ଲାଉଡ୍ ଭିତ୍ତିଭୂମି ଉପରେ ଯଥେଷ୍ଟ ଖର୍ଚ୍ଚ ଆବଶ୍ୟକ। ବର୍ତ୍ତମାନ, ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏହି ଆଶାରେ କୋଟି କୋଟି ଡଲାର ଖର୍ଚ୍ଚ କରୁଛନ୍ତି ଯେ ଭବିଷ୍ୟତରେ ଏଆଇ ସେବାରୁ ସେମାନଙ୍କର ରାଜସ୍ୱ ବହୁଗୁଣିତ ହେବ।

**ଇ-ଫାଇଲିଂ ସାଇଟ୍ ବନ୍ଦ**

# କରଦାତାଙ୍କ ପାଇଁ ବଢୁଛି ସମସ୍ୟା

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧। ଫଳସ୍ୱରୂପ, ଅନେକ କରଦାତା ଏବଂ ସିଏ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲରେ ସିଷ୍ଟମ୍ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟକ ଲୋକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ ପୋର୍ଟାଲ ଠିକ୍ ଭାବରେ କାମ କରୁନାହିଁ, ଯାହା ଫଳରେ ସେମାନଙ୍କର ଆଇଟିଆର୍‌ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।

ଉପଭୋକ୍ତାଙ୍କ ଅନୁଯାୟୀ, ଅନେକ ପୋର୍ଟାଲରେ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ସମସ୍ୟା କିଛି ଘଣ୍ଟା ଧରି ଜାରି ରହିଛି ବୋଲି ରିପୋର୍ଟ କରିଛନ୍ତି, ଯେତେବେଳେ କି ଅନ୍ୟମାନେ ରିପୋର୍ଟ କରିଛନ୍ତି ଯେ ପୋର୍ଟାଲ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଅଛି, ଯାହା ଫଳରେ ଆଇଟିଆର୍ ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।




**ସାଢ଼େ ତିନି କୋଟିରୁ ଅଧିକ ଆଇଟିଆର୍ ଦାଖଲ**

ଜଣେ ବ୍ୟବହାରକାରୀ ଏକ୍ସ'ରେ ଲେଖିଛନ୍ତି, ଆୟକର ପୋର୍ଟାଲ ଦୁଇ ଘଣ୍ଟା ଧରି ବନ୍ଦ ଅଛି। ସେଥିରେ ଆଇଟିଆର୍ ଫାଇଲିଂ ଏବଂ ଜମା ଫି' ପ୍ରକ୍ରିୟାକରଣ ହେଉନାହିଁ। ଅତି କମ୍‌ରେ ଆୟକର ଦିବସରେ ପୋର୍ଟାଲ ଠିକ୍ ଭାବରେ କାମ କରିବା ଉଚିତ ଥିଲା। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି ଯେ ଇ-ଫାଇଲିଂ ପୋର୍ଟାଲ ଦୀର୍ଘ ସମୟ ଧରି ବନ୍ଦ ଥିଲା, ଯାହା ଫଳରେ କୌଣସି ରିଟର୍ଣ୍ଣ ଫାଇଲ୍ ହେଉନଥିଲା କିମ୍ବା ଜମା କରାଯାଉ ନ ଥିଲା। ଅପରପକ୍ଷେ ସୋସିଆଲ ମିଡିଆରେ ଅନେକ ଲୋକ ଏହା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ଯଦି ଏହି ସମସ୍ୟା ଶୀଘ୍ର ସମାଧାନ ନହୁଏ, ତେବେ ଜୁଲାଇ ୩୧ ଆଇଟିଆର୍ ଫାଇଲିଂ ଶେଷ ତାରିଖକୁ ବୃଦ୍ଧି କରାଯିବା ଉଚିତ। ତଥାପି, ସରକାର କିମ୍ବା ଆୟକର ବିଭାଗ ଏ ପର୍ଯ୍ୟନ୍ତ ଶେଷ ତାରିଖ ବୃଦ୍ଧି କରିବା ସମ୍ପର୍କରେ କୌଣସି ମତାମତ ଦେଇନାହାଁନ୍ତି।

ଆୟକର ବିଭାଗର ୱେବସାଇଟ୍ ଅନୁଯାୟୀ, ୨୦୨୬-୨୭ ବର୍ଷ ପାଇଁ ସାଢ଼େ ତିନି କୋଟି ନିୟୁତରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି। ପ୍ରତିବର୍ଷ, ଶେଷ ତାରିଖ ପାଖେଇ ଆସିଲେ ବହୁ ସଂଖ୍ୟକ ଲୋକ ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରନ୍ତି, ଯାହା କାରଣରୁ ପୋର୍ଟାଲ ପ୍ରାୟତଃ ସମସ୍ୟାର ସମ୍ମୁଖୀନ ହୁଏ। ତେବେ ଆୟକର ବିଭାଗ ପକ୍ଷରୁ ପୋର୍ଟାଲର ସମସ୍ୟା ବିଷୟରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ବର୍ତ୍ତମାନ ପାଇଁ, ପୋର୍ଟାଲ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କରଦାତାମାନଙ୍କୁ ଏହାର ସମାଧାନ ପାଇଁ ଅପେକ୍ଷା କରିବାକୁ ପଡିବ।

# ଟ୍ରେନରେ ଆଉ ମିଳିବନି ମଇଳା ବେଡ୍‌ସିଟ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଯାତ୍ରୀମାନେ ଟ୍ରେନରେ ପ୍ରାୟତଃ ମଇଳା କିମ୍ବା ଦାଗଯୁକ୍ତ ଚାଦର ଦିଆଯାଇଥିବା ଅଭିଯୋଗ କରିଥାନ୍ତି। ରେଳବାଇ ଏବେ ଏକ ଉଚ୍ଚ-ପ୍ରଯୁକ୍ତି ସମାଧାନ ସହିତ ଏହି ସମସ୍ୟାର ସମାଧାନ କରିବ। ଏଣିକି ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ଏସି ଟ୍ରେନ କୋଚରେ ଚାଦର ଏବଂ ତକିଆର ସ୍ୱଚ୍ଛତା ଯାଞ୍ଚ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଣ୍ଡ୍ରିରେ ଧୋଇଥିବା ଚାଦର ଏବଂ ତକିଆର ସଫାତା ଯାଞ୍ଚ କରିବା ପାଇଁ ମଧ୍ୟ ଏଆଇ ବ୍ୟବହାର କରାଯିବ। ଏଥିପାଇଁ, ରେଳବାଇ ସ୍ୱତନ୍ତ୍ର ଏଆଇ-ସକ୍ଷମ କ୍ୟାମେରା ବ୍ୟବହାର କରି ଟ୍ରେନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚାଦର ଏବଂ ତକିଆ ସଠିକ୍ ଭାବରେ ସଫା ହୋଇଛି କି ନାହିଁ ତାହା ସତର୍କତାର ସହ ଯାଞ୍ଚ କରିବ।

ରିପୋର୍ଟ ଅନୁଯାୟୀ, ପୁଣେ, ଜୟପୁର ଏବଂ ଯୋଧପୁର ଡିଭିଜନର ଲଣ୍ଡ୍ରିରେ ଏଆଇ କ୍ୟାମେରା ବ୍ୟବହାର କରି ଦାଗ

**ରେଳବାଇ ଲଣ୍ଡ୍ରିରେ ଲାଗିଛି ଏଆଇ କ୍ୟାମେରା**

**ମାତ୍ର କିଛି ସେକେଣ୍ଡରେ କରିବ ଦାଗ ଚିହ୍ନଟ**

ଚିହ୍ନଟ କରିବା ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ଯାହା ଦ୍ୱାରା ଟ୍ରେନରେ ବ୍ୟବହୃତ କପଡାର ଗୁଣବତ୍ତା ଏବଂ ପରିଷ୍କାରତା ସୁନିଶ୍ଚିତ କରାଯାଇପାରିବ। ଏହା ବ୍ୟତୀତ, ଯାନ୍ତ୍ରିକ ଲଣ୍ଡ୍ରିରେ କପଡାର ଧଳାତା ଏବଂ ଉଜ୍ଜ୍ୱଳତା ମାପିବା ପାଇଁ ହ୍ୱିଟୋ-ମିଟର ବ୍ୟବହାର କରାଯାଉଛି। ଏହା ଏକ ଉପକରଣ ଯାହା କପଡାର ଧଳାତା ଏବଂ ପରିଷ୍କାରତା ମାପିପାରିବ। ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ଲଣ୍ଡ୍ରିରେ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି। ଏଆଇ କ୍ୟାମେରା ସହିତ କପଡାର ପରିଷ୍କାରତା ଯାଞ୍ଚ କରିବା ପାଇଁ, ଧୋଇବା ଏବଂ ଫିନିସିଂ ଲାଇନରେ କ୍ୟାମେରା ସ୍ଥାପନ କରାଯିବ। ସଫା କରିବା ପରେ, ଯେତେବେଳେ ଚାଦର କିମ୍ବା ତକିଆ କଭର ବେଲ୍ଟ ଦେଇ ଯାଏ, ଏହି କ୍ୟାମେରାଗୁଡ଼ିକ ପ୍ରତ୍ୟେକ ପୋଷାକର ଉଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ନେଇଥାଏ। ପରବର୍ତ୍ତୀ କାର୍ଯ୍ୟ ଏଆଇ ଦ୍ୱାରା କରାଯିବ, ହଜାର ହଜାର ସଫା ଏବଂ ଦାଗଯୁକ୍ତ ପୋଷାକରୁ ତଥ୍ୟ ଉପରେ ତାଲିମପ୍ରାପ୍ତ।

## ମାରୁତି ସୁଜୁକି ବ୍ରିଜା ଟର୍ବୋ ବୁଷ୍ଟରଜେଟ୍ ବଜାରରେ

ନୂଆଦିଲ୍ଲୀ,୨୬।୭: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ମାରୁତି ସୁଜୁକି) ପକ୍ଷରୁ ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟର ଶୁଭାରମ୍ଭ କରାଯାଇଛି ଯାହା ଯୁବ ଭାରତୀୟଙ୍କୁ ଉତ୍ସାହଜନ ଚାଳନା କାର୍ଯ୍ୟକ୍ଷତା ପ୍ରଦାନ କରିଥାଏ। ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟ ମାତ୍ର ୭୩୯,୯୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ପ୍ରଗତିଶୀଳ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି ସହିତ ପ୍ରମାଣିତ ଓ ପରିଭାଷିତ କେ୧୫ସି ଡୁଆଲ ଜେଟ ଡୁଆଲ ଭିଭିଟି ଇଞ୍ଜିନରେ ଉପଲବ୍ଧ ହେବ। ନୂଆ ବ୍ରିଜା କେ୧୫ସିରେ ଏକ ନୂତନ -ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଷ୍ଟିଅରି-ମାଉଣ୍ଟେଡ୍ ପ୍ୟାଡେଲ ସିଫ୍ଟର ରହିଛି। ବ୍ରିଜା ଟର୍ବୋ ବୁଷ୍ଟରଜେଟ ୨୦.୪୭ କିମି/ଲିଟରର ଇନ୍ଧନ ଦକ୍ଷତା ରହିଛି ଯାହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଦେଇଥାଏ। ଏହି ନୂତନ କାର୍ ଭିଭାସିଅସ ଅରେଞ୍ଜ ଓ ଲଷ୍ଟ୍ରସ ବିଜ୍ କଲର ସମେତ ପର୍ଲ ବ୍ଲୁଇଶ ବ୍ଲାକ, ମାଗ୍‌ମା ଗ୍ରେ, ସିଜ୍‌ଲିଂ ରେଡ, ସ୍ପ୍ଲେଣ୍ଡିଡ ସିଲଭର ଓ ପର୍ଲ ଆର୍କଟିକ ହ୍ୱାଇଟ ଭଳି ଏକାଧିକ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଛି। ନୂଆ ବ୍ରିଜା ବ୍ଲୁଇଶ ବ୍ଲାକ ରୁମ୍ ସହ ଲଷ୍ଟ୍ରସ ବିଜ, ବ୍ଲୁଇଶ ବ୍ଲାକ ରୁଫ୍ ସହ ଆର୍କଟିକ ହ୍ୱାଇଟ ଓ ବ୍ଲୁଇଶ ବ୍ଲାକ ରୁଫ୍ ସହ ସିଜ୍‌ଲିଙ୍ଗ ରେଡ ଭଳି ଡୁଆଲ-ଟୋନ କଲରରେ ମଧ୍ୟ ଉପଲବ୍ଧ।

# ସଞ୍ଚୟ ଖାତା ସୁଧ ଉପରେ ବି ଲାଗୁଛି ଟିକସ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଲୋକମାନେ ସାଧାରଣତଃ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କ କିମ୍ବା ଡାକ ଘରେ ସଞ୍ଚୟ ଖାତା ଖୋଲିଥାନ୍ତି। ବ୍ୟାଙ୍କଗୁଡ଼ିକ ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ ଆଧାରରେ ଏହି ସଞ୍ଚୟ ଖାତାରେ ଜମା ଉପରେ ସୁଧ ଦିଅନ୍ତି। ଅଧିକାଂଶ କରଦାତାଙ୍କ ମଧ୍ୟରେ ଏକ ସାଧାରଣ ଭୁଲ ଧାରଣା ହେଉଛି ଯେ ସଞ୍ଚୟ ଖାତାରେ ଅର୍ଜିତ ସୁଧ ସମ୍ପୂର୍ଣ୍ଣ କରମୁକ୍ତ, କିନ୍ତୁ ଆୟକର ଆଇନ ଅନୁଯାୟୀ ଏହା ନୁହେଁ। ଆୟକର ଆଇନ ଅନୁଯାୟୀ, ଆପଣଙ୍କ ସଞ୍ଚୟ ଖାତାରେ ଅର୍ଜିତ ସୁଧ ଆୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ବାର୍ଷିକ ଆୟରେ ଯୋଡା ଯାଇଥାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ କର ଲାଗୁ ହୋଇଥାଏ। ତଥାପି, ଆୟକର ବିଭାଗ ସାଧାରଣ ନାଗରିକ ଏବଂ ବରିଷ୍ଠ ନାଗରିକ ଉଭୟଙ୍କୁ ଏହି ସୁଧ ଆୟ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ ଧାରା ଅଧୀନରେ କର ଛାଡ଼ କରେ।

ସାଧାରଣ କରଦାତାଙ୍କ ପାଇଁ (୬୦ ବର୍ଷରୁ କମ୍ ବୟସ୍କ), ସଞ୍ଚୟ ଖାତା ସୁଧ ଉପରେ କର ଛାଡ଼ ଆୟକର ଆଇନର ଧାରା ୮୦ଟିଟିଏ ଅନୁଯାୟୀ ଉପଲବ୍ଧ। ଏହି ଧାରା ଅନୁଯାୟୀ, ଏକ ଆର୍ଥିକ ବର୍ଷରେ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଥିବା ସଞ୍ଚୟ ଖାତାରୁ ଉପାର୍ଜନ କରାଯାଇଥିବା ମୋଟ ସୁଧ




ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ଦାବି କରାଯାଇପାରିବ। ଏହାର ସରଳ ଅର୍ଥ ହେଉଛି ଯଦି ଆପଣଙ୍କର ସମସ୍ତ ସଞ୍ଚୟ ଖାତାରୁ ସମଗ୍ର ବର୍ଷ ପାଇଁ ଅର୍ଜିତ ମୋଟ ସୁଧ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ହୋଇଥାଏ, ତେବେ ଆପଣଙ୍କୁ ଏଥିରେ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ତଥାପି, ଯଦି ଆପଣଙ୍କର ସଞ୍ଚୟ ଖାତାରୁ ସୁଧ ଆୟ ୧୦ ହଜାର ଟଙ୍କା ସୀମା ଅତିକ୍ରମ କରେ, ତେବେ ଅତିରିକ୍ତ ପରିମାଣ 'ଅନ୍ୟ ଉତ୍ସରୁ ଆୟ'ରେ ଯୋଡା ଯାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ ଟିକସ ଲଗାଯାଏ। ଧାରା ୮୦ ଟିଟିଏ ଅନୁଯାୟୀ ଏହି ଛାଡ଼ କେବଳ ସଞ୍ଚୟ ଖାତାରୁ ଅର୍ଜିତ ସୁଧ ଉପରେ ଉପଲବ୍ଧ, ସ୍ଥାୟୀ ଜମା (ଏଫ୍‌ଡି) କିମ୍ବା ଆର୍‌ଡି ଉପରେ ନୁହେଁ।

ବରିଷ୍ଠ ନାଗରିକମାନଙ୍କୁ (୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର) ଆଶ୍ୱସ୍ତି ଦେବା ପାଇଁ ଆୟକର ବିଭାଗ ଧାରା ୮୦ ଟିଟିବି ପ୍ରଚଳନ କରିଛି, ଯାହା ସାଧାରଣ ନାଗରିକଙ୍କ ପାଇଁ ଉପଲବ୍ଧ ଅପେକ୍ଷା ଯଥେଷ୍ଟ ଅଧିକ ଛାଡ଼ ପ୍ରଦାନ କରେ। ଧାରା ୮୦ ଟିଟିବି ଅନୁଯାୟୀ, ବରିଷ୍ଠ ନାଗରିକମାନେ ଏକ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆୟ ଉପରେ ଟିକସ ଛାଡ଼ ଦାବି କରିପାରିବେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସବୁଠାରୁ ବଡ଼ ସୁବିଧା ହେଉଛି ଏହି ୫୦ ହଜାର ଟଙ୍କାର ସୀମାରେ କେବଳ ସଞ୍ଚୟ ଆକାଉଣ୍ଟରୁ ସୁଧ ନୁହେଁ, ବରଂ ସ୍ଥାୟୀ ଜମା (ଏଫ୍‌ଡି), ପୁନରାବୃତ୍ତି ଜମା (ଆର୍‌ଡି) ଏବଂ ପୋଷ୍ଟ ଅଫିସ ଯୋଜନାରୁ ସୁଧ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ଅର୍ଥ ହେଉଛି ଯଦି ଜଣେ ବୟସ୍କ ବ୍ୟକ୍ତିଙ୍କ ସମସ୍ତ ଜମା ଯୋଜନାରୁ ବାର୍ଷିକ ସୁଧ ଆୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ, ତେବେ ସେମାନଙ୍କୁ ଏହା ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ଏବଂ ବ୍ୟାଙ୍କଗୁଡ଼ିକ ଏହା ଉପରେ ଟିଡିଏସ୍ କାଟିବେ ନାହିଁ।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣ



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଳକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ଟାଇଟାନିକ୍ ଜାହାଜର ପ୍ରଥମ ଥର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଲ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୭୦ ଲୋକଙ୍କ ପ୍ରାଣହାନି।

## ଚେହେରା ଲୁଚାଇଲେ ରଣବୀର



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର ସିଂହ 'ଧୁରନ୍ଧର ୨'ର ଜବରଦସ୍ତ ସଫଳତା ପରେ ଏବେ ବକ୍ସ ଅଫିସ୍‌କୁ ପୁଣି ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ରଣବୀର ଏବେ ତାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଫିଲ୍ମ ନିର୍ମାତା ହଂସଲ ମେହେଟାଙ୍କ ଅଫିସ୍ ବାହାରେ ଦେଖା ଯାଇଥିଲେ। ଏହିସମୟରେ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ କ୍ୟାପ୍ ପିନ୍ଧି ନିଜର ନୂଆ ଲୁକ୍‌କୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ରଣବୀର 'ପ୍ରଳୟ' ଫିଲ୍ମ ପାଇଁ ଏକ ନୂଆ ଲୁକ୍ ଆପଣାଉଛନ୍ତି, ଯାହାକୁ ସେ ଫିଲ୍ମର ଅଫିସିଆଲ୍ ଘୋଷଣା ପୂର୍ବରୁ ଲୋକଲୋଚନକୁ ଆଣିବାକୁ ଚାହୁଁ ନାହାନ୍ତି। ସେଥିପାଇଁ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ ମୁଣ୍ଡରେ କ୍ୟାପ୍ ପିନ୍ଧି ମୁହଁକୁ ଗଣମାଧ୍ୟମଠାରୁ ଲୁଚାଉଥିବା ଚର୍ଚ୍ଚା ହେଉଛି। ସେ ଅଗଷ୍ଟରୁ 'ପ୍ରଳୟ'ର ସୁଟିଂ ଆରମ୍ଭ କରିବେ। ଫିଲ୍ମର ସୁଟିଂ ଦୀପାବଳି ପର୍ଯ୍ୟନ୍ତ ଚାଲିବ। ଏହି ଫିଲ୍ମର ଏକ ବଡ଼ ଅଂଶର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ଏଥିରେ ରଣବୀରଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ମଧ୍ୟ ହେବ। ଫିଲ୍ମର ବଜେଟ୍ ରହିଛି ୩୦୦ କୋଟି। ଏହା ରଣବୀରଙ୍କ କ୍ୟାରିୟରର ସବୁଠାରୁ ବ୍ୟୟବହୁଳ ସୋଲୋ ଫିଲ୍ମ ହେବାକୁ ଯାଉଛି। ବିଶେଷ କଥା ହେଉଛି, ରଣବୀର ଏହି ଫିଲ୍ମକୁ ନିଜ ପ୍ରଡକ୍ସନ ହାଉସ୍ ଅଧୀନରେ କୋ-ପ୍ରଡ୍ୟୁସ ମଧ୍ୟ କରୁଛନ୍ତି।

## ରସଗୋଲା ଦିବସ



ଆଜି ରସଗୋଲା ଦିବସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଅବସରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରି ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ତିଥିରେ ପୁରୀ ବଡ଼ଦେଉଳର ଜୟ ବିଜୟ ଦ୍ୱାରରେ ମହାଲକ୍ଷ୍ମୀଙ୍କ କ୍ରୋଧ ଭାଙ୍ଗିବା ପାଇଁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ରସଗୋଲା ଅର୍ପଣ କରାଯାଏ। ତା' ପରେ ଠାକୁରମାନେ ମନ୍ଦିରରେ ପ୍ରବେଶ କରନ୍ତି। ଦ୍ୱାଦଶ ଶତାବ୍ଦୀରୁ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଭେଟି ପରମ୍ପରା ଚାଲି ଆସୁଛି ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି। ଏହି ପରମ୍ପରା ଓଡ଼ିଆ ସଂସ୍କୃତିରେ ରସଗୋଲାର ମହତ୍ତ୍ୱକୁ ଦର୍ଶାଏ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରସାର ପ୍ରଚାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲା। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶା ପକ୍ଷରୁ ତଥ୍ୟ ପ୍ରମାଣ ସହ ରସଗୋଲାର ଉତ୍ପତ୍ତି ଓଡ଼ିଶାରୁ ବୋଲି ସ୍ପଷ୍ଟ କରାଯାଇଥିଲା। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ବି ପରିଚିତ। ରସଗୋଲା ଦିବସ ପାଇଁ ପାହାଳ ଓ ସାଲେପୁରରେ ପ୍ରବଳ ଭିଡ଼ ଜମେ। ମିଠା ବ୍ୟବସାୟୀମାନେ ବିଭିନ୍ନ ଆକାରର ଏବଂ ନୂଆ ନୂଆ ସ୍ୱାଦର ରସଗୋଲା ପ୍ରସ୍ତୁତ କରିଥାନ୍ତି। ପାହାଳ ରସଗୋଲା ଆକାରରେ ସାମାନ୍ୟ ଛୋଟ, ଅତି ନରମ ଏବଂ ଏହାକୁ ସାରା ଦିନ ଗରମ ସିରାରେ ରଖାଯାଇଥାଏ। ଏହାକୁ ତତଲା ଖାଇବାକୁ ଲୋକେ ପସନ୍ଦ କରନ୍ତି। ସେହିପରି ସାଲେପୁର ରସଗୋଲା ଆକାରରେ ବଡ଼ ଏବଂ ସାମାନ୍ୟ ଶକ୍ତ ହୋଇଥାଏ। ଏହାର ସ୍ୱାଦ ଦୀର୍ଘ ଦିନ ପର୍ଯ୍ୟନ୍ତ ଖରାପ ହୁଏନାହିଁ ଏବଂ ଏହାକୁ ପ୍ୟାକେଟ୍ କରି ବାହାରକୁ ପଠାଯାଏ।

## ଆଜି ବାହୁଡ଼ିଥିଲେ

### ମିସାଇଲ୍ ମ୍ୟାନ୍

### ଏପିଜେ ଅବଦୁଲ କଲାମ



ଭାରତର ପୂର୍ବତନ ଲୋକପ୍ରିୟ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କର ଆଜି ପୁଣ୍ୟତିଥି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ। ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାମିଲନାଡୁର ରାମେଶ୍ୱରମ୍‌ରେ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ସେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ସଂଘର୍ଷରେ ଜୀବନ ଅତିବାହିତ କରିଥିବା କଲାମ ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ପାଲଟି ଯାଇଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ୧୯୬୯ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇଯାଇଥିଲେ। ସେବେଠୁ ସେ ରଚି ଚାଲିଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କାହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବିଜ୍ଞାନକୁ ଅତି ସରଳ ଭାବେ ଛାତ୍ରମାନଙ୍କୁ ବୁଝାଇ ସେମାନଙ୍କ ସହ ସମୟ ଅତିବାହିତ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଭିଜନ୍ ୨୦୨୦', 'ଇଗ୍‌ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୧୫ ଆଜିର ଦିନରେ ସିଲଂର ଆଇଆଇଏମ୍ ଇନଷ୍ଟିଚ୍ୟୁଟ୍‌ରେ ଭାଷଣ ଦେଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସ୍ତୁତି

## କେଉଁ ଅଙ୍ଗୁଳି ପାଇଁ କେଉଁ ଗ୍ରହ ମୁଦି

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଅଙ୍ଗୁଳିର ସମ୍ବନ୍ଧ କୌଣସି ଗ୍ରହ ସହିତ ସମ୍ବନ୍ଧିତ। ଏଣୁ କୌଣସି ଗ୍ରହର ମୁଦି ବା ଧାତୁ ଧାରଣ କରିବା ବେଳେ ଠିକ୍ ଅଙ୍ଗୁଳିରେ ପିନ୍ଧିବା ଉଚିତ।**



**ତର୍ଜନୀ:** ସୁନା ମୁଦି ତର୍ଜନୀ ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ସୂର୍ଯ୍ୟ ଗ୍ରହ ସହିତ ସମ୍ବନ୍ଧିତ। ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କ୍ଷମତା, ସମ୍ମାନ ସହିତ ଏହା ଜଡ଼ିତ ବୋଲି ବିବେଚନା କରାଯାଏ।

**ମଧ୍ୟମା:** ଲୁହା ମୁଦି ଶନି ଗ୍ରହ ସହିତ ସମ୍ବନ୍ଧିତ। ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦ୍‌ଙ୍କ ପରାମର୍ଶ ନେବା ଉଚିତ। ଏହାକୁ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।

**ଅନାମିକା:** ତମ୍ବା ବା ସୁନା ସୂର୍ଯ୍ୟ ଗ୍ରହ ସହିତ ଜଡ଼ିତ। ଏହା ଯଶ, ପ୍ରତିଷ୍ଠା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ। ଅନାମିକା ଅଙ୍ଗୁଳିରେ ଏହାକୁ ଧାରଣ କରିବା ଭଲ।

**କନିଷ୍ଠା:** ରୂପା ମୁଦି ବୁଧ ଗ୍ରହ ସହିତ ଜଡ଼ିତ। ବାଣୀ, ବୁଦ୍ଧି, ସଂଚାର କୌଶଳ ସହିତ ଏହା ଜଡ଼ିତ। ଉକ୍ତ ମୁଦିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଭଲ।

**ବୁଢ଼ା ଅଙ୍ଗୁଳି:** ଶୁକ୍ର ଗ୍ରହ ସହିତ ରୂପା ଜଡ଼ିତ। ଆକର୍ଷଣ, ସୃଜନଶୀଳତା ଏବଂ ସୌନ୍ଦର୍ଯ୍ୟର ଏହା ପ୍ରତୀକ। ଏହାକୁ ବୁଢ଼ା ଅଙ୍ଗୁଳିରେ ପିନ୍ଧିବା ଉଚିତ।

## ନୀଳାଦ୍ରି ବିଜେ




**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ମହାପ୍ରଭୁ ରତ୍ନବେଦୀକୁ ବାହୁଡ଼ିବେ। ତିନି ଠାକୁର ରତ୍ନ ସିଂହାସନରେ ବିଜେ କରିବେ। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ଭେଟ ହୋଇଥାନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ରଥଯାତ୍ରାରେ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ମହାପ୍ରଭୁ ତାଙ୍କ ମାନଭଞ୍ଜନ କରନ୍ତି। ତେଣୁ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।

ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ଗୁରୁ ମନ୍ତ୍ରର ମହତ୍ତ୍ୱ



ଗୁରୁ-ଶିଷ୍ୟ ସମ୍ପର୍କର ଏକ ନିଆରା ଉତ୍ସବ ହେଉଛି ଗୁରୁ ପୂର୍ଣ୍ଣିମା। ଜୁଲାଇ ୨୯ ତାରିଖରେ ଏହାକୁ ପାଳନ କରାଯିବ। ଗୁରୁ ପୂର୍ଣ୍ଣିମା ଭଳି ଏକ ଶୁଭ ଅବସରରେ ଶିଷ୍ୟ ନିଜ ଗୁରୁଙ୍କ ପୂଜା କରି କୃତଜ୍ଞତା ଜ୍ଞାପନ କରନ୍ତି। ଏହାସହ ଏହି ଅବସରରେ ବହୁ ସଂଖ୍ୟକ ଲୋକ ଗୁରୁ ମନ୍ତ୍ର ନିଅନ୍ତି।

- ଗୁରୁ ମନ୍ତ୍ର ଦେବାର ବିଶେଷ ବିଧି ଅଛି। ଶିଷ୍ୟଙ୍କୁ ଗୁରୁ ମନ୍ତ୍ର ସହ ଜଡ଼ିତ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ସେହିପରି ଗୁରୁ ଆଜ୍ଞା ସବୁବେଳେ ପାଳନ କରିବାକୁ ପଡ଼ିଥାଏ। ଯେଉଁ ବ୍ୟକ୍ତି ଗୁରୁଙ୍କ ଆଦେଶରେ ଜୀବନ ଅତିବାହିତ କରନ୍ତି, ଭଲ ଆଚରଣ ଏବଂ ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କ ଜୀବନ ସଫଳ ହୁଏ।
- ଗୁରୁ ଯେତେବେଳେ ନିଜ ଶିଷ୍ୟଙ୍କୁ ଦୀକ୍ଷା ଦିଅନ୍ତି, କାନରେ ମନ୍ତ୍ର କୁହନ୍ତି। ହିନ୍ଦୁ ଧର୍ମରେ ଶରୀରର ଡାହାଣ ଭାଗକୁ ଅଧିକ ପବିତ୍ର ବୋଲି କୁହାଯାଏ। ତେଣୁ ଗୁରୁ ଶିଷ୍ୟର ଡାହାଣ କାନରେ ମନ୍ତ୍ର କହନ୍ତି। ମନ୍ତ୍ରକୁ ଧୀରେ ଧୀରେ କାନରେ କହିବା ପଛରେ କାରଣ ଅଛି। ଏହି ପ୍ରକ୍ରିୟା ଯେଭଳି ଗୁପ୍ତ ଓ ଏହାର ପ୍ରଭାବ ଅଧିକ ରହିବ। ମନ୍ତ୍ରର ଶକ୍ତି କେବଳ ଗୁରୁ ଓ ଶିଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ରହିବା ଉଚିତ।
- ସେହିପରି ଗୁରୁ ଶିଷ୍ୟଙ୍କ କାନରେ ମନ୍ତ୍ର କହୁଥିବା ବେଳେ ଶିଷ୍ୟ ମଧ୍ୟ ଏହାକୁ ସବୁଦିନ ପାଇଁ ନିଜ ଭିତରେ ହିଁ ସୀମିତ ରଖନ୍ତି। ଏହାର ଅର୍ଥ ଗୁରୁ ମନ୍ତ୍ର କାହାକୁ କୁହାଯାଏ ନାହିଁ। କୁହାଯାଏ ମନ୍ତ୍ର ଅନ୍ୟ କାହାରିକୁ କହିବା ଦ୍ୱାରା ଏହାର ଶକ୍ତି କମ୍ ହୋଇଯାଏ। ଶିଷ୍ୟର ମନ୍ତ୍ର ଜପକୁ ନେଇ ଏକାଗ୍ରତା କମ୍ ହୋଇଯାଏ। ଏହା ଦ୍ୱାରା ଗୁରୁ ମନ୍ତ୍ରର ଲାଭ ପ୍ରାପ୍ତ ହୁଏ ନାହିଁ।
- ଧାର୍ମିକ ମାନ୍ୟତାନୁସାରେ, ଗୁରୁ ମନ୍ତ୍ର ସାଧକଙ୍କୁ ଆଧ୍ୟାତ୍ମିକ ଅନୁଶାସନ, ଏକାଗ୍ରତା, ଆତ୍ମଚିନ୍ତନର ମାର୍ଗ ଦେଖାଏ। ଗୁରୁ ମାର୍ଗଦର୍ଶନରେ ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ସାଧକ ମନ ଶାନ୍ତ ରହେ। ତା'ସହ ସେ ନିଜ ଇଷ୍ଟଙ୍କ ପ୍ରତି ଭକ୍ତି ଓ ସାଧନାରେ ଅଧିକ ଏକାଗ୍ର ହୋଇପାରେ। ଅବଶ୍ୟ ଗୁରୁ ମନ୍ତ୍ର ଓ ସାଧନା ସହିତ ଜଡ଼ିତ ନିୟମ ଅଲଗା ଅଲଗା ସଂପ୍ରଦାୟ ଏବଂ ଗୁରୁ ପରମ୍ପରାରେ ଅଲଗା ହୋଇପାରେ।

## ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ। ଏହା ଚାରିମାସ ଧରି ବଳବତ୍ତର ରହିବ। କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ। ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି। ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା।



- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ। ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି।

## ଭାରତକୁ ଡବଲ୍ ବିଶ୍ୱକପ୍ ଯୋଗ୍ୟତା

ୟୁଥ୍ ୫-ଏ ସାଇଡ୍ ହକି

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ବାଳକ ଦଳ ଏଠାରେ ଅନୁଷ୍ଠିତ ଏସୀୟ ୟୁଥ୍ ୫-ଏ ସାଇଡ୍ ହକିରେ ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚୀନ୍‌ଠାରୁ ୨-୪ ଗୋଲରେ ପରାଜିତ ହୋଇ ବାଳିକା ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫଳରେ ଭାରତର ଉଭୟ ଦଳ ଆଗାମୀ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ସ୍ୱର୍ଣ୍ଣ ବିଜେତା ବାଳକ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ, ରନର୍ସଅପ୍ ବାଳିକା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ଭାରତର ଉଭୟ ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

## ମାଷ୍ଟର ଶକ୍ତିଉତ୍ତୋଳକଙ୍କୁ ୫ ପଦକ

ଭୁବନେଶ୍ୱର, ୨୬।୭ (ସମିସ): ମହାରାଷ୍ଟ୍ରରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମାଷ୍ଟରମାନେ ୫ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଷ୍ଟର-୨'ରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ, ଉମାକାନ୍ତ ବେହେରା, ମୋହନ ନାଗ, ବାବୁଲା ସାମଲ ଓ ବିଟିଭି ରମଣମୂର୍ତ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବେଞ୍ଚପ୍ରେସ୍‌ରେ ମହିଳାମାନେ ଦମ୍ ଦେଖାଇ କାଂସ୍ୟ ବିଜୟରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମଧ୍ୟରେ ରୀତା ଘୋଷ, ପ୍ରତିମା ରଥ, ଗୀତାଞ୍ଜଳି ନାୟକ ଓ ମୌସୁମୀ ଟକରି କାଂସ୍ୟ ପଦକ ନେଇ ଫେରିଥିଲେ। ରାକେଶ ଶତପଥୀଙ୍କ ପ୍ରଶିକ୍ଷଣ ଏମାନଙ୍କୁ ପଦକ ଜିତାଇବାରେ ସହାୟତା କରିଥିଲା। ଏହି ସଫଳ ପ୍ରତିଯୋଗୀଙ୍କୁ ଡଃ ହରିପ୍ରସାଦ ପଟ୍ଟନାୟକ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ଓ ପ୍ରଦୀପ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

## କେଭି ଜାତୀୟ ସୁଟିଂରେ ସତ୍ୟମ୍‌ଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୬।୭ (ସମିସ): ପଞ୍ଜାବର ଫଗୱାରାଠାରେ ଶେଷ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୫୫ତମ ବାର୍ଷିକ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩'ର ୮ମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍ ଇଭେଣ୍ଟର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଏହି ସଫଳତା ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ସତ୍ୟମଙ୍କ ନିଜ ଘର ବେଗୁନିଆରେ। ତାଙ୍କର ଏହି ସଫଳତା ଲାଗି କେଭି-୩'ର ପ୍ରିନ୍ସିପାଲ, ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ବାହୁକୁସ୍ତି ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ବାହୁକୁସ୍ତି ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ରାଜ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଶର୍ମା, ଉପସଭାପତି ଭାବେ ସୁଶାନ୍ତ କୁମାର ପାତ୍ର ଓ ସଞ୍ଜୀବ କୁମାର ଚିନାରା, ଯୁଗ୍ମ ସମ୍ପାଦକ ସାଗର ନାୟକ ଓ ଗୌରାଙ୍ଗ ପାତ୍ର, ସହସମ୍ପାଦକ ଭାବେ ଶଶିକାନ୍ତ ଜେନା ଓ କୋଷାଧ୍ୟକ୍ଷ ଭାବେ ଗୋପାଳଚନ୍ଦ୍ର ନାୟକ ଆସନ୍ତା ୪ ବର୍ଷ ଲାଗି ମନୋନୀତ ହୋଇଛନ୍ତି।



FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ରେକର୍ଡ ସହ ରିଷିକାନ୍ତଙ୍କୁ ରୌପ୍ୟ

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି)

ରିଷିକାନ୍ତ ସିଂ ଏଠାରେ ଚାଲିଥିବା ୨୩ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ଲାଗି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ରବିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ ଭାରୋତ୍ତୋଳନରେ ରିଷିକାନ୍ତ ସ୍ନାଚ୍‌ରେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିବା ପରେ ଓଭରଅଲ ପୋଜିସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରବିବାର ରାତିରେ ମୀରାବାଇ ଚାନୁ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହା ପୂର୍ବରୁ ପାରା ଭାରୋତ୍ତୋଳନରେ ଝାଣ୍ଟୁ କୁମାର ପ୍ରଥମ ପଦକ ଭାବେ କାଂସ୍ୟ ହାସଲ କରିଥିଲେ। ରବିବାର ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନିରାଶାଜନକ ହୋଇଥିଲାବେଳେ ରିଷିକାନ୍ତଙ୍କ ରେକର୍ଡ ଓ ଶ୍ରୀହରି ନଟରାଜଙ୍କ ନେତୃତ୍ୱରେ ଭାରତର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିବା ଉଲ୍ଲେଖନୀୟ ହୋଇଥିଲା।

ପୂର୍ବରୁ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀର ଫାଇନାଲରେ ରିଷିକାନ୍ତ ସିଂ ସ୍ନାଚ୍‌ର ତୃତୀୟ ପ୍ରୟାସରେ ୧୨୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଥିଲେ। ଏହି ପ୍ରଦର୍ଶନ ପରେ ସେ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଥିଲେ। ପ୍ରଥମ ସ୍ଥାନରେ ଥିବା ମାଲେସିଆର ମହମ୍ମଦ୍ ଅନିକ୍ ବିନ୍ କାସଦନ ଓ ରିଷିକାନ୍ତଙ୍କ ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ପ୍ରଥମ ଆଟେମ୍ପଟରେ ରିଷିକାନ୍ତ ୧୪୩ କେଜି ଓଜନ ଉଠାଇଥିଲେ ଅନ୍ୟ ଦୁଇଟିରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ପ୍ରୟାସରେ ଅନିକ୍ ୧୪୫ କେଜି ଉଠାଇ ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ଉଭୟ ସ୍ନାଚ୍‌ରେ ୧୨୧ କେଜି ଓଜନ ଉଠାଇ ରେକର୍ଡ କରିଥିଲାବେଳେ ଅନିକ୍ ମୋଟରେ ୨୬୬ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଓ ରିଷିକାନ୍ତ ୨୬୪ କେଜି ଓଜନ ଉଠାଇ ରୌପ୍ୟ ଜିତିଥିଲେ।

### ଓଡ଼ିଶାର ତପନଙ୍କୁ ୧୫ତମ ସ୍ଥାନ

ଓଡ଼ିଶାର ଯୁବ ଜିମ୍ନାଷ୍ଟ ତପନ ମହାନ୍ତିଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିରାଶ ହେବାକୁ ପଡ଼ିଛି। ରବିବାର ଅନୁଷ୍ଠିତ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡର ଫାଇନାଲରେ ତପନ ୧୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୀର ୨୪ ବର୍ଷୀୟ ତପନ ଏହି ଇଭେଣ୍ଟରେ ଛଅଟି ଯାକ ଡିସିପ୍ଲିନରେ ମୋଟ୍ ୭୦.୧୦୦ ପଏଣ୍ଟ ରଖିଥିଲେ। ସେ ଫ୍ଲୋରରେ ୧୧.୮୫୦, ପୋମେଲ ହର୍ସରେ ୯.୫୦୦, ରିଙ୍ଗ୍‌ସରେ ୧୨.୦୦୦, ଭଲ୍ଟରେ ୧୨.୭୦୦, ପାରାଲାଲ ବାର୍ସରେ ୧୨.୪୫୦ ଓ ହୋରିଜଣ୍ଟାଲ ବାର୍‌ରେ ୧୧.୬୦୦ ସ୍କୋର ରଖିଥିଲେ। ଏଥିପୂର୍ବରୁ ଆର୍ଟିଷ୍ଟିକ ଟିମ୍ ଇଭେଣ୍ଟରେ ଭାରତ ୧୨୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଥିଲା।

### ସନ୍ତରଣ ରିଲେ ଟିମ୍‌ର ଦମ୍‌ଦାର ପ୍ରଦର୍ଶନ

ଭାରତୀୟ ସନ୍ତରଣ ଦଳ ପୁରୁଷ ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଛି। ଶ୍ରୀହରି ନଟରାଜ, ଆର୍ଯ୍ୟନ ନେହେରା, ଅନୀସ ଗୌଡ ଓ ଦକ୍ଷନ ଶଶିକୁମାର ଏହି ରିଲେ ଟିମ୍‌ର ସଦସ୍ୟ ରହିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ସରେ ଭାରତୀୟ ରିଲେ ଟିମ୍ ୭.୩୯.୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ବିଳମ୍ବିତ ରାତିରେ ହେବାକୁ ଥିବା ଫାଇନାଲରେ ଏହି ରିଲେ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ ଦଳ ଆଶା ରଖିଛି।

ସେହିଭଳି ବ୍ୟକ୍ତିଗତ ଭଲ୍ଟରେ ପ୍ରତିଷ୍ଠା ସାମନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ବେଙ୍ଗଲର ପ୍ରଣତି ନାୟକ ବ୍ୟକ୍ତିଗତ ଭଲ୍ଟରେ ୭ମ ସ୍ଥାନରେ ରହି ନିରାଶ କରିଛନ୍ତି।

## ଜିମ୍ବାୱେର ହ୍ୟାଟ୍ରିକ ପରାଜୟ

# ଭାରତର ସିରିଜ କ୍ଲିନ୍‌ସୁଇପ୍

ହରାରେ, ୨୬।୭ (ଏଜେନ୍ସି)

ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ଅନ୍ତିମ ତଥା ତୃତୀୟ ଟି-୨୦ ମ୍ୟାଚରେ ଭାରତ ୩୫ ରନରେ ଘରୋଇ ଜିମ୍ବାୱେକୁ ହରାଇଦେଇଛି। ଫଳରେ ତିନି ମ୍ୟାଚବିଶିଷ୍ଟ ସିରିଜକୁ ଶ୍ରେୟସ ଆୟରଙ୍କ ଦଳ ୩-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୭ ୱିକେଟ୍ ଓ ୯୦ ରନରେ ବିଜୟୀ ହୋଇଥିଲା। ଭାରତ ଏବେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।



### ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଅର୍ଦ୍ଧଶତକ

ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ୫ ୱିକେଟରେ ୧୯୨ ରନର ବିଶାଳ ସ୍କୋର କରିଥିଲା। ସିରିଜରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୪୯ ବଲରେ ୮୧ ରନ (୮ ଚୌକା ଓ ୪ ଛକା)ର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୨୯, ଅଧିନାୟକ ଶ୍ରେୟସ ଆୟର ୨୭, ରିଙ୍କୁ ସିଂ ୨୫, ତିଲକ ବର୍ମା ୧୧* ଓ ଅଭିଷେକ ଶର୍ମା ୨ ରନ କରିଥିଲେ। ଜିମ୍ବାୱେର ବ୍ରାଡ୍ ଇଭାନ୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ର୍ୟାନ ବର୍ଲ (୪୩ ବଲରେ ୫୪ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ଯାଦବ ୩ଟି ଓ ଯଶ ଠାକୁରଙ୍କୁ ୨ଟି ୱିକେଟ୍ ମିଳିଥିଲା। ସୂର୍ଯ୍ୟବଂଶୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ■ ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍

## ଭାରତ ପୁଣି ନଂ-୧

ଦୁବାଇ,୨୬।୭ (ଏଜେନ୍ସି): ଆଇସିସି ଦ୍ୱାରା ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଭାରତ ପୁଣିଥରେ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ବିପକ୍ଷ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଭାରତ ୧୫ଦିନ ପରେ ଶୀର୍ଷ ସ୍ଥାନକୁ ଫେରିଥିଲା। ଜିମ୍ବାୱେ ସିରିଜ୍ ପୂର୍ବରୁ ଭାରତ ୨-୦ରେ ଆୟର୍ଲାଣ୍ଡଠାରୁ ଓ ୪-୦ରେ ଇଂଲଣ୍ଡଠାରୁ ହାରିଯିବା ପରେ ଦୀର୍ଘ ୧୬୦୫ ଦିନ ପରେ ନଂ-୧ ପୋଜିସନ ହରାଇଥିଲା। ଇଂଲଣ୍ଡ ନୂଆ ନଂ-୧ ଟିମ୍ ହୋଇଥିଲା। ଜିମ୍ବାୱେ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳର ରେଟିଂ ପଏଣ୍ଟ ସମାନ ୨୬୮ ରହିଛି। କିନ୍ତୁ ରେଟିଂ ଡେସିମାଲରେ ଭାରତ ଆଗରେ ଥିବାରୁ ନଂ-୧ ସ୍ଥାନ ପୁଣିଥରେ ହାସଲ କରିନେଇଛି।

### ● ରାଜ୍ୟ ଜୁନିଅର ଭାରୋତ୍ତୋଳନ

## ଭୁବନେଶ୍ୱର, ଗଞ୍ଜାମର ପ୍ରାଧାନ୍ୟ ଅବ୍ୟାହତ




ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର ଅବ୍ୟାହତ ରଖିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିନରେ ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଦେବାଂଶୀ ପ୍ରିୟଦର୍ଶିନୀ ଓ ତପସ୍ୱୀନୀ ସିଂ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଞ୍ଜିତା କଲାର, ମୋମି କବାସି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ବି ଜଗବନ୍ଧୁ ପାତ୍ର, ଗଗନଦୀପ ମହାନ୍ତ, ଆଦିତ୍ୟ କୁମାର ମଲ୍ଲିକ, ୧୪ ବର୍ଷରୁ କମ ବାଳକ ବିଭାଗରେ ଅନୁଭବ ରଣା, ଦୀପକ ସାଆନ୍ତା, ଘାସୀରାମ ନାଏକ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ଭାରୋତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

## ଗ୍ରୀକ୍ କ୍ଲବ୍ ପକ୍ଷରୁ ଖେଳିବେ ମନୀଷା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ୍ ଦଳର ତାରକା ୱିଙ୍ଗର ମନୀଷା କଲ୍ୟାଣ ଗ୍ରୀକ୍ କ୍ଲବ ଏଇକେ ଏଥେନ୍ସ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟା ମନୀଷା ଏହି ସୂଚନା ଦେଇଛନ୍ତି। ଫଳରେ ମନୀଷାଙ୍କ ଫୁଟବଲ୍ କ୍ୟାରିୟରରେ ଏହା ୪ର୍ଥ ବିଦେଶୀ କ୍ଲବ ହେବ। ମନୀଷା ଏଥିପୂର୍ବରୁ ପେରୁର ଆଲିଆଞ୍ଜା ଲିମା ଫେମେନିନୋ କ୍ଲବ ପକ୍ଷରୁ ଖେଳୁଥିଲେ। ସେହିଭଳି ୨୦୨୨ରେ ସେ ୟୁଫା ଓମେନ୍ସ ଚାମ୍ପିଅନ୍ସ ଲିଗରେ ସାଇପ୍ରସଭିତ୍ତିକ କ୍ଲବ ଆପୋଲୋନ ଲେଡିଜ ଏଫ୍‌ସି ପାଇଁ ପ୍ରତିନିଧିତ୍ୱ କରିଥିଲେ। ଫଳରେ ସେ ପ୍ରଥମ ଭାରତୀୟ ଫୁଟବଲର୍ ଭାବେ ୟୁଫା ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ତନ୍‌ଭୀଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେଲା ଓସ୍‌ବା



ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ରାଜ୍ୟର କୃତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ରବିବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅବସରରେ ଓସ୍‌ବା' ସାଧାରଣ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତବର୍ଷ ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ତନ୍‌ଭୀ ପତ୍ରୀଙ୍କୁ ଓସ୍‌ବା ପକ୍ଷରୁ ୫ ଲକ୍ଷ ଟଙ୍କା, ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ବ୍ୟତୀତ ବାଳିକା ଯୁଗଳରେ ରନର୍ସ ଅପ୍ ହୋଇଥିବା ନିମିଶା ଓଝା ଓ ସ୍ୱାତୀ ନାୟକଙ୍କୁ ୧ଲକ୍ଷ ୨୫ ହଜାର ଏବଂ ବିକାଶ ଟପ୍ପୋଙ୍କୁ ମଧ୍ୟ ୧ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ୪ଟି ଜୋନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଓସ୍‌ବାର ସଭାପତି ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଲିନ କୁମାର, କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ଉପସ୍ଥିତ ଥିଲେ।

### ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍

## ଇଶାନି ଚାମ୍ପିଅନ, ଆହାନ ରନର୍ସଅପ୍



ଭୁବନେଶ୍ୱର,୨୬।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନି ଦାସ ଚାମ୍ପିଅନ ହୋଇଥିଲାବେଳେ ବ୍ଲୁଜମ୍ସ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ରାଉତ ୫ମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS